


ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008




୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୧୬୪ ● ୧୪ ଜୁଲାଇ ୨୦୨୬ ମଙ୍ଗଳବାର ● ଭୁବନେଶ୍ୱର ● Vol -33 ● Issue-164 ● 14th July 2026, Tuesday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

## ରାମ ମନ୍ଦିର ଦାନ ଚୋରି ମାମଲା

# ୟୁପି ସରକାରଙ୍କଠାରୁ ଏସ୍ଆଇଟି ତଦନ୍ତ ରିପୋର୍ଟ ତଲବ

**ନୂଆଦିଲ୍ଲୀ, ୧୩।୭**

ରାମ ମନ୍ଦିର ଦାନ ଚୋରି ମାମଲାରେ ସୁପ୍ରିମକୋର୍ଟ ରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟକୁ ନୋଟିସ୍ ଜାରି କରି ଏକ ସପ୍ତାହ ମଧ୍ୟରେ ଷ୍ଟାଟସ୍ ରିପୋର୍ଟ ମାଗିଛନ୍ତି। କୋର୍ଟ କହିଛନ୍ତି, ଏହା ଦ୍ୱାରା ଆମେ ଅବଗତ ହୋଇପାରିବୁ ଯେ ତଦନ୍ତ ଜାରି ରହିଛି। ଏହା ସହ ଉତ୍ତର ପ୍ରଦେଶ ସରକାରଙ୍କ ଦ୍ୱାରା ଗଠିତ ସ୍ୱତନ୍ତ୍ର ତଦନ୍ତ ଦଳ(ଏସଆଇଟି)କୁ ମଧ୍ୟ ଏକ ଷ୍ଟାଟସ୍ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବର୍ତ୍ତମାନ ପାଇଁ ଆବେଦନକାରୀଙ୍କୁ ଏହି ଷ୍ଟାଟସ୍ ରିପୋର୍ଟର ଏକ କପି ପ୍ରଦାନ କରାଯିବ ନାହିଁ। ରିପୋର୍ଟକୁ ଏକ ବନ୍ଦ ଲଫାପାରେ କୋର୍ଟରେ ଉପସ୍ଥାପନ କରାଯିବ। ପରବର୍ତ୍ତୀ ଶୁଣାଣି ଆସନ୍ତା ୨୦ ତାରିଖ ସୋମବାରରେ ଅନୁଷ୍ଠିତ ହେବ। ହିନ୍ଦୁ ଧର୍ମ ପରିଷଦ ମଧ୍ୟ ଏହି ମାମଲାରେ ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଛି, ଦାନ ଚୋରିର କୋର୍ଟ-ତଦାରଖରେ ତଦନ୍ତ ଦାବି କରିଛି। ସିଜେଆଇ ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ସୋମବାର ଚାରୋଟି ଆବେଦନର ଶୁଣାଣି ଆରମ୍ଭ କରିଛନ୍ତି। ଦୁଇଟି ପୃଥକ ଆବେଦନରେ ସିବିଆଇ ତଦନ୍ତ ଦାବି କରାଯାଇଛି। ଅନ୍ୟ ଏକ ଆବେଦନରେ ସିବିଆଇ ସ୍ୱତନ୍ତ୍ର ତଦନ୍ତ ଦଳ (ଏସଆଇଟି) ଦ୍ୱାରା ତଦନ୍ତ, ପ୍ରମାଣ ସଂରକ୍ଷଣ ଏବଂ ମନ୍ଦିର ଟ୍ରଷ୍ଟର ଆର୍ଥିକ କାରବାରର ଫୋରେନସିକ୍ ଅଡିଟ୍ ଦାବି କରାଯାଇଛି।





ଆବେଦନକାରୀମାନେ ଯୁକ୍ତି ବାଢ଼ିଛନ୍ତି ଯେ ଏକ ନିରପେକ୍ଷ ଏବଂ ସ୍ୱଚ୍ଛ ତଦନ୍ତ ସୁନିଶ୍ଚିତ କରିବା ପାଇଁ ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ତଦନ୍ତ ଜରୁରୀ। ଏହି ଆବେଦନଗୁଡ଼ିକ ମଧ୍ୟରେ ଆଇନଜୀବୀ ନରେନ୍ଦ୍ର କୁମାର ଗୋସ୍ୱାମୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ଏକ ରିଟ୍ ପିଟିସନ୍, ଶ୍ରୀ ରାମ ଜନ୍ମଭୂମି ତୀର୍ଥ ଟ୍ରଷ୍ଟ ଏବଂ ଅନ୍ୟମାନଙ୍କ ବିରୋଧରେ ଅଜୟ କୁମାର ରାୟଙ୍କ ଦ୍ୱାରା ଦାଖଲ କରାଯାଇଥିବା ଏକ ଫୌଜଦାରୀ ରିଟ୍ ପିଟିସନ୍ ଏବଂ ଆରଜେଡି ସାଂସଦ ସୁଧାକର ସିଂହଙ୍କ *(ପୃଷ୍ଠା ୭ରେ)*

# ଆଜି ମହାପ୍ରଭୁଙ୍କ ନବଯୌବନ ଦର୍ଶନ

**ପୁରୀ, ୧୩।୭ : ନ୍ୟୁଜ୍ ବ୍ୟୁରୋ**

ସ୍ନାନ ପୂର୍ଣ୍ଣିମାରେ ଅତ୍ୟଧିକ ସ୍ନାନ କରି ଜ୍ୱରରେ ପୀଡ଼ିତ ଥିବା ମହାପ୍ରଭୁ ସୁସ୍ଥ ହୋଇଛନ୍ତି। ରବିବାର ଅଣସରର ତ୍ରୟୋଦଶୀ ତିଥିରେ ଦଇତା ଓ ପତି ମହାପାତ୍ର ସେବାୟତ ମହାପ୍ରଭୁଙ୍କ ସୁସ୍ଥତାର ଖବର ଗଜପତି ମହାରାଜାଙ୍କୁ ପ୍ରଦାନ କରିଥିଲେ। ଏହାସହ ରଥଯାତ୍ରାର ସୁପରିଚାଳନା ନେଇ ମଧ୍ୟ ଆଲୋଚନା କରିଥିଲେ। ତେବେ ସୋମବାର ଅଣସର ଚତୁର୍ଦ୍ଦଶୀ ତିଥିରେ ଶ୍ରୀମନ୍ଦିରରେ ଘଣା ଲାଗି ଓ ଶ୍ରୀପୟର ମୁଦ ଉପଲକ୍ଷେ ପାଟ ଡୋର, ଖଳି ପ୍ରସାଦ ଓ ଖଡ଼ି ପ୍ରସାଦ ଲାଗି ହୋଇଥାଏ। ଅଣସର ଗୃହରେ ସମ୍ପୂର୍ଣ୍ଣ ଗୋପନୀୟ ଭାବେ ଶ୍ରୀଜୀଉ ମାନଙ୍କୁ ଘଣାଲାଗି ପରେ ଖଳି ଲାଗି ଓ ତତ୍ପରେ ଖଡ଼ି ଲାଗି ହୋଇଥାଏ। ଘଣ୍ଟ , ଛତ୍ରୀ, କାହାଳୀ ସହ ଖଳି ପ୍ରସାଦ ଶୁଦ୍ଧ ସୁଆରଙ୍କ ଘର ଠାରୁ ଶ୍ରୀମନ୍ଦିରକୁ ବିଜେ କରାଯାଇଥିଲା। ଶୁଦ୍ଧ ସୁଆରଙ୍କ ଦ୍ୱାରା ପ୍ରସ୍ତୁତ ଏହି ଦିବ୍ୟ ପ୍ରଲେପକୁ ରୂପା ପିଙ୍ଗଣରେ ରଖି ଦଇତାପତି ସେବକମାନେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗି କରିଥାନ୍ତି। ଏଥିସହ ଶ୍ରୀଜୀଉଙ୍କୁ ରକ୍ତବସ୍ତ୍ର ଆବରଣ କରି ସପ୍ତାବରଣ ଶେଷ ହୋଇଛି।

ସେପଟେ ଜୁଲାଇ ୧୬ ଅର୍ଥାତ୍ ଆଉ



ମାତ୍ର ଦୁଇଦିନ ପରେ ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା। ଲକ୍ଷାଧିକ ଭକ୍ତଙ୍କ ଗହଣରେ ଭାଇ ଭଉଣୀଙ୍କୁ ସାଙ୍ଗରେ ଧରି ଶ୍ରୀମନ୍ଦିର ଛାଡ଼ି ବଡ଼ଦାଣ୍ଡରେ ମାନବୀୟ ଲୀଳା କରିବେ ମହାପ୍ରଭୁ। ଏଥିପାଇଁ ତିନି ରଥର ନିର୍ମାଣ କାର୍ଯ୍ୟ ପ୍ରାୟତଃ ଶେଷ ହୋଇଛି। ରଥରେ ମହାରଣା ଓ ଭୋଇ ସେବକ ଠେକାରା ବାଡ଼ ବୁଲାଇବା କାର୍ଯ୍ୟ ଶେଷ କରିଛନ୍ତି। ତିନି ରଥର କନକ ମୁଣ୍ଡି ପିତ୍ତଳ ଚଦର ଆବରଣ ଫିଟିଂ କାର୍ଯ୍ୟ ଶେଷ ହୋଇଛି। ଦରଜୀ ସେବକଙ୍କ ଦ୍ୱାରା କନା କାର୍ଯ୍ୟ ଶେଷ ହୋଇଛି। କୋଠ ସୁଆସିଆଁ ସେବକଙ୍କ ଦ୍ୱାରା ତିନି ରଥରେ କନା ପକା କାର୍ଯ୍ୟ ଆରମ୍ଭ କରାଯାଇଛି। ସେହିପରି ମଙ୍ଗଳବାର ନବଯୌବନ ରୂପରେ ଦର୍ଶନ ଦେବେ ମହାପ୍ରଭୁ। ସ୍ନାନ ପୂର୍ଣ୍ଣିମାରେ ଅତ୍ୟଧିକ ସ୍ନାନ କରି ଜ୍ୱରାକ୍ରାନ୍ତ ମହାପ୍ରଭୁ ଦୀର୍ଘ ୧୫ ଦିନ ଧରି ଅଣସରରେ ଥିବାବେଳେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଛନ୍ତି। ତେବେ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀଙ୍କ ସୂଚନା ଅନୁସାରେ ଦିନ ୨ ଟା ପରେ ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନର ସୁଯୋଗ ପାଇବେ। ଅନେକ ନୀତି କାନ୍ତି ଥିବାରୁ ସୀମିତ ସମୟ ପାଇଁ ଦର୍ଶନ ବ୍ୟବସ୍ଥା କରାଯାଇଛି। ଭକ୍ତଙ୍କ ପାଇଁ ପାରିମାଣିକ ଟିକେଟ ବ୍ୟବସ୍ଥା କରାଯାଇଥିବା ବେଳେ ଏହାର ମୂଲ୍ୟ ୧୫୦ ଟଙ୍କା ରଖାଯାଇଛି। ଦକ୍ଷିଣ ଦ୍ୱାର ଦେଇ ପାରିମାଣିକ ଟିକେଟ ଧାରୀ ଶ୍ରୀମନ୍ଦିରକୁ ଯାଇ ଦର୍ଶନ କରିପାରିବେ। ତେବେ ଦୀର୍ଘ ୧୫ ଦିନ ପରେ ମହାପ୍ରଭୁଙ୍କର ଦର୍ଶନ କରିବା ପାଇଁ ବେଶ୍ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି ଭକ୍ତ।

ମହାପ୍ରଭୁଙ୍କ ସୁସ୍ଥତା ଖବର ଗଜପତିଙ୍କ ପାଖରେ ପହଞ୍ଚିବା ପରେ ଏହାକୁ ନେଇ ବେଶ୍ ଆନନ୍ଦିତ ହୋଇ ପଡିଛନ୍ତି ଭକ୍ତ ଓ ସେବାୟତ। ସେପଟେ ରଥଯାତ୍ରା ପାଇଁ ତିନି ରଥର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି।

## ଇରାନ ଉପରେ ଆମେରିକାର ଆକ୍ରମଣ

**ନୂଆଦିଲ୍ଲୀ, ୧୩।୭**


ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଲାଗି ରହିଛି। ମଧ୍ୟପ୍ରାଚ୍ୟରେ ଆମେରିକା ଏବଂ ଇରାନ ମଧ୍ୟରେ ଏକ ବଡ଼ ଯୁଦ୍ଧ ଚାଲିଛି। ଦୁଇ ଦେଶ ତିନି ଦିନ ଧରି ପରସ୍ପର ଉପରେ ଆକ୍ରମଣ କରୁଛନ୍ତି। ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଇରାନ ସହିତ ଯୁଦ୍ଧବିରତି ଏବଂ ମଧ୍ୟବର୍ତ୍ତୀକାଳୀନ ଚୁକ୍ତିନାମା ବାତିଲ କରିଛନ୍ତି। ଇରାନ ଜାହାଜଗୁଡ଼ିକୁ ହର୍ମୁଜ୍ ପ୍ରଣାଳୀ ଦେଇ ଅବୈଧ ପଥ ଦେଇ ଯାଉଥିବା ଅଭିଯୋଗ କରି ଆକ୍ରମଣ କରୁଛି। ଇରାନକୁ ଶିକ୍ଷା ଦେବା ପାଇଁ ଆମେରିକା ସେନା ବିନାଶ କରୁଛି। ଇରାନ ବଦଳରେ ଆରବ *(ପୃଷ୍ଠା ୭ରେ)*

# ଆନ୍ଧ୍ରରେ କୋଭିଡ୍ ମୃତ୍ୟୁ ପରେ ଓଡ଼ିଶା ସୀମାରେ ହାଇଆଲର୍ଟ

**ଭୁବନେଶ୍ୱର, ୧୩।୭**
**ନ୍ୟୁଜ୍ ବ୍ୟୁରୋ**

ପଡ଼ୋଶୀ ରାଜ୍ୟ ଆନ୍ଧ୍ର ପ୍ରଦେଶରେ କୋଭିଡ୍-୧୯ ଯୋଗୁଁ ଦୁଇଜଣଙ୍କ ମୃତ୍ୟୁ ପରେ ଓଡ଼ିଶା ସରକାର ସୀମାନ୍ତ ଜିଲ୍ଲାଗୁଡ଼ିକରେ କୋଭିଡ୍ ନିରୀକ୍ଷଣ ଓ ସତର୍କତାକୁ ବଢ଼ାଇ ଦେଇଛନ୍ତି। ଆଗାମୀ ବାର୍ଷିକ ରଥଯାତ୍ରାକୁ ଦୃଷ୍ଟିରେ ରଖି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ସମସ୍ତ ଅଧିକାରୀଙ୍କୁ ହାଇ ଆଲର୍ଟରେ ରହିବା ସହ ସମସ୍ତ ଆବଶ୍ୟକ ସତର୍କତାମୂଳକ ପଦକ୍ଷେପ ନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛି। ବିଶେଷ ଭାବେ ଆନ୍ଧ୍ର ପ୍ରଦେଶ ସୀମା ସଂଲଗ୍ନ ସମସ୍ତ ଜିଲ୍ଲାର ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀମାନଙ୍କୁ ହାଇ ଆଲର୍ଟରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ରବୀନ୍ଦ୍ର ନାଥ ମିଶ୍ର ସୋମବାର ସୂଚନା ଦେଇ କହିଛନ୍ତି ଯେ, ଆନ୍ଧ୍ର ପ୍ରଦେଶ ସୀମା ସଂଲଗ୍ନ ଓଡ଼ିଶାର ସମସ୍ତ



ଜିଲ୍ଲାର ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ (ସିଡିଏମ୍ଓ)ମାନଙ୍କୁ ସ୍ୱତନ୍ତ୍ର ନିର୍ଦ୍ଦେଶ ଜାରି କରାଯାଇଛି। ସେମାନଙ୍କୁ କୋଭିଡ୍-୧୯ ନିରୀକ୍ଷଣକୁ ଅଧିକ ଜୋରଦାର କରିବା ସହ ସମସ୍ତ ସନ୍ଦିଗ୍ଧ ରୋଗୀଙ୍କର ଜିଲ୍ଲା ମୁଖ୍ୟାଳୟ ହସ୍ପିଟାଲରେ ବାଧ୍ୟତାମୂଳକ ପରୀକ୍ଷା କରାଇବାକୁ କୁହାଯାଇଛି।

ସ୍ୱାସ୍ଥ୍ୟ ବିଭାଗ ଅନୁଯାୟୀ, ରାଜ୍ୟରେ କୋଭିଡ୍ ସଂକ୍ରମଣ କମିଥିଲେ ମଧ୍ୟ ନିରୀକ୍ଷଣ ବ୍ୟବସ୍ଥା ନିରନ୍ତର ଜାରି ରହିଛି। ସନ୍ଦିଗ୍ଧ ରୋଗୀଙ୍କର ନିୟମିତ ପରୀକ୍ଷା କରାଯାଉଛି ଏବଂ ପଡ଼ୋଶୀ ରାଜ୍ୟଗୁଡ଼ିକରେ ସଂକ୍ରମଣର ସ୍ଥିତି ଉପରେ ମଧ୍ୟ ସରକାର କ୍ରମାଗତ ନଜର ରଖିଛନ୍ତି।

ଆଗାମୀ ରଥଯାତ୍ରା ଅବସରରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ପୁରୀରେ ସମାଗମ ହେବାର ସମ୍ଭାବନା ରହିଥିବା ବେଳେ ଏହି ପରାମର୍ଶବଳୀ ଜାରି କରାଯାଇଛି । ରାଜ୍ୟର ସର୍ବବୃହତ୍ ଧାର୍ମିକ ମହୋତ୍ସବକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଶେଷ ସତର୍କତା ଅବଲମ୍ବନ କରିବାକୁ କୁହାଯାଇଛି। ଅଧିକାରୀମାନେ ସ୍ପଷ୍ଟ କରିଛନ୍ତି ଯେ, ରଥଯାତ୍ରା ସମୟରେ କୌଣସି ବ୍ୟକ୍ତିଙ୍କଠାରେ କୋଭିଡ୍ ସଦୃଶ ଲକ୍ଷଣ ଦେଖାଦେଲେ ତାଙ୍କର ତୁରନ୍ତ ପରୀକ୍ଷା କରାଯିବ ଏବଂ ପ୍ରଚଳିତ କୋଭିଡ୍ *(ପୃଷ୍ଠା ୭ରେ)*

# ମୁଖ୍ୟମନ୍ତ୍ରୀଙ୍କ ଘୋଷଣା : କେନ୍ଦୁପତ୍ର ତୋଳାଳିମାନଙ୍କ ପାଇଁ ୨୫ % ବୋନସ

**ଭୁବନେଶ୍ୱର, ୧୩।୭**
**ନ୍ୟୁଜ୍ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ରାଜ୍ୟର ଲକ୍ଷ ଲକ୍ଷ କେନ୍ଦୁପତ୍ର ତୋଳାଳି, ବନ୍ଧାଳି ଓ ସିଜିନାଲ୍ ଷ୍ଟାଫଙ୍କ କଲ୍ୟାଣ ପାଇଁ ସେମାନଙ୍କ ବୋନସ ଓ ପ୍ରୋତ୍ସାହନ ରାଶି ପ୍ରଦାନକୁ ଅନୁମୋଦନ କରିଛନ୍ତି। ଏହା ସହିତ କେରି ଓ ଫାଳର ମୂଲ୍ୟରେ ମଧ୍ୟ ବୃଦ୍ଧି କରିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ପ୍ରୋସେସ ଏରିଆରେ କେନ୍ଦୁପତ୍ର କେରି (୨୦ଟି) ପିଛା ମୂଲ୍ୟ ୧୦ ପଇସା ବୃଦ୍ଧି କରାଯାଇଥିବା ବେଳେ ଫାଳ (୪୦ଟି) ପିଛା ମୂଲ୍ୟ ୨୦ ପଇସା ବୃଦ୍ଧି କରାଯାଇଛି। ଏଥିପାଇଁ ରାଜ୍ୟ ସରକାର ୧୦.୭୮ କୋଟି ଟଙ୍କା ଖର୍ଚ୍ଚ ବହନ କରିବେ।

ସେହିପରି କେନ୍ଦୁପତ୍ର ତୋଳାଳିମାନଙ୍କ ପାଇଁ ୨୫ ପ୍ରତିଶତ ବୋନସ ପ୍ରଦାନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହା ସହିତ ବନ୍ଧାଳି



ଓ ସିଜିନାଲ୍ ଷ୍ଟାଫଙ୍କ ପାଇଁ ୫ ପ୍ରତିଶତ ପ୍ରୋତ୍ସାହନ ରାଶି ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ରାଜ୍ୟ ସରକାର ୬୪ କୋଟି ଟଙ୍କା ବହନ କରିବେ। ରାଜ୍ୟ ସରକାର ସମୁଦାୟ ୭୪.୭୮ କୋଟି ଟଙ୍କା ଖର୍ଚ୍ଚ କରିବେ।

## ଆଜିର ମୁଖ୍ୟ ଖବର

- ବାଲେଶ୍ୱରରେ ବେଆଇନ ଲିଙ୍ଗ ନିରୂପଣ ଓ ଗର୍ଭପାତ ଅଭିଯୋଗରେ ଅଲଟ୍ରାସାଉଣ୍ଡ କେନ୍ଦ୍ର ସିଲ୍।
- ରାୟପୁର ଜିଲ୍ଲାରେ କାରଖାନା ବିସ୍ଫୋରଣରେ ତିନି ଜଣ ଶ୍ରମିକଙ୍କ ମୃତ୍ୟୁ ନେଇ ମାନବାଧିକାର କମିଶନ ଛତିଶଗଡ଼ ସରକାରଙ୍କୁ ନୋଟିସ ଜାରି।
- ଉତ୍ତରାଖଣ୍ଡର ପାର୍ବତ୍ୟାଞ୍ଚଳ ଜିଲ୍ଲାରେ ପ୍ରବଳ ବର୍ଷା ପାଇଁ ୟେଲୋ ସତର୍କତା, ୯୬ଟି ରାସ୍ତା ବନ୍ଦ।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୨୯୧ (-୧୪୨)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩,୧୦୦ (-୧୩୦)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୦,୭୨୮ (-୧୦୭)

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୩୫ (+୦)

# ରଥଯାତ୍ରା ପ୍ରସ୍ତୁତିର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା

**ଭୁବନେଶ୍ୱର, ୧୩।୭**
**ନ୍ୟୁଜ୍ ବ୍ୟୁରୋ**

ପବିତ୍ର ରଥଯାତ୍ରା-୨୦୨୬କୁ ସୁରକ୍ଷିତ, ସୁଶୃଙ୍ଖଳ ଓ ନିର୍ବିଘ୍ନ ଭାବେ ସମ୍ପନ୍ନ କରିବା ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା (ଅବସରପ୍ରାପ୍ତ ଆଇପିଏସ ) ପ୍ରକାଶ ମିଶ୍ର ପୁରୀରେ ସୁରକ୍ଷା, ଟ୍ରାଫିକ୍ ପରିଚାଳନା ଏବଂ ସାମଗ୍ରୀକ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ସମୀକ୍ଷା ବୈଠକରେ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟକୁ ଅଧିକ ସୁଦୃଢ଼ କରିବା, ଜନସମାଗମର ସୁପରିଚାଳନା, ଟ୍ରାଫିକ୍ ନିୟନ୍ତ୍ରଣ, କ୍ଷେତ୍ରସ୍ତରରେ କାର୍ଯ୍ୟନିର୍ବାହୀ ପ୍ରସ୍ତୁତି ଏବଂ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତି ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ରଥଯାତ୍ରା ଅବସରରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କୁ ସୁରକ୍ଷିତ, ସୁବ୍ୟବସ୍ଥିତ



ଏବଂ ନିର୍ବିଘ୍ନ ଦର୍ଶନ ସୁନିଶ୍ଚିତ କରିବା ପାଇଁ ସମସ୍ତ ସଂପୃକ୍ତ ବିଭାଗକୁ ସମନ୍ୱିତ ଭାବେ କାର୍ଯ୍ୟ କରିବା ଓ ସମସ୍ତ ବ୍ୟବସ୍ଥାକୁ ସଜାଗ ରଖିବାକୁ ଗୁରୁତ୍ୱାରୋପ କରାଯାଇଥିଲା।

# ବିଜେଡିର ସଂସଦୀୟ ଦଳ ବୈଠକ : ଓଡ଼ିଶାର ସ୍ୱାର୍ଥ ପ୍ରସଙ୍ଗ ଉପରେ ଗୁରୁତ୍ୱ

**ଭୁବନେଶ୍ୱର, ୧୩।୭**
**ନ୍ୟୁଜ୍ ବ୍ୟୁରୋ**

ଆଗକୁ ରହିଛି ମୌସୁମୀ ଅଧିବେଶନ। ସଂସଦରେ ବେଶ ସରଗରମ ରହିବ ମୌସୁମୀ ସେସନ। ଏହାକୁ ନେଇ ନବୀନ ନିବାସରେ ସୋମବାର ଅନୁଷ୍ଠିତ ହୋଇଛି ସଂସଦୀୟ ଦଳ ବୈଠକ । ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଆଗାମୀ ସଂସଦର ମୌସୁମୀ ଅଧିବେଶନକୁ ନେଇ ଏହି ବୈଠକରେ ରଣନୀତି ପ୍ରସ୍ତୁତ ହୋଇଛି। ସଂସଦୀୟ ଦଳ ନେତା ମାନସ ମଙ୍ଗରାଜ, ସଂସଦୀୟ ଦଳ ଉପନେତା ସୁଲତା ଦେଓ ବୈଠକରେ ସାମିଲ ହୋଇଥିଲେ । ସାଂସଦ ସସ୍ମିତ ପାତ୍ର, ପୁରୀ ସାଂସଦ ଶୁଭାଶିଷ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ।

ଆସନ୍ତା ସଂସଦ ଅଧିବେଶନ ପାଇଁ



ଦଳର ରଣନୀତି ପ୍ରସ୍ତୁତ କରାଯାଇଛି। ଓଡିଶାର ସ୍ୱାର୍ଥ ସମ୍ବନ୍ଧୀୟ ପ୍ରସଙ୍ଗକୁ ସଂସଦରେ କିଭଳି ଜୋରଦାର ଭାବେ ଉଠାଯିବ ସେ ନେଇ ଆଲୋଚନା ହୋଇଛି। ରାଜ୍ୟର ବର୍ତ୍ତମାନ ସ୍ଥିତି, ମହଙ୍ଗା ମାଡ, ବେରୋଜଗାରୀ, କୃଷକଙ୍କ ସମସ୍ୟା ଏବଂ କେନ୍ଦ୍ର ସରକାରଙ୍କଠୁ ରାଜ୍ୟକୁ ମିଳୁଥିବା ଅନୁଦାନ ପ୍ରସଙ୍ଗରେ ଦଳ କ'ଣ ଆଭିମୁଖ୍ୟ ରଖିବ ତାହା ଉପରେ ଚୂଡାନ୍ତ ନିଷ୍ପତ୍ତି ବିଷୟରେ *(ପୃଷ୍ଠା ୭ରେ)*

## ସ୍କୁଲ ବହିରେ ତ୍ରୁଟି : କ୍ରାଇମବ୍ରାଞ୍ଚ ହାତକୁ ଗଲା ତଦନ୍ତ ଭାର

**ଭୁବନେଶ୍ୱର, ୧୩।୭**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ପାଠ୍ୟପୁସ୍ତକର ପ୍ରସ୍ତୁତି, ଅନୁମୋଦନ ଏବଂ ପ୍ରକାଶନ ପ୍ରକ୍ରିୟାରେ ହୋଇଥିବା ଅନିୟମିତତାର ତଦନ୍ତ ଭାର କ୍ରାଇମବ୍ରାଞ୍ଚ ଗ୍ରହଣ କରିଛି।

ଏସ୍‌ସିଇଆରଟିର ନିର୍ଦ୍ଦେଶିକା ମଧୁସ୍ମିତା ସାହୁଙ୍କ ଲିଖିତ ଅଭିଯୋଗକୁ ଆଧାର କରି କ୍ରାଇମବ୍ରାଞ୍ଚରେ କେସ୍ ନଂ–୦୮/୨୦୨୬ ରୁଜୁ କରାଯାଇଛି। ଏହି ମାମଲା ଭାରତୀୟ ନ୍ୟାୟ ସଂହିତା (ବିଏନଏସ୍), ୨୦୨୩ର ଧାରା ୩୧୬(୫), ୨୦୧, ୩(୫) ଏବଂ ୬୧(୨) ଅନୁଯାୟୀ ଏହି ମାମଲା ଦାୟର କରାଯାଇଛି। କ୍ରାଇମବ୍ରାଞ୍ଚ ଏସ୍‌ପିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଡିଏସ୍‌ପି ନରେନ୍ଦ୍ର କୁମାର ବେହେରାଙ୍କୁ ଏହି *(ପୃଷ୍ଠା ୭ରେ)*

## ଏକାଳ ପଖାଳ




ଇଂଲଣ୍ଡ ମାଡରେ ଭେଣ୍ଡିଆଗୁଡାକ
ହେଇଥିଲେ କାନ୍ଦକାନ୍ଦ
ଆମ ଝିଅସବୁ ଏମିତି ଧୋଇଲେ
ଇଂଲଣ୍ଡକୁ ଦେଇ ଛନ୍ଦ
ଲର୍ଡକୁ କରି ଭେଦ
ଇତିହାସ ରଚି ଆମ ଝିଅସବୁ
ଭଲ ନେଲେ ପ୍ରତିଶୋଧ।

# ବଙ୍ଗୋପସାଗରକୁ ମାଡ଼ିଆସୁଛି ୧୦,୦୦୦ କିଲୋମିଟରର ମହାବଳୟ !



**ନୂଆଦିଲ୍ଲୀ, ୧୩।୭**

ଦେଶର ଅନେକ ଅଞ୍ଚଳରେ ମୌସୁମୀ ବର୍ଷା ଦୁର୍ବଳ ହେବା ଯୋଗୁଁ ଚିନ୍ତାରେ ଅଛନ୍ତି ଚାଷୀ। ଏହାରି ଭିତରେ ଭଲ ଖବର ସାମ୍ନାକୁ ଆସିଛି। ଭାରତଠାରୁ ପ୍ରାୟ ୭,୦୦୦ ରୁ ୧୦,୦୦୦ କିଲୋମିଟର ପୂର୍ବରେ ବଙ୍ଗୋପସାଗରରୁ କେନ୍ଦ୍ରୀୟ ପ୍ରଶାନ୍ତ ମହାସାଗର ପର୍ଯ୍ୟନ୍ତ ଏକ ବିଶାଳ ପାଣିପାଗ ପ୍ରଣାଳୀ ସକ୍ରିୟ ହୋଇଛି। ବିଜ୍ଞାନ ଭାଷାରେ ଏହାକୁ ଆନ୍ତଃଉଷ୍ଣୀୟ ଅଭିସରଣ କ୍ଷେତ୍ର ବା ଆଇଟିସିଜେଡ୍ କୁହାଯାଏ। ଏହି ଜୋନ୍ ଏବେ ଭାରତ ଆଡ଼କୁ ଗତି କରୁଥିବାରୁ ଜୁଲାଇ ଶେଷ ସପ୍ତାହରେ ଦେଶରେ ବ୍ୟାପକ ବର୍ଷା ହେବାର ସମ୍ଭାବନା ସୃଷ୍ଟି ହୋଇଛି।

ଆଇଟିସିଜେଡ୍ ହେଉଛି ପୃଥିବୀର ବିଷୁବରେଖା ଚାରିପାଖରେ ଥିବା ବାୟୁର ଏକ ପ୍ରମୁଖ ସଙ୍ଗମସ୍ଥଳ। ଏଠାରେ ଉତ୍ତର ଓ ଦକ୍ଷିଣ ଗୋଲାର୍ଦ୍ଧରୁ ଆସୁଥିବା ପବନ ପରସ୍ପର ସହ ଧକ୍କା ଖାଆନ୍ତି। ଏହାଫଳରେ ଉଷ୍ମ ଓ ଆର୍ଦ୍ର ବାୟୁ ଉପରକୁ ଉଠି ପ୍ରବଳ ମେଘ ସୃଷ୍ଟି କରେ ଏବଂ ବର୍ଷା କରାଏ। ସାଧାରଣତଃ ମୌସୁମୀ ସମୟରେ ଏହା ଭାରତ ଉପରେ ରହିଥାଏ, କିନ୍ତୁ ସମୁଦ୍ର ପୃଷ୍ଠର ତାପମାତ୍ରା ବୃଦ୍ଧି ଏବଂ ପ୍ରଶାନ୍ତ ମହାସାଗରରେ 'ଲା ନିନା' ପରିସ୍ଥିତି ଯୋଗୁଁ ଏଥର ଏହା ବହୁତ ପୂର୍ବ ଦିଗରେ ଗଠିତ ହୋଇଛି। ପାଣିପାଗ ବିଭାଗ ଏବଂ ଅନ୍ତର୍ଜାତୀୟ *(ପୃଷ୍ଠା ୭ରେ)*

# ଆଜି ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ : ପ୍ରବଳ ବର୍ଷା ସମ୍ଭାବନା

**ଭୁବନେଶ୍ୱର, ୧୩।୭**
**ନ୍ୟୁଜ୍ ବ୍ୟୁରୋ**

ବଙ୍ଗୋପସାଗରରେ ସୃଷ୍ଟି ହୋଇପାରେ ଘୂର୍ଣ୍ଣିବଳୟ । ୧୫ରୁ ରାଜ୍ୟରେ ବଢ଼ିବ ବର୍ଷା, ଲଘୁଚାପ ସୃଷ୍ଟି ହେବାର ଚିତ୍ର ଏବେ ଅସ୍ପଷ୍ଟ ରହିଛି । ତଥାପି ଆଗକୁ ଉତ୍ତର ଓ ପଶ୍ଚିମ ଓଡ଼ିଶାରେ ଅଧିକ ବର୍ଷିବା ନେଇ ପାଣିପାଗ ବିଜ୍ଞାନୀ ଶରତ ଚନ୍ଦ୍ର ସାହୁଙ୍କ ସୂଚନା । ରଥଯାତ୍ରା ସମୟରେ ପୁରୀରେ ସେମିତି ବର୍ଷାର ଆଶଙ୍କା ନାହିଁ । ଆଜି ରାଜ୍ୟର କିଛି ଜିଲ୍ଲାରେ କାଁ ଭାଁ ବର୍ଷା ହେବା ସମ୍ଭାବନା ରହିଛି।

୧୫ରୁ ରାଜ୍ୟରେ ବଢ଼ିବ ବର୍ଷା। ୧୬ ତାରିଖ ବେଳକୁ ଏହା ଉତ୍ତର ପଶ୍ଚିମ ଦିଗକୁ ଗତିକରି ପଶ୍ଚିମବଙ୍ଗ କିମ୍ବା ଓଡ଼ିଶା ଝାଡ଼ଖଣ୍ଡ ବର୍ଡ଼ର ଆଡ଼କୁ ଗତି କରିବ । ଅଧିକ ଘନୀଭୂତ ହେଲେ ୧୭ ତାରିଖ ଆଡ଼କୁ ଲଘୁଚାପରେ ପରିଣତ ହେବା ସହିତ ସାରା ଉତ୍ତର ଓ ପଶ୍ଚିମ ଓଡ଼ିଶାରେ ପ୍ରବଳ ବର୍ଷା ହେବା ନେଇ ଆକଳନ କରିଛନ୍ତି ବିଶିଷ୍ଟ ପାଣିପାଗ ବିଜ୍ଞାନୀ ଶରତ ଚନ୍ଦ୍ର ସାହୁ । ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର ଓ ବଲାଙ୍ଗୀର ଆଦି ଜିଲ୍ଲା ଗୁଡ଼ିକରେ ବର୍ଷାର ପରିମାଣ ଅଧିକ ରହିବ । ରଥଯାତ୍ରା ବେଳକୁ ପୁରୀରେ ସେମିତି ବର୍ଷାର ସମ୍ଭାବନା ନଥିବା କଥା ସେ କହିଛନ୍ତି ।

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୪ ଜୁଲାଇ ୨୦୨୬ ମଙ୍ଗଳବାର





# ଖାଲଖମାରେ ପୂର୍ଣ୍ଣ ବାନେର-ବିମଳା ରାସ୍ତା:ମରାମତି ଦାବିରେ ଆନ୍ଦୋଳନ ଧମକ



ମୁଖୀଗୁଡ଼ା, ନ୍ୟୁଜ୍ ବ୍ୟୁରୋ

କଳାହାଣ୍ଡି ଜିଲ୍ଲା ଜୟପଟଣା ବ୍ଲକ ବାନେରରୁ କୋକସରା ବ୍ଲକ ଲଡୁଗାଁକୁ ସଂଯୋଗ କରୁଥିବା ପିଡବ୍ଲ୍ୟୁଡି ରାସ୍ତାର ବାନେରରୁ ବିମଳା ପର୍ଯ୍ୟନ୍ତ ପ୍ରାୟ ୭ କିଲୋମିଟର ରାସ୍ତା ଦୀର୍ଘଦିନ ଧରି ଖାଲଖମାରେ ଭରି ରହିଥିବାରୁ ଯାତାୟାତରେ ଲୋକମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଲଡୁଗାଁରୁ ବାନେର ଠାରୁ ଲଡୁଗାଁ ପର୍ଯ୍ୟନ୍ତ ପିଡବ୍ଲ୍ୟୁଡି ରାସ୍ତା ଏ ଅଞ୍ଚଳର ଏକ ପ୍ରମୁଖ ଯାତାୟାତ ରାସ୍ତା ଏହି ରାସ୍ତା ଦେଇ କୋକସରା ବ୍ଲକର ବିଭିନ୍ନ ଗ୍ରାମକୁ ଲୋକେ ଜୟପାଟଣା ଅଞ୍ଚଳରୁ ଯାତାୟାତ କରନ୍ତି। ବର୍ତ୍ତମାନ ଲଡୁଗାଁରୁ ବିମଳା ପର୍ଯ୍ୟନ୍ତ ପ୍ରାୟ ରାସ୍ତାର ନିର୍ମାଣ କାମ ଚାଲିଥିବା ବେଳେ ବିମଳାରୁ ବାନେର ପର୍ଯ୍ୟନ୍ତ ଅବଶିଷ୍ଟ ୭ କିଲୋମିଟର ରାସ୍ତା ଦୀର୍ଘଦିନ ଧରି ମରାମତି ଅଭାବରୁ ଅତ୍ୟନ୍ତ ବିପଦଜନକ ଅବସ୍ଥାରେ ରହିଛି। ରାସ୍ତାରେ ବଡ଼ ବଡ଼ ଖାଲଖମା ହୋଇଥିବାରୁ ଦୁଇଚକିଆ ଓ ଚାରିଚକିଆ ଯାନରେ ଯିବା ଆସିବା କରିବା ପାଇଁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ବର୍ଷା ଦିନରେ ଏହି ଖାଲଖମାରେ ପାଣି ଜମି ରହୁଥିବାରୁ ଦୁର୍ଘଟଣାର ଆଶଙ୍କା ଆହୁରି ବଢ଼ିଯାଉଛି। ପ୍ରତିଦିନ ଛାତ୍ରଛାତ୍ରୀ, ଚାଷୀ, ବ୍ୟବସାୟୀ ଓ ସାଧାରଣ ଲୋକ ଏହି ରାସ୍ତା ଉପରେ ନିର୍ଭର କରୁଥିବା ସତ୍ତ୍ୱେ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରୁନାହିଁ ଦୈନିକ ଏହି ରାସ୍ତାରେ ମୁଖ୍ୟମନ୍ତ୍ରୀ ବସ୍ ସହ ମୁଖିଗୁଡା-ଲଡୁଗାଁ ଭାୟା, ଭବାନୀପାଟଣା, ଭଇଁରିପାଲି ଲଡୁଗାଁ ଭାୟା କେସିଙ୍ଗା, ଭବାନୀପାଟଣା ଭାୟା ମୁଖିଗୁଡା-ଲଡୁଗାଁ ଦେଇ ବିଶାଖାପାଟଣା ବସ୍ ଦୈନିକ ଏହି ରାସ୍ତା ଦେଇ ଯିବା ଆସିବା କରିବା ସହ ଶହ ଶହ ଯାନବାହାନ ଯିବା ଆସିବା କରିଥାଏ। ଏବେ ଲଡୁଗାଁ–ବିମଳା ଅଂଶରେ ରାସ୍ତା କାମ ଚାଲିଥିବାରୁ ସ୍ଥାନୀୟ ଲୋକେ ଖୁସି ପ୍ରକାଶ କରିଥିବା ବେଳେ ବିମଳାରୁ ବାନେର ପର୍ଯ୍ୟନ୍ତ ଅବଶିଷ୍ଟ ରାସ୍ତାର ନିର୍ମାଣ କାର୍ଯ୍ୟ କେବେ ଆରମ୍ଭ ହେବ ସେନେଇ ପ୍ରଶ୍ନ ଉଠାଇଛନ୍ତି। ତେଣୁ ପୂର୍ତ୍ତ ବିଭାଗ ତୁରନ୍ତ ଦୃଷ୍ଟି ଦେଇ ଉକ୍ତ ରାସ୍ତାର ମରାମତି ଓ ନିର୍ମାଣ କାମ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। ଏନେଇ ପୂର୍ତ୍ତ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ ରାସ୍ତା କାମ ହେବା ପାଇଁ ପ୍ରୋସେସ୍ ଚାଲିଛି ଶୀଘ୍ର ହେବ ବୋଲି କହିଥିଲେ ଅନ୍ୟପକ୍ଷରେ ରାସ୍ତା କାମ ଶୀଘ୍ର ନହେଲେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି ଅଞ୍ଚଳବାସୀ।

# ଅସମୟରେ କାମରେ ଲାଗୁନି ଏମ୍‌କେସିଜିର ଏଏଲ୍‌ଏସ୍ ଓ ବିଏଲ୍‌ଏସ୍ ଆମ୍ବୁଲାନ୍ସ



ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ

ଏମ୍‌କେସିଜି ମେଡ଼ିକାଲ୍ କଲେଜ ଓ ହସ୍‌ପିଟାଲ୍‌ରୁ ଗୁରୁତର ରୋଗୀଙ୍କୁ ଉନ୍ନତ ଚିକିତ୍ସା ପାଇଁ କଟକ ଏସ୍‌ସିବି ଅଥବା ଭୁବନେଶ୍ୱର ସ୍ଥିତ ଏମ୍ସ ହସ୍‌ପିଟାଲ୍‌କୁ ସ୍ଥାନାନ୍ତର କରାଯାଇଥାଏ। ଏଥିପାଇଁ ହସ୍‌ପିଟାଲ୍‌ରେ ଦୁଇଟି ଲେଖାଏଁ ଆଡ୍‌ଭାନ୍ସ ଲାଇଫ୍ ସାପୋର୍ଟ ଏବଂ ବେସିକ୍ ଲାଇଫ୍ ସାପୋର୍ଟ ଆମ୍ବୁଲାନ୍ସ ଉପଲବ୍ଧ ରହିଛି। ଆମ୍ବୁଲାନ୍ସ ପରିଚାଳନା ନିମନ୍ତେ ଆବଶ୍ୟକ କର୍ମଚାରୀ ମଧ୍ୟ ନିୟୋଜିତ ଅଛନ୍ତି। କିନ୍ତୁ ପେଟ୍ରୋଲ୍ ଢ଼ାଳି ଆତ୍ମହତ୍ୟା ଉଦ୍ୟମ କରି ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ଆସିଥିବା ୨୫ ବର୍ଷିୟ ରାଜଲକ୍ଷ୍ମୀ ମିଶ୍ର ନାମକ ଜଣେ ଜନୈକା ମହିଳାଙ୍କୁ ରେଫେରାଲ୍ ହସ୍‌ପିଟାଲ୍‌କୁ ସ୍ଥାନାନ୍ତର ନିମନ୍ତେ ମିଳିଲାନାହିଁ ସରକାରୀ ଆମ୍ବୁଲାନ୍ସ। ଫଳରେ ଅନ୍ୟ ଉପାୟ ନ ପାଇ ଗୁରୁତର ରାଜଲକ୍ଷ୍ମୀଙ୍କୁ ଏକ ଘରୋଇ ଆମ୍ବୁଲାନ୍ସରେ ଭୁବନେଶ୍ୱର ଏମ୍ସ ହସ୍‌ପିଟାଲ୍‌କୁ ପରିବାର ଲୋକେ ସ୍ଥାନାନ୍ତର କରିବାକୁ ବାଧ ହୋଇଥିବା ଜଣାପଡ଼ିଛି। ରାଜଲକ୍ଷ୍ମୀଙ୍କ ଶରୀରର ପ୍ରାୟ ୯୦ ଭାଗ ପୋଡ଼ି ଯାଇଥିବା ବେଳେ ଉତମ ଚିକିତ୍ସା ନିମନ୍ତେ ଏମ୍ସକୁ ସ୍ଥାନାନ୍ତର କରିବା ଜରୁରୀ ବୋଲି କାଜୁଆଲଟିରେ ତାଙ୍କୁ ଚିକିତ୍ସା କରୁଥିବା ଡ଼ାକ୍ତର ପରାମର୍ଶ ଦେଇଥିଲେ। ପରେ ପରିବାର ପକ୍ଷରୁ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରାଯାଇଥିଲା। କିନ୍ତୁ ଆମ୍ବୁଲାନ୍ସ ଆସିବାରେ ପ୍ରାୟ ୪୫ ମିନିଟ୍ ବିଳମ୍ବ ହେବାରୁ ପରିବାର ଲୋକେ ବାଧ ହୋଇ ଗୁରୁତର ରାଜଲକ୍ଷ୍ମୀଙ୍କୁ ଏକ ଘରୋଇ ଆମ୍ବୁଲାନ୍ସରେ ଏମ୍ସକୁ ସ୍ଥାନାନ୍ତର କରିଥିଲେ। ଅନ୍ୟପକ୍ଷରେ ଏଭଳି ରୋଗୀଙ୍କୁ ସ୍ଥାନାନ୍ତର ନିମନ୍ତେ ଏମ୍‌କେସିଜି ମେଡ଼ିକାଲ୍‌ରେ ମୋଟ ୪ଟି ଏଏଲ୍‌ଏସ୍ ଓ ବିଏଲ୍‌ଏସ୍ ଆମ୍ବୁଲାନ୍ସ ଥିଲେ ହେଁ ଏ ସମ୍ପର୍କରେ କାଜୁଆଲିଟି ପକ୍ଷରୁ ରୋଗୀଙ୍କ ସମ୍ପର୍କୀୟଙ୍କୁ ଅବଗତ କରାଯାଇନଥିବା ଅଭିଯୋଗ ହୋଇଛି। ସେହିପରି ଏଏଲ୍‌ଏସ୍ ଓ ବିଏଲ୍‌ଏସ୍ ଆମ୍ବୁଲାନ୍ସ ସମ୍ପର୍କରେ ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟଙ୍କୁ ଅବଗତ କରିବାକୁ କାଜୁଆଲିଟି ପରିସରରେ ଲାଗିଥିବା ସୂଚନାଫଳକରୁ ହସ୍‌ପିଟାଲ୍ ମ୍ୟାନେଜର ଓ ଆମ୍ବୁଲାନ୍ସ ଡ୍ରାଇଭରଙ୍କ ମୋବାଇଲ୍ ନମ୍ବରକୁ ଚିରି ଦିଆଯାଇଥିବା ଦେଖିବାକୁ ମିଳିଛି। ଫଳରେ ଆବଶ୍ୟକ ସ୍ଥଳେ ରୋଗୀ ମେଡ଼ିକାଲ୍‌ରେ ଥିବା ଏଏଲ୍‌ଏସ୍ ଓ ବିଏଲ୍‌ଏସ୍ ଆମ୍ବୁଲାନ୍ସ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଠିକ୍ ସମୟରେ ସରକାରୀ ଆମ୍ବୁଲାନ୍ସ ସେବା ମିଳୁନଥିବା ବେଳେ ଗୁରୁତର ରୋଗୀଙ୍କ ଚିକିତ୍ସାରେ ବାଧା ସୃଷ୍ଟି ହେଉଛି। ଏଭଳି କ୍ଷେତ୍ରରେ ରୋଗୀଙ୍କ ଜୀବନ ପ୍ରତି ମଧ୍ୟ ବିପଦ ସୃଷ୍ଟି ହେଉଥିବାରୁ ଅଧିକ ଖର୍ଚ୍ଚାନ୍ତ ସତ୍ତ୍ୱେ ରୋଗୀଙ୍କ ସମ୍ପର୍କୀୟମାନେ ବାଧ ହୋଇ ଘରୋଇ ଆମ୍ବୁଲାନ୍ସ ଉପରେ ନିର୍ଭର କରୁଥିବା ଦେଖିବାକୁ ମିଳୁଛି। ଅଧିକାଂଶ ସମୟରେ ଏମ୍‌କେସିଜି ମେଡ଼ିକାଲ୍‌ରେ ଚିକିତ୍ସିତ ରୋଗୀଙ୍କୁ କୌଣସି ସରକାରୀ ହସ୍‌ପିଟାଲ୍‌କୁ ସ୍ଥାନାନ୍ତର ବେଳେ ଘରୋଇ ଆମ୍ବୁଲାନ୍ସକୁ ବ୍ୟବହାର କରିବାକୁ ପଡୁଛି। ଯଦ୍ୱାରା ରୋଗୀଙ୍କ ପରିବାର ଲୋକେ ଆର୍ଥିକ ଶୋଷଣର ଶିକାର ହେଉଛନ୍ତି। ମାଗଣା ଚିକିତ୍ସା ନିମନ୍ତେ ଆସିଥିବା ଗରିବ ଓ ମଧ୍ୟବିତ ପରିବାରଙ୍କ ଉପରେ ଅତିରିକ୍ତ ଆର୍ଥିକ ବୋଝ ପଡୁଥିବା ଦେଖିବାକୁ ମିଳିଛି। ତେଣୁ ଏମ୍‌କେସିଜି ମେଡ଼ିକାଲ୍‌ରେ ପଡ଼ି ରହିଥିବା ୪ଟି ଏଏଲ୍‌ଏସ୍ ଓ ବିଏଲ୍‌ଏସ୍ ଆମ୍ବୁଲାନ୍ସ ଗୁଡ଼ିକ ହାତଗଣତି ସେବା ବଦଳରେ ନିୟମିତ ରୋଗୀ ସ୍ଥାନାନ୍ତର କାର୍ଯ୍ୟରେ ବ୍ୟବହାର କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି। ଏଥିପ୍ରତି ଗଞ୍ଜାମ ଜିଲ୍ଲାପାଳ ଓ ଏମ୍‌କେସିଜି ମେଡ଼ିକାଲ୍ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହୋଇଛି।

# ପୋଡ଼ାମପେଟାରେ ତିନି ମାସିଆ ଯୋଗ ପ୍ରଶିକ୍ଷଣ

ରମ୍ଭା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ର ସରକାରଙ୍କ ଯୁବ ବ୍ୟାପାର ଜନ ଶିକ୍ଷଣ ସଂସ୍ଥାନ ପକ୍ଷରୁ ଏକ ତିନି ମାସିଆ ଯୋଗ ପ୍ରଶିକ୍ଷଣ ଶିବିର ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଲିବନ୍ଧ ପଞ୍ଚାୟତ ର ପୋଡ଼ମପେଟା ଓ ଡି ଆର ପି କଲୋନୀ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ପରିସରରେ ଉଦଘାଟନ ହୋଇଯାଇଛି। ଅନୁଷ୍ଠାନର ନିର୍ଦ୍ଦେଶକ ମନୋଜ ବିଶ୍ୱାଳଙ୍କ ପରାମର୍ଶକ୍ରମେ ୨୦ ଜଣ ଛାତ୍ର ଛାତ୍ରୀଙ୍କୁ ଶିବିରରେ ଯୋଗ ପ୍ରଶିକ୍ଷଣ ବ୍ୟବସ୍ଥା କରାଯାଇଛି। ଉଦଘାଟନ ସମାବେଷରେ ଓଡିଶା ସାମ୍ବାଦିକ ସଙ୍ଘର ଗଞ୍ଜାମ ଜିଲ୍ଲା କାର୍ଯ୍ୟକାରୀ ସଭାପତି ତଥା ଅନୁଷ୍ଠାନ ର ଏ ପି ଓ ଉମାକାନ୍ତ ବେହେରା ଯୋଗଦେଇ ଏହାର ଶୁଭ ଉଦଘାଟନ କରିବା ସହ ଯୋଗାଭ୍ୟାସ ଶାରୀରିକ ସୁସ୍ଥତା ସହ ମାନସିକ ବିକାଶ ର ସାହାୟକ ହୋଇଥାଏ ବୋଲି ପ୍ରକାଶ କରିଥିଲେ। ଯୋଗ ପ୍ରଶିକ୍ଷକ ସି ଏଚ ଗୌରହରି ଯୋଗ ପ୍ରଶିକ୍ଷଣ ପ୍ରଦାନ କରୁଥିବା ବେଳେ ଜେ. ଟିଟୁ ଓ ସି ଏଚ ପଦ୍ମିନୀ ଶିବିର ପରିଚାଳନା କରୁଛନ୍ତି। ଉକ୍ତ କାର୍ଯ୍ୟକ୍ରମକୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଉଚ୍ଚ ପ୍ରଶଂସା କରାଯାଇଛି।

# ସାଧୁଚରଣ ଉଚ୍ଚବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳିତ

ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ବିରନରସିଂହପୁର ସାଧୁଚରଣ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୪୯ତମ ପ୍ରତିଷ୍ଠା ଦିବସ ସମାରୋହ ଅଧ୍ୟକ୍ଷ ଓମପ୍ରକାଶ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ ଯୋଗଦେଇ ବିଦ୍ୟାଳୟ ପ୍ରତି କେବଳ ଶରୀରରୁ ନୁହେଁ ମନରୁ ଭଲ ପାଇବା, ଆନ୍ତରିକତାର ସହ କାର୍ଯ୍ୟକରିବା ଓ ବିଦ୍ୟାଳୟ ଆରମ୍ଭରୁ ଆଜି ପର୍ଯ୍ୟନ୍ତ ସମସ୍ତ ବ୍ୟାଚର ପୁରାତନ ଛାତ୍ର ଛାତ୍ରୀଙ୍କୁ ସ୍କୁଲ ସହିତ ଯୋଡିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ସମାଜସେବୀ ତଥା ପ୍ରତିଷ୍ଠାତା ସଦସ୍ୟ ପୂର୍ଣ୍ଣଚନ୍ଦ୍ର ମହାକୁଡ଼ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ କ୍ଲଷ୍ଟର ସଂଯୋଜକ ଅର୍ଜୁନ କଂହର, ଆଲୁମିନି କମିଟିର ସଭାପତି ଦେବେନ୍ଦ୍ର କୁମାର ସାହୁ, କେଲାକଟା ହାଇସ୍କୁଲର ପ୍ରଧାନ ଶିକ୍ଷକ ତଥା ପୁରାତନ ଛାତ୍ର ଦୁଃଖୁ ଗାଇଗୌରିଆ ଏବଂ ଆଲୁମିନି ସଦସ୍ୟ ଅଲେଖ ବଗର୍ତ୍ତୀ, ସୁଜ୍ଞାନ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଆସନ୍ତା ୨୦୨୭ ମସିହା ଜୁଲାଇ ୭ ରେ ହେବାକୁ ଥିବା ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବକୁ ସଫଳତାର ସହ ଆୟୋଜନ କରିବାକୁ ନିଜ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ଏତଦଭିନ୍ନ ଆଲୁମିନି କମିଟିର ସଦସ୍ୟ, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଓ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଚକ୍ରରେ ବିଦ୍ୟାଳୟ ବିକାଶ,ଜିଲ୍ଲାର ମିଶନ ଏ ୱାନ କାର୍ଯ୍ୟକ୍ରମର ସଫଳତା ନିମନ୍ତେ ଛାତ୍ର ଛାତ୍ରୀଙ୍କୁ ସ୍ୱତନ୍ତ୍ର ପ୍ରସ୍ତୁତି ଏବଂ ସୁବର୍ଣ୍ଣ ଜୟନ୍ତୀ ପାଳନ ନିମନ୍ତେ ବିଭିନ୍ନ କମିଟି ଗଠନ କରାଯାଇ ଖୁବ ଶୀଘ୍ର ପ୍ରସ୍ତୁତି ବୈଠକ ଡାକିବାକୁ ନିଷ୍ପତି ନିଆ ଯାଇଥିଲା। ବରିଷ୍ଠ ଶିକ୍ଷକ ତଥା ଆଲୁମିନି ସଦସ୍ୟ ନବକିଶୋର ଦୀପ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ବିଭୁତି ଭୂଷଣ ମହାକୁଡ଼ ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟର ବହୁ ଶିକ୍ଷକ ଶିକ୍ଷୟତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ।

# ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସମ୍ମିଳନୀ:ଶ୍ରେଣୀ ଶିକ୍ଷାଦାନ ଓ ପରିବେଶ ସ୍ୱଚ୍ଛତା ଉପରେ ଗୁରୁତ୍ୱାରୋପ



ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେଙ୍କ ଅଧ୍ୟକ୍ଷତାରେ ଉଚ୍ଚ ବିଦ୍ୟାଳୟ ମାନଙ୍କ ପ୍ରଧାନ ଶିକ୍ଷକ ସମ୍ମିଳନୀ ସ୍ଥାନୀୟ ଯୋଗୀନ୍ଦ୍ର ଦେବ ସରକାରୀ ଉଚ୍ଚ ବିଦ୍ୟାଳୟର ଶତବାର୍ଷିକୀ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ମୁଖ୍ୟଅତିଥି ଭାବରେ ଯୋଗଦେଇ ସମସ୍ତ ପ୍ରଧାନ ଶିକ୍ଷକ ଓ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ପିଲାଙ୍କ ଶ୍ରେଣୀ ଶିକ୍ଷାଦାନ କରିବା ସହିତ ପାଠପଢାକୁ ସର୍ବାଗ୍ରେ ରଖିବା, ବିଦ୍ୟାଳୟ ପରିବେଶ ପରିଷ୍କାର ପରିଚ୍ଛନ୍ନ ରଖିବା ଓ ପିଲାଙ୍କ ସୁରକ୍ଷା ନିରାପତ୍ତା ପ୍ରତି ବିଶେଷ ଭାବରେ ଯତ୍ନଶୀଳ ହେବା ନିମନ୍ତେ ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା, ବୌଦ୍ଧ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉପେନ୍ଦ୍ର କୁମାର ପ୍ରଧାନ, ହରଭଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ବରୁଣ କୁମାର ପ୍ରଧାନ, କାମାଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଶୋଭ ରଞ୍ଜନ ମାଲି, ପିଏମ୍ ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ବୌଦ୍ଧ ପ୍ରଧାନ ଶିକ୍ଷୟିତ୍ରୀ ପୂର୍ଣ୍ଣଚନ୍ଦ୍ର ସାମଲ, ଯୋଗୀନ୍ଦ୍ରଦେବ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗାୟତ୍ରୀ ସାହୁ ପ୍ରମୁଖ ସମ୍ମାନୀତ ଅତିଥି ଭାବରେ ମଞ୍ଚାସୀନ ଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ଦୁବେ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ଲେଙ୍କା ବିଭିନ୍ନ ବିଭାଗୀୟ ବିଷୟରେ ଆଲୋଚନା କରିଥିବା ବେଳେ ସମଗ୍ର ଶିକ୍ଷା ଯୋଜନା ସଂଯୋଜକ ଦେବାଶିଷ ଦ୍ୱାରୀ, ଶିକ୍ଷାବିଜ୍ଞାନ ସଂଯୋଜକ ଶିବଶଙ୍କର ଶତପଥି, ମଧ୍ୟାହ୍ନ ଭୋଜନ ସଂଯୋଜକ ସନ୍ତୋଷ କୁମାର ସ୍ୱାଇଁ,ବାଳିକା ଶିକ୍ଷା ସଂଯୋଜିକା ରାଜଲକ୍ଷ୍ମୀ ପଣ୍ଡା, ପ୍ରୋଗ୍ରାମର ସୁଶାନ୍ତ କୁମାର ଦାଶ ନିଜ ନିଜର ବିଭାଗ ଉପରେ ଆଲୋଚନା କରିଥିଲେ। ନୂତନ ବିଦ୍ୟାଳୟ ପରିଚାଳନା କମିଟି ଗଠନ, ବିଦ୍ୟାଳୟ ସୁରକ୍ଷା ସପ୍ତାହ ପାଳନ, ବିଦ୍ୟାଳୟ ଜମି ପଟ୍ଟା, ଇ – ପାଠାଗାର ଓ ବିଜ୍ଞାନାଗାର ପରିଚାଳନା, ଛାତ୍ର ଅନୁପସ୍ଥିତି, ବିଦ୍ୟାଳୟ ପରିଷ୍କାର ପରିଚ୍ଛନ୍ନତା, ଜାତୀୟ ଶିକ୍ଷକ ପୁରସ୍କାର, ଆପାର ଓ ଆଧାର ବ୍ୟବସ୍ଥା, ଏନଆଇଓଏସଓ ଏସଆଇଓଏସ ମାଧ୍ୟମରେ ଅଧାରୁ ପାଠ ଛାଡିଥିବା ପିଲାଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରାଇବା, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର, ବିଦ୍ୟାଳୟ ପୋଷାକ ବନ, ଦେୟ ପ୍ରଦାନ ଓ ଖର୍ଚ୍ଚ ବିବରଣୀ ପ୍ରଦାନ, ମିଶନ ଏ –୧, ପୁରାତନ ଛାତ୍ରଛାତ୍ରୀ ସଂଯୋଗ କାର୍ଯ୍ୟକ୍ରମ ଆଦି ବିଷୟ ଗୁଡିକ ଉପରେ ଆଲୋଚନା କରାଯାଇଥିଲା। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ଲେଙ୍କା ଉଦେଶ୍ୟ ଜ୍ଞାପନ କରିଥିଲେ। ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଜୟନ୍ତ କୁମାର ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସ୍ଥାନୀୟ ବିଦ୍ୟାଳୟର ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଜିଲ୍ଲାର ସମସ୍ତ ଉଚ୍ଚବିଦ୍ୟାଳୟ ମାନଙ୍କର ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀ ମାନେ ଉପସ୍ଥିତ ଥିଲେ।

# ବୌଦ୍ଧରେ 'ହର ଘର ଉଦ୍ୟମ, ହର ଗାଁ ସମୃଦ୍ଧ' ଅଭିଯାନ




ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ଗ୍ରାମାଞ୍ଚଳର ମହିଳା ମାନଙ୍କୁ ଆତ୍ମନିର୍ଭରଶୀଳ ଓ ସଫଳ ଉଦ୍ୟୋଗୀ ଭାବେ ଗଢ଼ି ତୋଳିବା ଲକ୍ଷ୍ୟରେ ମିଶନ ଶକ୍ତି ବିଭାଗ ଅଧୀନସ୍ଥ ଓଡ଼ିଶା ଲାଇଭଲିହୁଡ୍ସ ମିଶନ ପକ୍ଷରୁ'ହର ଘର ଉଦ୍ୟମ, ହର ଗାଁ ସମୃଦ୍ଧ' ଶୀର୍ଷକ ଜିଲ୍ଲାସ୍ତରୀୟ କର୍ମଶାଳା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା କହିଥିଲେ ଯେ, ମହିଳାମାନଙ୍କ ଆର୍ଥିକ ସଶକ୍ତିକରଣ ହିଁ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବାର ପ୍ରମୁଖ ମାଧ୍ୟମ। ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ କେବଳ ଋଣ କାର୍ଯ୍ୟକଳାପରେ ସୀମିତ ନ ରଖି ସେମାନଙ୍କୁ ସଫଳ ଉଦ୍ୟୋଗୀରେ ପରିଣତ କରିବା ଆବଶ୍ୟକ ବୋଲି ସେ ମତ ପ୍ରକାଶ କରିଥିଲେ। କର୍ମଶାଳାରେ ଅଧ୍ୟକ୍ଷତା କରି ଜିଲ୍ଲା ପ୍ରକଳ୍ପ ସଂଯୋଜକ ରଶ୍ମିରଞ୍ଜନ ସେଠୀ କର୍ମଶାଳାର ଉଦେଶ୍ୟ ଜ୍ଞାପନ କରିଥିଲେ। ସେ ମହିଳା ଉଦ୍ୟୋଗୀ ସୃଷ୍ଟି ,ବ୍ୟବସାୟ ଚିହ୍ନଟ,ଯୋଜନା ପ୍ରସ୍ତୁତି, ବ୍ୟାଙ୍କ୍ ଋଣ ପ୍ରାପ୍ତି ପ୍ରକ୍ରିୟା, ବଜାର ସଂଯୋଗ, ଡିଜିଟାଲ ବ୍ୟବସାୟ ,ମୂଲ୍ୟ ସଂଯୋଜନା ଏବଂ ମିଶନ ଶକ୍ତି ଜରିଆରେ ଚାଲୁଥିବା ବିଭିନ୍ନ ଯୋଜନା ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଲିଡ୍ ବ୍ୟାଙ୍କ ମ୍ୟାନେଜର ଡନ୍ ବୋସ୍କୋ, ଉପ-ମୁଖ୍ୟ ନିର୍ବାହୀ ଅଧିକାରୀ ପ୍ରବୀଣ କୁମାର, ଆରଏସଇଟିଆଇ ନିର୍ଦ୍ଦେଶକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ବ୍ୟାଙ୍କର ଓ ବିଶେଷଜ୍ଞମାନେ ଉପସ୍ଥିତ ରହି ମହିଳା ଉଦ୍ୟୋଗିତାର ବିକାଶ, ବ୍ୟାଙ୍କ ଋଣ, ବ୍ୟବସାୟ ପରିଚାଳନା, ବଜାର ସଂଯୋଗ, ବ୍ରାଣ୍ଡିଂ, ମୂଲ୍ୟ ସଂଯୋଜନ ଓ ସରକାରୀ ଯୋଜନାର ସୁବିଧା ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ। ଏହି ଅବସରରେ ପ୍ରତ୍ୟେକ ଘରେ ଉଦ୍ୟମ, ପ୍ରତ୍ୟେକ ଗାଁରେ ସମୃଦ୍ଧି ସ୍ଲୋଗାନକୁ ସଫଳ କରିବା ପାଇଁ ପ୍ରତ୍ୟେକ ସ୍ୱୟଂ ସହାୟକ ଗୋଷ୍ଠୀକୁ ଆୟବୃଦ୍ଧିମୂଳକ କାର୍ଯ୍ୟକ୍ରମ ସହ ଯୋଡ଼ିବା, ନୂତନ ଉଦ୍ୟୋଗ ସୃଷ୍ଟି, ବଜାର ସୁଯୋଗର ସଦ୍‌ବ୍ୟବହାର ଏବଂ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଉକ୍ତ କର୍ମଶାଳାରେ ଜିଲ୍ଲାର ସମସ୍ତ ବ୍ଲକର ବିପିସି, ବିପିଏମ୍, କମ୍ୟୁନିଟି ସପୋର୍ଟ ଷ୍ଟାଫ୍, ମାଷ୍ଟର ବୁକ୍ କିପର, ବ୍ୟାଙ୍କ ମିତ୍ର, ଓଏଲଏମ୍ ଏବଂ ମିଶନ ଶକ୍ତିର କର୍ମଚାରୀମାନେ ବହୁ ସଂଖ୍ୟାରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାରେ ସମସ୍ତ ବିଭାଗ, ବ୍ୟାଙ୍କର, ମିଶନ ଶକ୍ତି ଓ ଓଏଲଏମ୍‌ର କର୍ମକର୍ତ୍ତା ଏବଂ କ୍ଷେତ୍ରସ୍ତରୀୟ କର୍ମଚାରୀ ସକ୍ରିୟ ସହଯୋଗ କରିଥିଲେ।

କେନ୍ଦ୍ରାପଡା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡା ଜିଲ୍ଲାରେ ଥିବା ୪ଟି ଶକ୍ତି ସଦନ ଓ ଗୋଟିଏ ସଖୀ କେନ୍ଦ୍ରର ତ୍ରଇମାସିକ ସମୀକ୍ଷା ବୈଠକ ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନାଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁଷମାମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ଏହି ସମୀକ୍ଷା ବୈଠକରେ ଶକ୍ତି ସଦନରେ ରହୁଥିବା ସମସ୍ତ ଅନ୍ତେବାସୀ ମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଛି। କେନ୍ଦ୍ରଗୁଡିକରେ ରହୁଥିବା ଅନ୍ତେବାସୀମାନଙ୍କର ସ୍ୱାର୍ଥ, ଶିକ୍ଷା, ସୁରକ୍ଷା ଏବଂ ପୁନଃ ଥଇଥାନ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଛି। ଏହି ସମୀକ୍ଷା ବୈଠକରେ ଜିଲ୍ଲାର ସମସ୍ତଶକ୍ତି ସଦନ ଓ ସଖୀକେନ୍ଦ୍ରର ସୁପରଭାଇଜର ପ୍ରମୁଖ ଉପସ୍ଥିତ ଥିଲେ। ଏହି ସମୀକ୍ଷା ବୈଠକକୁ ଜିଲ୍ଲା ସଂଯୋଜକ, ମହିଳା ସଶକ୍ତିକରଣ ଲଲାତେନ୍ଦୁ ଭୋଇ ପରିଚାଳନା କରିଥିଲେ।

# ବୌଦ୍ଧ ଜିଲ୍ଲାରେ ବିଜେପିର ସାଙ୍ଗଠନିକ ସ୍ଥିତି ସୁଦୃଢ କରାଯିବ




ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ବୌଦ୍ଧ ଜିଲ୍ଲା ବିଜେପି ପକ୍ଷରୁ ଜିଲ୍ଲା କାର୍ଯ୍ୟାଳୟ ପରିସରରେ ମାସିକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ପ୍ରେମାନନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଦଳର ସାଙ୍ଗଠନିକ ସ୍ଥିତି ଓ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଛି। ଏହି ସାଙ୍ଗଠନିକ ବୈଠକରେ ବୌଦ୍ଧ ବିଧାୟକ ତଥା ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ଏବଂ କାମାଳ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ କହ୍ନାଇ ଚରଣ ଡାଙ୍ଗ ଯୋଗ ଦେଇଥିଲେ। ଦଳୀୟ ସଂଗଠନକୁ ତୃଣମୂଳ ସ୍ତରରେ ଆହୁରି ମଜବୁତ କରିବା ସହ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଅତିଥିମାନେ କାର୍ଯ୍ୟକର୍ତ୍ତାଙ୍କୁ ଆହ୍ୱାନ ଦେଇଥିଲେ। ବୈଠକରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିପ୍ରଚରଣ ମହାନ୍ତି, ଜିଲ୍ଲା ପୂର୍ବତନ ସଭାପତି ମନରଞ୍ଜନ ଦାସ, ଯୁଗଳ ସାହୁ ଏବଂ ବରିଷ୍ଠ କାର୍ଯ୍ୟକର୍ତ୍ତା ଶେଷ ମେହେର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ଦଳୀୟ ରଣନୀତି ଉପରେ ନିଜର ମତାମତ ରଖିଥିଲେ। ଏଥିସହିତ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଜିଲ୍ଲାର ସମସ୍ତ ପଦାଧିକାରୀ, ଜିଲ୍ଲାର ବିଭିନ୍ନ ମୋର୍ଚ୍ଚାର ଜିଲ୍ଲା ସଭାପତି ଏବଂ ସମସ୍ତ ମଣ୍ଡଳ ସଭାପତିମାନେ ଉପସ୍ଥିତ ରହି ଆଗାମୀ ଦିନରେ ଦଳୀୟ କାର୍ଯ୍ୟକ୍ରମକୁ ଆଗକୁ ନେବା ପାଇଁ ନିଜ ନିଜର ମତାମତ ଉପସ୍ଥାପନା କରିଥିଲେ।

# ସଫଳ ମତ୍ସ୍ୟ ଚାଷୀଙ୍କୁ ସହାୟତା ପ୍ରଦାନ



ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ବୌଦ୍ଧସ୍ଥିତ ନିୟନ୍ତ୍ରିତ ବଜାର କମିଟି ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ମତ୍ସ୍ୟଚାଷୀ ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ମତ୍ସ୍ୟଅଧିକାରୀ ଲିପ୍ସା ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସଚନ୍ଦ୍ର ଦଣ୍ଡସନା ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବରେ ଭାରପ୍ରାପ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ତପନ କୁମାର ଦ୍ୱିବେଦୀ, ଜିଲ୍ଲାସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଯୋଗ ଦେଇଥିଲେ। ସହକାରୀ ମତ୍ସ୍ୟଅଧିକାରୀ ଚିନ୍ମୟୀ ଶୁଭସ୍ମିତା ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସରକାରଙ୍କବିଭିନ୍ନ ଯୋଜନାର ଲାଭ ଉଠାଇବାକୁ ମତ୍ସ୍ୟଚାଷୀଙ୍କୁ ପରାମର୍ଶ ଦିଆଯାଇଥିଲା। କମ୍ ସୁଧରେ ବ୍ୟାଙ୍କରୁ ଋଣ ଆଣିଛୋଟ ପୋଖରୀ ଖନନ କରି ମଧ ମତ୍ସ୍ୟଚାଷ କରିପାରିବେ ବୋଲି ଅତିଥିମାନେ ଚାଷୀଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଜିଲ୍ଲାର ସଫଳ ମତ୍ସ୍ୟଚାଷୀ ମାରୁତି ନନ୍ଦନ ତ୍ରିପାଠୀ ଓ ସୁବିଜ୍ଞାରନ ପ୍ରଧାନଙ୍କୁ ପ୍ରୋତ୍ସାହନ ରାଶି ଯୋଗାଇ ଦିଆଯାଇଥିଲା। ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ବହୁ ସଂଖ୍ୟାରେ ମତ୍ସ୍ୟଚାଷୀ ଓ ମହିଳା ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟାମାନେ ଉପସ୍ଥିତ ଥିଲେ।

# ରକ୍ଷଣାବେକ୍ଷଣ ଅଭାବରୁ ମିନି ଷ୍ଟାଡିୟମ୍ ପାଲଟିଛି ଚାରଣ ଭୂମି

ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ

କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହନ ଓ କ୍ରୀଡ଼ାବିତ୍‌ଙ୍କ ଅଭ୍ୟାସ ନିମନ୍ତେ କୁକୁଡ଼ାଖଣ୍ଡି ପଞ୍ଚାୟତରେ ମିନି ଷ୍ଟାଡ଼ିୟମ୍ ନିର୍ମାଣ କରାଯାଇଛି। କିନ୍ତୁ ଯେଉଁ ଉଦ୍ଦେଶ୍ୟ ରଖି ଷ୍ଟାଡ଼ିୟମ୍‌ଟି ନିର୍ମାଣ ହୋଇଥିଲା ତାହା ସଫଳ ହୋଇପାରିନାହିଁ। ଉଚିତ୍ ରକ୍ଷଣାବେକ୍ଷଣ ଅଭାବରୁ ଷ୍ଟାଡ଼ିୟମ୍ ପରିସରରେ ଏବେ ଚାରଣ ଭୂମି ପାଲଟିଛି। ଷ୍ଟାଡ଼ିୟମ୍ ପରିସର ଘାସ ଓ ଲଟା ବୁଦାରେ ପରିପୂର୍ଣ୍ଣ ହୋଇଛି। ବର୍ଷା ଦିନରେ ଖେଳ ପଡ଼ିଆ କାଦୁଅ ସନ୍ତସନ୍ତିଆ ଭୂଇଁରେ ପରିଣତ ହୋଇଛି। କିନ୍ତୁ ଷ୍ଟାଡ଼ିୟମ୍‌ର ରକ୍ଷଣାବେକ୍ଷଣ ଓ ସଫା ସୁତରା ନେଇ କୌଣସି ସ୍ଥାନୀୟ ପ୍ରତିନିଧି ଓ ବ୍ଲକ୍ କର୍ତ୍ତୃପକ୍ଷ ଦୃଷ୍ଟି ଦେଉନଥିବା ଅଭିଯୋଗ ହୋଇଛି। ଷ୍ଟାଡ଼ିୟମ୍‌ରେ ଆନୁସଙ୍ଗିକ ସୁବିଧା ଓ କ୍ରୀଡ଼ା ସାମଗ୍ରୀ ଉପକରଣ କାର୍ଯ୍ୟ ହୋଇଥିବା ଫଳକରେ ଉଲ୍ଲେଖ ରହିଛି। କିନ୍ତୁ ଫଳକରେ ଉଲ୍ଲେଖ ତଥ୍ୟାନୁଯାୟୀ କୌଣସି କାର୍ଯ୍ୟ ହୋଇନଥିବା ଅଭିଯୋଗ ହୋଇଛି। ଷ୍ଟାଡ଼ିୟମ୍‌ଟି ନିର୍ମାଣ ହୋଇ ପ୍ରାୟ ୫ ବର୍ଷ ହେବ। ଷ୍ଟାଡ଼ିୟମ୍ ପରିସରରେ ଶୌଚାଳୟ, ଜଳ ଯୋଗାଣ ଓ ବିଦ୍ୟୁତ୍ ସଂଯୋଗ ପାଇଁ ପ୍ରାୟ ୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ଫଳକରେ ଉଲ୍ଲେଖ ରହିଛି। କିନ୍ତୁ ଖେଳ ପଡ଼ିଆରେ କୌଣସି ବିଦ୍ୟୁତ୍ ସଂଯୋଗ ହୋଇନାହିଁ। ଫଳରେ ସନ୍ଧ୍ୟା ସମୟରେ ଷ୍ଟାଡ଼ିୟମ୍ ପରିସର ଅନ୍ଧକାର ହୋଇ ରହୁଛି। ଯାହାଦ୍ୱାରା ଅସାମାଜିକଙ୍କ ଆଡ୍ଡା ଜମୁଛି। ଜଳ ଯୋଗାଣ ନିମନ୍ତେ ୨ ରୁ ୩ଟି ନଳକୂପ ରହିଛି। କିନ୍ତୁ ନଳକୂପରୁ ବିଶୁଦ୍ଧ ପାନୀୟ ଜଳ ମିଳୁନାହିଁ। ସେହିପରି ଷ୍ଟାଡ଼ିୟମ୍‌ରେ କୌଣସି ଶୌଚାଳୟ ନିର୍ମାଣ ହୋଇନାହିଁ। କ୍ରୀଡ଼ା ସଂଶୋଧନ ଉନ୍ନତିକରଣ ଓ କ୍ରୀଡ଼ା ପ୍ରୋତ୍ସାହନ ନିମନ୍ତେ ୭ ଲକ୍ଷ ୫୦ ହଜାର ଟଙ୍କା କ୍ରୀଡ଼ା ଉପକରଣ କୁକୁଡ଼ାଖଣ୍ଡି ପଞ୍ଚାୟତ ସମିତି ପକ୍ଷରୁ କ୍ରୟ କରାଯାଇଥିବା ନେଇ ଫଳକରେ ଉଲ୍ଲେଖ ଥିବାବେଳେ ଅଟକଳ ଅନୁଯାୟୀ କ୍ରୀଡ଼ା ସାମଗ୍ରୀ କିଣାଯାଇ ନଥିବା ଅଭିଯୋଗ ହୋଇଛି। କ୍ରୀଡ଼ା ସାମଗ୍ରୀ କିଣା ନିମନ୍ତେ ଉଦ୍ଦିଷ୍ଟ ଟଙ୍କା ମଧ୍ୟ ଆତ୍ମସାତ୍ କରାଯାଇଥିବା ଅଭିଯୋଗ ହୋଇଛି। ଏଠାରେ କେବଳ ବ୍ୟାୟାମ ସାମଗ୍ରୀ ସମେତ ଅନ୍ୟ କୌଣସି କ୍ରୀଡ଼ା ସାମଗ୍ରୀ ନଥିବାରୁ କ୍ରୀଡ଼ାବିତ୍ କ୍ଷୋଭ ପ୍ରକାଶ କରିଛନ୍ତି। କାର୍ଯ୍ୟ ନିର୍ବାହୀ ସଂସ୍ଥା କୁକୁଡ଼ାଖଣ୍ଡି ଗ୍ରାମ ପଞ୍ଚାୟତ ପକ୍ଷରୁ ୨୦୨୪-୨୫ ଆର୍ଥିକ ବର୍ଷରେ ୫ମ ଏସ୍‌ଏଫ୍‌ସିପିଏସ୍‌ଡ଼ିପି ଯୋଜନାରେ ଅସମ୍ପୂର୍ଣ୍ଣ ଗ୍ୟାଲେରୀ ସମ୍ପୂର୍ଣ୍ଣ ନେଇ ୫ ଲକ୍ଷ ଟଙ୍କା ବ୍ୟୟ ହୋଇଥିବା ବେଳେ ଗାଲେରୀ ସମ୍ପୂର୍ଣ୍ଣ କାର୍ଯ୍ୟରେ ମଧ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଷ୍ଟାଡ଼ିୟମ୍ ପରିସରରେ ଏବେ ବଡ଼ ବଡ଼ ଖାଲ ସୃଷ୍ଟି ହୋଇଥିବାରୁ ବର୍ଷା ଦିନରେ ପାଣି ଜମି ରହୁଛି। ଷ୍ଟାଡ଼ିୟମ୍ ନିର୍ମାଣ ପରେ ପରିଚାଳନା କମିଟି ମାଧ୍ୟମରେ ଷ୍ଟାଡ଼ିୟମ୍‌ର ରକ୍ଷଣାବେକ୍ଷଣ ନିଷ୍ପତି ହୋଇଥିଲା। କିନ୍ତୁ ଆଜି ଯାଏଁ କୌଣସି ପରିଚାଳନା କମିଟି ଗଠନ ହୋଇନାହିଁ। ଫଳରେ ଷ୍ଟାଡ଼ିୟମ୍‌ର ଉଚିତ୍ ରକ୍ଷଣାବେକ୍ଷଣ ହୋଇପାରୁନାହିଁ। ପଞ୍ଚାୟତରେ ୨ଟି ମହାବିଦ୍ୟାଳୟ ରହିଛି। କିନ୍ତୁ ଷ୍ଟାଡ଼ିୟମ୍‌ର ଏଭଳି ସ୍ଥିତି କାରଣରୁ ଛାତ୍ରଛାତ୍ରୀ ବିଭିନ୍ନ କ୍ରୀଡ଼ା ଅଭ୍ୟାସ କରିପାରୁନାହାନ୍ତି। ମହାବିଦ୍ୟାଳୟ କର୍ତ୍ତୃପକ୍ଷ କ୍ରୀଡ଼ା ଉତ୍ସବ ପାଇଁ ମହାବିଦ୍ୟାଳୟର ନିଜସ୍ୱ ପଡ଼ିଆ ଉପରେ ନିର୍ଭର କରୁଛନ୍ତି। କିନ୍ତୁ ଷ୍ଟାଡ଼ିୟମ୍‌ର ରକ୍ଷଣାବେକ୍ଷଣ ନେଇ ବ୍ଲକ୍ କିମ୍ବା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନଥିବା ଅଭିଯୋଗ ହୋଇଛି।

# ନନ୍ଦିନୀ ଶତପଥୀ ଶିଶୁ ଉଦ୍ୟାନ କାର୍ଯ୍ୟର ଅଗ୍ରଗତି ସମସ୍ୟା ନେଇ ଆଲୋଚନା



ଢେଙ୍କାନାଳ, ନ୍ୟୁଜ୍ ବ୍ୟୁରୋ

ଢେଙ୍କାନାଳ ପୌରାଞ୍ଚଳ ଅନ୍ତର୍ଗତ ୩ ନମ୍ବର ୱାର୍ଡରେ ଥିବା ନନ୍ଦିନୀ ଶତପଥୀ ଶିଶୁ ଉଦ୍ୟାନର ଅଗ୍ରଗତି ନେଇ ଦିଲ୍ଲୀରେ ଆଶୁତୋଷ ରାଉତ, ବରିଷ୍ଠ ସାମ୍ବାଦିକଙ୍କ ସହିତ କିଛି ଓଡ଼ିଆ ସାମ୍ବାଦିକ ଓଡ଼ିଶାର ଆଡ୍ ଭୋକେଟ୍ ଜେନେରାଲ୍ (ଏଜି) ପୀତାମ୍ବର ଆଚାର୍ଯ୍ୟଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଅବଗତ କରାଇଛନ୍ତି। ଜଣେ ବ୍ୟକ୍ତି ଶିଶୁ ଉଦ୍ୟାନ ପାର୍ଶ୍ୱରେ ଘର କରିଛନ୍ତି। ମ୍ୟୁନିସିପାଲିଟି ତରଫରୁ ପ୍ରାଚୀର ନିର୍ମାଣ କରାଯାଉଥିବା ବେଳେ ସେ ଅଦାଲତର ଆଶ୍ରୟ ନେଇଥିବା କହିବା ସହ ପାଚେରୀ ନିର୍ମାଣ କାର୍ଯ୍ୟ ହେଇପାରିବନାହିଁ ବୋଲି ଅଭିଯୋଗ କରିଛନ୍ତି। ନିୟମ ଅନୁସାରେ ସରକାରୀ ପାର୍କ ଜମିରେ କୌଣସି ପ୍ରକାର ଇଞ୍ଜଙ୍କସନ୍ ମଧ୍ୟ ସିଭିଲ୍ କୋର୍ଟ ତରଫରୁ ଦିଆଯାଇପାରିବନାହିଁ। ଯଦି କୌଣସି ବ୍ୟକ୍ତି ଉନ୍ନୟନ କାର୍ଯ୍ୟରେ ବାଧା ସୃଷ୍ଟି କରେ ଅବା ବିଳମ୍ବ କରେଇବାକୁ ଚେଷ୍ଟା କରେ ତେବେ ଆଇନ୍ ଅନୁଯାୟୀ ଦଣ୍ଡିତ ହେବେ। କିନ୍ତୁ ସମ୍ପୃକ୍ତ ବ୍ୟକ୍ତି ଜଣକ କୌଣସି ଆଇନ୍ କାନୁନ୍‌କୁ ଖାତିର ନକରି ନିଜ ଜିଦ୍‌ରେ ଅଡ଼ିବସିଛନ୍ତି ବୋଲି ସାମ୍ବାଦିକମାନେ ଏଜିଙ୍କୁ ଅବଗତ କରିଥିଲେ। ଏଜି ଆଚାର୍ଯ୍ୟ ସବୁ ଶୁଣିଲା ପରେ କହିଛନ୍ତି, ସରକାରୀ ପାର୍କ ଜମି ଭିତର ଦେଇ କେହି ରାସ୍ତା ନିର୍ମାଣ କରିପାରିବେନାହିଁ। ସବୁକିଛି ଆଇନ୍ ଅନୁଯାୟୀ ସ୍ୱୀକୃତି ପାଇଲା ପରେ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥାଏ ଓ କାମ ଆରମ୍ଭ ହୋଇଥାଏ। ସରକାରୀ ଜମି ଯେବେ ଉନ୍ନୟନ କାର୍ଯ୍ୟ ପାଇଁ ଉଦ୍ଦିଷ୍ଟ ହୋଇ ସେଥିରେ କାମ ଆରମ୍ଭ ହୁଏ ତା'ପରେ କୌଣସି ସିଭିଲ୍ କୋର୍ଟରୁ କୌଣସି ପ୍ରକାରର ନିଷେଧାଦେଶ କିମ୍ବା ଇଞ୍ଜଙ୍କସନ୍‌ର ପ୍ରଶ୍ନଉଠୁ ନାହିଁ। ଯଦି ସେ ବ୍ୟକ୍ତି କହୁଛନ୍ତି ତାଙ୍କ ପାଖରେ ରହିତାଦେଶ କିମ୍ବା ଇଞ୍ଜଙ୍କସନ୍ ଅଛି ସେ କର୍ତ୍ତୃପକ୍ଷଙ୍କୁ ଦେଖାନ୍ତୁ। ଯଦି ମିଛ କହି ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି କରୁଛନ୍ତି ତେବେ ଅଞ୍ଚଳବାସୀ ଅଦାଲତ ଓ ଜିଲ୍ଲାପାଳଙ୍କୁ ଜଣାଇବାକୁ କହିଥିଲେ। ସେ ବ୍ୟକ୍ତି ଗୃହ ନିର୍ମାଣ ବେଳେ ତାପାଇଁ ଯିବା ଆସିବା ରାସ୍ତା ଦେଖାଇ ପ୍ଲାନ୍ ମଞ୍ଜୁରୀ କରିଥିବ, ସେ ରାସ୍ତାଟା କେବେ ମଧ୍ୟ ସରକାରୀ ଜମି ଭିତର ଦେଇ ରହିପାରିବନାହିଁ। ସେ ତାର ବିଦ୍ୟୁତ୍ ସଂଯୋଗ ଯେଉଁ ବାଟ ଦେଇ ଆଣିଛି ଓ ଯେଉଁ ରାସ୍ତା ଦେଇ ସେ ଗୃହ ନିର୍ମାଣ ସାମଗ୍ରୀ ଆଣି ଘର କରିଥିଲା ସେ ରାସ୍ତା ତା ପାଇଁ ଉଦ୍ଦିଷ୍ଟ। ଯଦି କୋର୍ଟଙ୍କ ନାମରେ ମିଛ କହୁଛି ତାହେଲେ ଏହା ଗୁରୁତର ଅପରାଧ। ମୁଁ ଢେଙ୍କାନାଳ ଜିଲ୍ଲାପାଳ ଓ ସରକାରୀ ଓକିଲଙ୍କ ସହ କଥା ହେବି ବୋଲି ପ୍ରତିଶୃତି ଦେଇଥିଲେ। ଆଡ୍‌ଭୋକେଟ୍ ଜେନେରାଲ୍ ପିତାମ୍ବର ଆଚାର୍ଯ୍ୟ ସାମ୍ବାଦିକମାନଙ୍କୁ ପ୍ରତିଶୃତି ଦେଇ କହିଲେ ମୁଁ ଢେଙ୍କାନାଳ ନନ୍ଦିନୀ ସତପଥି ଶିଶୁ ଉଦ୍ୟାନର ନିର୍ମାଣ କାର୍ଯ୍ୟ ଜଲ୍‌ଦି ସାରିବାକୁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବି ଆଉ ଆଇନ୍‌ଗତ କାରଣରୁ ଯଦି କୌଣସି ବିଳମ୍ବ ହେଉଛି ତେବେ ମୁଁ ନିଜେ ସେସବୁ ଦୂର କରିବାକୁ ଚେଷ୍ଟା କରିବି। ଇତିମଧ୍ୟରେ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାରେ ପାର୍କ ପାଇଁ ଆଉ ୧୩ ଲକ୍ଷ ଟଙ୍କା ମଞ୍ଜୁର ହେଇଛି ବୋଲି ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ପ୍ରକାଶ କରିଛନ୍ତି। ସରକାରୀ ବିଧି ବ୍ୟବସ୍ଥା ଅନୁପାଳନ କରି ପାର୍କ ପାଚେରୀ ନିର୍ମାଣ କାର୍ଯ୍ୟ ଯଥାଶୀଘ୍ର ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅଞ୍ଚଳବାସୀ ସମାଜସେବୀ ରାମଚନ୍ଦ୍ର ପାତ୍ରଙ୍କୁ ଭେଟି କାର୍ଯ୍ୟ ଶୀଘ୍ର ସାରିବାକୁ ମଧ୍ୟ କହିଛନ୍ତି। ସମାଜସେବୀ ପାତ୍ର ଅଞ୍ଚଳବାସୀଙ୍କୁ ଆଶ୍ୱାସନା ଦେବା ସହ ଯିଏ ଜବରଦସ୍ତ ରାସ୍ତା ନେବାକୁ ଚାହିଁବ ବା ଅଦାଲତ ନାମରେ ମିଛ ଧମକ ଦେବ ଓ ସରକାରୀ କାମରେ ବାଧା ଦେବ ଆମେ ତା' ବିରୋଧରେ ଅଦାଲତ ଓ ପୋଲିସ ପ୍ରଶାସନର ସାହାଯ୍ୟ ନେବୁ, କିନ୍ତୁ କୌଣସି ପରିସ୍ଥିତିରେ ମଧ୍ୟ ଲୋକଙ୍କ ଉନ୍ନୟନ କାମ ରୋକାଯିବ ନାହିଁ ବୋଲି ଦୃଢ଼ ଭାବରେ ପ୍ରକାଶ କରିଛନ୍ତି।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ଶସ୍ତା ହୋଇପାରେ ସ୍ମାର୍ଟଫୋନ୍ ଏବଂ ଲାପଟପ

ଶସ୍ତା ହୋଇପାରେ ସ୍ମାର୍ଟଫୋନ୍ ଏବଂ ଲାପଟପ । କାରଣ କେନ୍ଦ୍ର ସରକାର ଦେଶରେ ସ୍ମାର୍ଟଫୋନ, ଲାପଟପ, ୱେରେବଲ୍ସ(ସ୍ମାର୍ଟୱାଚ୍, ଫିଟ୍ନେସ୍ ବ୍ୟାଣ୍ଡ) ଏବଂ ସ୍ମାର୍ଟ ଟିଭି ଭଳି ଇଲେକ୍ଟ୍ରୋନିକ୍ ଡିଭାଇସ୍ ପ୍ରସ୍ତୁତିରେ ବ୍ୟବହାର ହେଉଥିବା ସାମଗ୍ରୀ ଉପରୁ ମୂଳ ସୀମା ଶୁଳ୍କ(ବିସିଡି) ହଟାଇ ଦେଇଛନ୍ତି । ଏହାଦ୍ୱାରା ସ୍ମାର୍ଟଫୋନ, ଲାପଟପ ଏବଂ ସ୍ମାର୍ଟ ଟିଭି ଆଦି ଶସ୍ତା ହୋଇପାରେ । ଏବେ ଡିସ୍ପ୍ଲେ ଆସେମ୍ବ୍ଲି, ଲିଥିୟମ ଆୟନ ସେଲ୍ ଏବଂ ଇଣ୍ଡକ୍ଟର କଏଲ୍ ମଡ୍ୟୁଲ୍ ନିର୍ମାଣରେ ବ୍ୟବହାର ହେଉଥିବା ସାମଗ୍ରୀ ଉପରେ ମୂଳ ସୀମା ଶୁଳ୍କ ଲାଗିବ ନାହିଁ । ସରକାର ଘରୋଇ ଉତ୍ପାଦନ ବଢ଼ାଇବା ପାଇଁ ଏ ପଦକ୍ଷେପ ନେଇଛନ୍ତି । ଅର୍ଥ ମନ୍ତ୍ରାଳୟ ଦ୍ୱାରା ଜାରି ବିଜ୍ଞପ୍ତି ଅନୁସାରେ, ଏହି ଉପକରଣଗୁଡ଼ିକରେ ମିଳିବାକୁ ଥିବା ଛାଡ଼ ଆଗାମୀ ୩ ବର୍ଷରୁ ଅଧିକ ସମୟ ଅର୍ଥାତ୍ ୨୦୨୯ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଲାଗୁ ରହିବ । ସରକାରଙ୍କ ଏ ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ଦେଶ ମଧ୍ୟରେ ଇଲେକ୍ଟ୍ରୋନିକ୍ ସାମଗ୍ରୀଗୁଡ଼ିକର ଉତ୍ପାଦନକୁ ଦ୍ରୁତ କରିବା ଏବଂ କମ୍ପାନିଗୁଡ଼ିକର ଖର୍ଚ୍ଚ କମାଇବା । ଶୁଳ୍କଛାଡ଼ ଆଦାନର ନୂଆ ତାଲିକାରେ ଇଲେକ୍ଟ୍ରୋନିକ୍ସ ଏବଂ ବ୍ୟାଟେରି ପ୍ରସ୍ତୁତ ପାଇଁ ଆବଶ୍ୟକ ପ୍ରାୟ ସମସ୍ତ ଆବଶ୍ୟକୀୟ ଉପକରଣ ରହିଛି । ଏବେ କମ୍ପାନିଗୁଡ଼ିକ ପାଉଡ଼ର ଡ୍ରାୟର, ଅଟୋମେଟିକ୍ ଫିଡିଂ ଏବଂ ବ୍ଲେଣ୍ଡିଂ ସିଷ୍ଟମ, ସ୍ଲରୀ ଟ୍ରାନ୍ସଫର ସିଷ୍ଟମ, କ୍ୟାଥୋଡ୍ ଏବଂ ଏନୋଡ୍ ଏକ୍ସଟ୍ରୁଜନ୍ କୋଟିଂ ମେସିନ, କଣ୍ଡେନ୍ସନ୍ ଇକ୍ୟୁପ୍ମେଣ୍ଟ ଏବଂ ହାଇ ଭ୍ୟାକ୍ୟୁମ୍ ପମ୍ପ ଅର୍ଡର ଉପରେ ଟିକସ ଦେବାକୁ ପଡ଼ିବ ନାହିଁ । ଏହାବ୍ୟତୀତ ବାଇଣ୍ଡିଂ ମେସିନ, ଇଲେକ୍ଟ୍ରୋଡ୍ କଟିଙ୍ଗ୍ ଏବଂ ସ୍ଲିଟିଂ ମେସିନ୍, ଟେଷ୍ଟିଂ ମେସିନ୍, ଅଟୋ-ଫ୍ୟାକିଂ ସିଷ୍ଟମ, ସେପରେଟର କୋଟିଙ୍ଗ ମେସିନ୍ ଏବଂ ୱାଇଣ୍ଡିଂ ମେସିନ୍ ବି ଏହି ଛାଡ଼ ପରିସରକୁ ଆସିବ ।ଶିଳ୍ପ ବିଶେଷଜ୍ଞଙ୍କ ଅନୁସାରେ, ଡିସ୍ପ୍ଲେ ଆସେମ୍ବ୍ଲି ଏବଂ ଲିଥିୟମ-ଆୟନ ସେଲ୍ କୌଣସି ସ୍ମାର୍ଟଫୋନ, ଲାପଟପ ଏବଂ ସ୍ମାର୍ଟ ଟିଭିର ମୋଟ ଉତ୍ପାଦନ ଖର୍ଚ୍ଚର ଏକ ବଡ଼ ଅଂଶ । ଏହି ମୂଳ ସୀମା ଶୁଳ୍କ ଛାଡ଼ ଦ୍ୱାରା କମ୍ପାନିଗୁଡ଼ିକୁ ଉତ୍ପାଦନରେ ବଡ଼ ଆଶ୍ୱସ୍ତି ମିଳିବ । ଆଗାମୀ ସମୟରେ କମ୍ପାନିଗୁଡ଼ିକ ଏହାର ଫାଇଦା ଗ୍ରାହକଙ୍କୁ ସ୍ଥାନାନ୍ତର କରିପାରନ୍ତି । ଫଳରେ ଭାରତରେ ତିଆରି ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଶସ୍ତା ହୋଇପାରେ । ସରକାରଙ୍କ ଏ ନିଷ୍ପତ୍ତି ଇଲେକ୍ଟ୍ରୋନିକ୍ସ ବିନିର୍ମାଣ ପାଇଁ ଚାଲୁଥିବା ଉତ୍ପାଦନ ସମ୍ବନ୍ଧିତ ପ୍ରୋତ୍ସାହନ ତଥା ପିଏଲଆଇ ସ୍କିମ୍‌ର ଉଦ୍ଦେଶ୍ୟ ଲାଗି ଠିକ୍ । ଏବେ ଭାରତକୁ ଡିସ୍ପ୍ଲେ ଆସେମ୍ବ୍ଲି ଏବଂ ଲିଥିୟମ-ଆୟନ ସେଲ୍ ଭଳି ପ୍ରମୁଖ ସାମଗ୍ରୀ ପାଇଁ ବଡ଼ ଆକାରରେ ଅନ୍ୟ ଦେଶ ବିଶେଷ କରି ଚାନ୍ ଏବଂ ଭିଏତନାମ ଉପରେ ନିର୍ଭର କରିବାକୁ ପଡ଼ୁଛି । ଏହି ଶୁଳ୍କ ଛାଡ଼ ପରେ ସ୍ଥାନୀୟ ସ୍ତରରେ ଉତ୍ପାଦନ ବଢ଼ିବ, ଯାହାଦ୍ୱାରା ଅନ୍ୟ ରାଷ୍ଟ୍ରଗୁଡ଼ିକ ଉପରୁ ନିର୍ଭରତା କମିଯିବ । ପ୍ରକାଶଯୋଗ୍ୟ, ମୂଳ ସୀମା ଶୁଳ୍କ ବା ବିସିଡି ଉକ୍ତ ଟିକସ, ଯାହା ଦେଶ ବାହାରୁ ଆସୁଥିବା ସାମଗ୍ରୀଗୁଡ଼ିକର ଆମଦାନି ଉପରେ ଲାଗିଥାଏ । ଏହା ହଟିବାର ଅର୍ଥ ହେଉଛି, ଏବେ କମ୍ପାନିଗୁଡ଼ିକ ବିନା କୌଣସି ଅତିରିକ୍ତ ଟିକସରେ ବିଦେଶରୁ କଞ୍ଚାମାଲ ଆମଦାନୀ କରିପାରିବେ ଏବଂ ଭାରତରେ ଶେଷ ଉତ୍ପାଦ ପ୍ରସ୍ତୁତ କରିବେ ।



## ନିଶାପ

### (ନିରପେକ୍ଷ ଶାସନ ପଦ୍ଧତି)

### ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

**ବ୍ୟକ୍ତି**

ଶ୍ରଦ୍ଧେୟ ଭକ୍ତବୃନ୍ଦ ବ୍ୟକ୍ତି ଯେ ପର୍ଯ୍ୟନ୍ତ ବ୍ୟକ୍ତିତ୍ୱର ବିକାଶ ନ କରିଛି ସେ ପର୍ଯ୍ୟନ୍ତ ସେ ମାୟାର ବନ୍ଧନରେ ଥାଏ । କେବଳ ସେ ହିଁ ସେହି ହୋଇଥାଏ । ପଶୁ ପ୍ରକୃତିକୁ ଆଧାର କରି ଚାଲିଥାଏ । କାମ, କ୍ରୋଧ, ଲୋଭ, ମୋହରେ ଆବୃତ ହୋଇଥାଏ । । ନିଜେ ଖାଇବ ନିଜେ ବଞ୍ଚିବ ନିଜର ସୁଖ ସ୍ୱାଚ୍ଛନ୍ଦ୍ୟ କୁ ଜାହିର କରୁଥାଏ ପ୍ରତିମୂହୂର୍ତ୍ତରେ ଏହା ହିଁ ତ ମାୟା, ମନୁଷ୍ୟ ଜନ୍ମର ସାର୍ଥକତାକୁ ସେ ଭୂଲିଯାଇଥାଏ । ପରଶ୍ରୀକାତରତାର ନିଶାରେ ସେ ମୋହାନ୍ଧ ହୋଇ ସଂସାର ଓ ସମାଜର ବୋଝ ହୋଇଥାଏ । ତେଣୁ ଏ ବୋଝ ତାକୁ ଏତେ ଭାରି ପଡେ ଯେ ପରିଶେଷରେ ତାର ନିଜର ଲୋକ ମାନେହିଁ ତାକୁ ଘୃଣା କରୁଥାଆନ୍ତି । କିନ୍ତୁ ସେ ଭାବେ ମୁଁ ଯାହା କରୁଛି ଠିକ୍ କରୁଛି । ଯାହା କରିଛି ସେବି ଠିକ୍ । କିନ୍ତୁ ପରିଶେଷରେ ମନୁଷ୍ୟ ହିତା ହିତ ଜ୍ଞାନ ଭୂଲି ନର୍କଗାମୀ ହୋଇଥାଏ । ତେଣୁ ହେ ସୁଧିଜନ ବେଳହୁଁ ଗୋବିନ୍ଦ ସୁମର । ଆମେ ଯାହା କରୁଛୁ ତାହା ଠିକ୍ ବୋଲି ଆମେ କହିଲେ ହେବନାହିଁ । କାରଣ ମନୁଷ୍ୟର ଦର୍ପଣ ହେଉଛି ସମାଜ,ତୁମର କର୍ମକୁ ସମାଜ ଦେଖିଛି କାରଣ ବହୁ ଲୋକଙ୍କ ହୃଦୟରେ ଯେଉଁ ଭାବ ଜାଗ୍ରତ ହୁଏ ତାହାହିଁ ଈଶ୍ୱର ବାଣୀ । ଆମେ କହିଲେ କେମିତି ହେବ । ତେଣୁ ହେ ସୁଧିଜନ ସବୁ ମୂହୂର୍ତ୍ତରେ ବ୍ୟକ୍ତିଗତ ମନଭାବ ଭୂଲି ସମାଜର ଅଗ୍ରଗତି ଦିଗରେ ସଚେତନ ହେଲେ ଈଶ୍ୱର ନିଶ୍ଚୟ ତୁମକୁ ଆର୍ଶୀବାଦ କରିବେ । ହରିଓଁ ।

**ଉଦୟ ଅସ୍ତ**

ଶ୍ରଦ୍ଧେୟ ଭକ୍ତବୃନ୍ଦ ବିଜ୍ଞ ବ୍ୟକ୍ତି ପାଖରେ ରହିଲେ ଜ୍ଞାନର ଉଦୟ ହୁଏ। କିନ୍ତୁ ଗୋଟେ ଅଜ୍ଞ୍ୟ ଲୋକ ପାଖରେ ରହିଲେ ଜ୍ଞାନ ଯାହାଥାଏ ତାହା ଅସ୍ତ ହୋଇଯାଏ । ତେଣୁ ତୁମେ ଶିଷ୍ୟ ହୁଅ କି ଭକ୍ତ ହୁଅ ତୁମେ ପ୍ରଥମେ ସ୍ଥାନ ନିରୁପଣ କର ବସିବା ପାଇଁ ଆଉ ଯେଉଁ ସ୍ଥାନରେ ବସୁଛ ସେ ସ୍ଥାନରେ ଯେଉଁ ବ୍ୟକ୍ତି ବସିଛି ତାକୁ ବି ନିରୁପଣ କର ପ୍ରକୃତରେ ସେ ଜ୍ଞାନୀ କି ଅଜ୍ଞାନୀ । ସେ ବିଜ୍ଞ କି ଅଜ୍ଞ । ସେହି ବିଜ୍ଞ ବ୍ୟକ୍ତି ପାଖରେ ବସିବା ପୂର୍ବରୁ ତୁମ ଆତ୍ମାର ସନ୍ତୋଷ ଆସୁଛି ନା ନାହିଁ । ଯଦି ଆସୁଥାଏ ତାହେଲେ ସେଠାରେ ବସ ଶିକ୍ଷା ନିଅ, ଜ୍ଞାନ ଉପାର୍ଜନ କର ସେଥିରେ ଉଭୟଙ୍କ ଶୁଭ ହେବ ଏବଂ ଲାଭ ବି ହେବ ।

କିନ୍ତୁ ଯଦି ତୁମେ ଅଜ୍ଞ ବ୍ୟକ୍ତି ପାଖରେ ବସିଥାଅ ବା ଅଂହକାରୀ ପାଖରେ ବସିଥାଅ ସେତେବେଳେ ତୁମ ଅନ୍ତର ଆତ୍ମାର ଗତିକୁ ଲକ୍ଷ କର ସେ ଗତିଶୀଳ ହେଉଛି ନା ବିରକ୍ତ ଭାବ ପୋଷଣ କରୁଛି,ଯଦି ତୁମକୁ ବିଚଳିତ ଲାଗୁଛି ସେ ସ୍ଥାନରୁ ଯେତେ ଶିଘ୍ର ପାରୁଛ ଉଠି କରି ଚାଲିଯାଅ ।ନଚେତ୍ ବାଇଡଙ୍କ ଚୂର୍ଣ୍ଣ ଯେତେ ଦୂର ଉଡିବ ଏବଂ ଯାହା ଦେହରେ ଲାଗିବ ସେ ଯେପରି କୁଣ୍ଡାଇ ହୁଏ ସେହିପରି ସକଳ ଜ୍ଞାନ, ବୁଦ୍ଧି ତୁମର ଲୋପ ପାଇ ଯାଇ ଶେଷକୁ ତୁମେ ନିରାଶ ହୋଇପଡିବ ।

# ଶ୍ରୀଜଗନ୍ନାଥ : ଅସୀମର ଅଭିବ୍ୟକ୍ତି



ମିଲନ କୁମାର ମିଶ୍ର
(ଭରଦ୍ୱାଜ)
ମାର୍ଫତ୍: ମନ୍ମଥ କୁମାର ମିଶ୍ର
ବିଶ୍ୱେଶ୍ୱପୁର୍ ଶାସନ, କେନ୍ଦୁଝର ବଜାର
କେନ୍ଦୁଝର-୭୫୮୦୦୨
ମୋ: ୭୦୦୮୨୪୧୨୮୭

ଯେଉଁ ପରମ ସତ୍ତାଙ୍କୁ ବାକ୍ ଓ ମନ ସମ୍ପୂର୍ଣ୍ଣ ଭାବରେ ସ୍ପର୍ଶ କରିପାରେ ନାହିଁ, ଭାରତୀୟ ଦର୍ଶନ ତାଙ୍କୁ ବ୍ରହ୍ମ ବୋଲି ଅଭିହିତ କରିଛି । ସେହି ଅନନ୍ତ, ଅନାଦି, ଅନିର୍ବଚନୀୟ ବ୍ରହ୍ମ ଯେତେବେଳେ ମଣିଷର ଅନୁଭବ, ପ୍ରେମ ଓ ଭକ୍ତିର ପରିସରକୁ ଅବତରଣ କରନ୍ତି, ସେତେବେଳେ ସେ ହୁଅନ୍ତି ଶ୍ରୀଜଗନ୍ନାଥ । ସେଥିପାଇଁ ଶ୍ରୀଜଗନ୍ନାଥ କେବଳ ଏକ ଦେବମୂର୍ତ୍ତି ନୁହନ୍ତି; ସେ ଅସୀମର ଅଭିବ୍ୟକ୍ତି— ଦୃଶ୍ୟରେ ଅଦୃଶ୍ୟର ଏବଂ ମୂର୍ତ୍ତରେ ଅମୂର୍ତ୍ତର ଏକ ଅଦ୍ୱିତୀୟ ପ୍ରକାଶ ।

ଶ୍ରୀଜଗନ୍ନାଥଙ୍କ ରୂପ ପ୍ରଥମ ଦୃଷ୍ଟିରେ ପାରମ୍ପରିକ ଦେବମୂର୍ତ୍ତିଠାରୁ ସମ୍ପୂର୍ଣ୍ଣ ଭିନ୍ନ । ତାଙ୍କର ନାହିଁ ସୁଗଠିତ ଅଙ୍ଗପ୍ରତ୍ୟଙ୍ଗ, ନାହିଁ ରାଜସିକ ଅଳଙ୍କାରର ଗର୍ବ, ନାହିଁ ମାନବୀୟ ସୌନ୍ଦର୍ଯ୍ୟର ପ୍ରଚଳିତ ମାପକାଠି । ତଥାପି ଶତାବ୍ଦୀ ପରେ ଶତାବ୍ଦୀ ଧରି ଲକ୍ଷ ଲକ୍ଷ ଲୋକ ସେହି ରୂପରେ



ଅପୂର୍ବ ସୌନ୍ଦର୍ଯ୍ୟ ଅନୁଭବ କରିଆସିଛନ୍ତି । କାରଣ ଜଗନ୍ନାଥଙ୍କ ସୌନ୍ଦର୍ଯ୍ୟ ଆଖିରେ ନୁହେଁ, ଅନୁଭୂତିରେ; ତାଙ୍କର ମହିମା ଆକୃତିରେ ନୁହେଁ, ତତ୍ତ୍ୱରେ । ତାଙ୍କ ବିଗ୍ରହ ଯେପରି ଘୋଷଣା କରେ, ପରମ ସତ୍ୟକୁ ରୂପରେ ବନ୍ଦୀ କରିହେବ ନାହିଁ, କିନ୍ତୁ ରୂପ ମାଧ୍ୟମରେ ତାଙ୍କୁ ଅନୁଭବ କରାଯାଇପାରେ ।

ଜଗନ୍ନାଥ ତତ୍ତ୍ୱର ସବୁଠାରୁ ବଡ଼ ବୈଶିଷ୍ଟ୍ୟ ହେଉଛି ସମନ୍ୱୟ । ତାଙ୍କ ମଧ୍ୟରେ ଶବର ସଂସ୍କୃତିର ସରଳତା, ବୈଦିକ ଆଧ୍ୟାତ୍ମିକତା, ବୌଦ୍ଧ କରୁଣା, ଜୈନ ସଂଯମ, ଶୈବ ବୈରାଗ୍ୟ, ଶାକ୍ତ ଶକ୍ତିସାଧନା ଏବଂ ବୈଷ୍ଣବ ପ୍ରେମଭକ୍ତି ଏକାକାର ହୋଇଛି । ଏହି କାରଣରୁ ଶ୍ରୀଜଗନ୍ନାଥ କେବଳ ଓଡ଼ିଶାର ନୁହନ୍ତି କିମ୍ବା କେବଳ ଭାରତର ମଧ୍ୟ ନୁହନ୍ତି; ସେ ସମଗ୍ର ମାନବଜାତିର । ଅସୀମର ଅଭିବ୍ୟକ୍ତି କେବେ ସଂକୀର୍ଣ୍ଣ ହୋଇପାରେ ନାହିଁ । ସେ ସମସ୍ତଙ୍କୁ ଆପଣାର କରନ୍ତି, ସମସ୍ତଙ୍କୁ ଆଲିଙ୍ଗନ କରନ୍ତି ।

ଶ୍ରୀଜଗନ୍ନାଥଙ୍କ ବଡ଼ ବଡ଼ ଆଖି ହିଁ ଏକ ଗଭୀର ପ୍ରତୀକ । ସେହି ଦୃଷ୍ଟି କେବେ ପଲକ ପକାଏ ନାହିଁ । ସେ ଅପଲକ ନୟନରେ ସୃଷ୍ଟିକୁ ଦେଖୁଛନ୍ତି । ସେହି ଦୃଷ୍ଟିରେ ନାହିଁ ଜାତିବର୍ଣ୍ଣର ବିଚାର, ନାହିଁ ବୈଷମ୍ୟ; ଅଛି କେବଳ କରୁଣା। ସେଥିପାଇଁ ତାଙ୍କ ଦୃଷ୍ଟି ସବୁ ଭକ୍ତଙ୍କ ପାଇଁ ସମାନ । ଦାସିଆ ବାଉରୀଙ୍କ ନଡ଼ିଆ, ସାଲବେଗଙ୍କ ଆର୍ତ୍ତ ପ୍ରାର୍ଥନା କିମ୍ବା ବଳରାମ ଦାସଙ୍କ ଭକ୍ତି ସବୁ ତାଙ୍କ ପାଇଁ ସମାନ ଓ ଆଦରଣୀୟ । ଏଠାରେ ଜାତି ନାହିଁ, ବର୍ଣ୍ଣ ନାହିଁ, ଉଚ୍ଚ-ନୀଚର ଭେଦଭାବ ନାହିଁ । ଅସୀମର ପରିଚୟ ହେଉଛି ସମତା ।

ରଥଯାତ୍ରା ଶ୍ରୀଜଗନ୍ନାଥଙ୍କ ଅସୀମତାର ଆଉ ଏକ ଅନନ୍ୟ ପ୍ରକାଶ । ସାଧାରଣତଃ ଭକ୍ତ ଭଗବାନଙ୍କ ପାଖକୁ ଯାଏ । କିନ୍ତୁ ଜଗନ୍ନାଥଙ୍କ କ୍ଷେତ୍ରରେ ଭଗବାନ ନିଜେ ଭକ୍ତଙ୍କ ନିକଟକୁ ଆସନ୍ତି । ମନ୍ଦିରର ଗର୍ଭଗୃହ ଛାଡ଼ି ସେ ରଥରେ ବିଜେ ହୁଅନ୍ତି । ବଡଦାଣ୍ଡରେ ଆସନ୍ତି । ଧୂଳିରେ ମିଶନ୍ତି । ଲକ୍ଷ ଲକ୍ଷ ହାତ ତାଙ୍କ ରଥର ଦଉଡିକୁ ଟାଣନ୍ତି । ଏହି ଦୃଶ୍ୟ କେବଳ ଧାର୍ମିକ ନୁହେଁ; ଏହା ଦାର୍ଶନିକ । ଏହା କହେ— ଅସୀମ କେବେ ଦୂରରେ ରହେ ନାହିଁ; ସେ ନିଜେ ସସୀମ ଜୀବନରେ ଅବତରଣ କରନ୍ତି ।

ଜଗନ୍ନାଥ ସଂସ୍କୃତିରେ ମହାପ୍ରସାଦର ମହତ୍ତ୍ୱ ମଧ୍ୟ ଏହି ଅସୀମ ଭାବନାର ପ୍ରତିଫଳନ । ଏକ ପାତ୍ରରେ ପ୍ରସ୍ତୁତ ଅନ୍ନ, ଏକ ସ୍ଥାନରେ ସମସ୍ତଙ୍କ ଦ୍ୱାରା ଅନ୍ନଗ୍ରହଣ... ଏହା କେବଳ ପ୍ରସାଦ ବିତରଣ ନୁହେଁ ବରଂ ଏହା ମାନବ ସମାଜର ସମତାର ଘୋଷଣା । ମଣିଷ ଯେଉଁଠାରେ ବିଭାଜନ ସୃଷ୍ଟି କରେ, ଜଗନ୍ନାଥ ସେଠାରେ ଐକ୍ୟ ସୃଷ୍ଟି କରନ୍ତି । ଏହା ହିଁ ଅସୀମର ଧର୍ମ ।

ନବକଳେବର ପରମ୍ପରା ମଧ୍ୟ ଗଭୀର ତତ୍ତ୍ୱର ବାହକ । ଦାରୁବିଗ୍ରହ ବଦଳିଯାଏ, କିନ୍ତୁ ବ୍ରହ୍ମତତ୍ତ୍ୱ ଅପରିବର୍ତ୍ତିତ ରହେ । ଏହା ଆମକୁ ଶିଖାଏ ଶରୀର ସସୀମ କିନ୍ତୁ ଆତ୍ମା ଅସୀମ । ରୂପ ପରିବର୍ତ୍ତନଶୀଳ, ସତ୍ୟ ଚିରନ୍ତନ । ଶ୍ରୀଜଗନ୍ନାଥଙ୍କ ନବକଳେବର ମଣିଷକୁ ମୃତ୍ୟୁର ଭୟରୁ ମୁକ୍ତ କରି ଜୀବନର ଚିରନ୍ତନତାର ବୋଧ ଦେଇଥାଏ ।

ଓଡ଼ିଆ ଜାତିର ଇତିହାସ, ସାହିତ୍ୟ, ସଙ୍ଗୀତ, ଚିତ୍ରକଳା, ନୃତ୍ୟ, ଲୋକସଂସ୍କୃତି ସବୁଠି ଶ୍ରୀଜଗନ୍ନାଥଙ୍କ ପ୍ରଭାବ ବ୍ୟାପ୍ତ । କିନ୍ତୁ ତାଙ୍କୁ କେବଳ ଓଡ଼ିଆ ଅସ୍ମିତାରେ ସୀମିତ କରିହେବ ନାହିଁ । ସେ ବିଶ୍ୱଚେତନାର ପ୍ରତୀକ। ଆଜି ଦେଶ-ବିଦେଶରୁ ଲକ୍ଷ ଲକ୍ଷ ଭକ୍ତ ନୀଳାଚଳକୁ ଆସନ୍ତି । କେହି ତାଙ୍କୁ କୃଷ୍ଣ ଭାବନ୍ତି, କେହି ବୁଦ୍ଧ, କେହି ପୁରୁଷୋତ୍ତମ, କେହି ପରବ୍ରହ୍ମ। ଏହି ବହୁମାତ୍ରିକ ଅନୁଭବ ହିଁ ତାଙ୍କ ଅସୀମତାର ପ୍ରମାଣ ।

ଆଜିର ବିଶ୍ୱ ବିଭାଜନ, ଅସହିଷ୍ଣୁତା ଓ ସଂଘାତରେ ବ୍ୟାକୁଳ। ଏପରି ସମୟରେ ଶ୍ରୀଜଗନ୍ନାଥଙ୍କ ବାର୍ତ୍ତା। ଆମକୁ ନୂଆ ପଥ ଦେଖାଏ । ସେ ଶିଖାନ୍ତି ଭକ୍ତିର ଅର୍ଥ ସଂକୀର୍ଣ୍ଣତା ନୁହେଁ, ବରଂ ଉଦାରତା; ଧର୍ମର ଅର୍ଥ ବିଭାଜନ ନୁହେଁ, ବରଂ ସମନ୍ୱୟ; ଈଶ୍ୱରଙ୍କ ଅର୍ଥ ଭୟ ନୁହେଁ, ବରଂ ପ୍ରେମ । ଏହି ଶିକ୍ଷା ଯୁଗେ ଯୁଗେ ମାନବ ସମାଜକୁ ଆଲୋକିତ କରିଆସିଛି ।

ଶ୍ରୀଜଗନ୍ନାଥଙ୍କୁ ବୁଝିବା ମାନେ କେବଳ ମନ୍ଦିର ଦର୍ଶନ କରିବା ନୁହେଁ; ତାଙ୍କ ଭାବନାକୁ ହୃଦୟରେ ଧାରଣ କରିବା। ଯେତେବେଳେ ଆମେ ମଣିଷ ମଧ୍ୟରେ ମଣିଷକୁ ଦେଖୁ, ସେବାରେ ସାଧନା ଖୋଜୁ, ଭେଦଭାବ ଭୁଲି ସମସ୍ତଙ୍କୁ ଆପଣାର କରୁ, ସେତେବେଳେ ହିଁ ଆମେ ପ୍ରକୃତ ଅର୍ଥରେ ଜଗନ୍ନାଥଙ୍କୁ ଅନୁଭବ କରୁ ।

ସେଥିପାଇଁ ଶ୍ରୀଜଗନ୍ନାଥ କେବଳ ଦାରୁବ୍ରହ୍ମ ନୁହନ୍ତି, କେବଳ ଶ୍ରୀମନ୍ଦିରର ଅଧିଷ୍ଠାତା ନୁହନ୍ତି, କେବଳ ରଥଯାତ୍ରାର ନାୟକ ନୁହନ୍ତି । ସେ ସସୀମ ମାନବଜୀବନରେ ଅସୀମ ଚେତନାର ଜୀବନ୍ତ ପ୍ରକାଶ । ସେ ଅନନ୍ତର ଅନୁଭବ, ପ୍ରେମର ପରାକାଷ୍ଠା, କରୁଣାର ଅକ୍ଷୟ ଧାରା ଏବଂ ସମନ୍ୱୟର ଚିରନ୍ତନ ଆଲୋକସ୍ତମ୍ଭ ।

ଶେଷରେ କୁହାଯାଇପାରେ, ଶ୍ରୀଜଗନ୍ନାଥଙ୍କ ମହିମାକୁ କୌଣସି ଏକ ଶବ୍ଦ, କୌଣସି ଏକ ଦର୍ଶନ କିମ୍ବା କୌଣସି ଏକ ସମ୍ପ୍ରଦାୟରେ ସୀମିତ କରିହେବ ନାହିଁ । ସେ ଯେତିକି ନୀଳାଚଳର, ସେତିକି ସମଗ୍ର ବିଶ୍ୱର; ସେ ଯେତିକି ମୂର୍ତ୍ତ, ସେତିକି ଅମୂର୍ତ୍ତ; ସେ ଯେତିକି ନିକଟ, ସେତିକି ଅନନ୍ତ। ସେଥିପାଇଁ ଶ୍ରୀଜଗନ୍ନାଥଙ୍କୁ ସ୍ମରଣ କଲେ ହୃଦୟରୁ ସ୍ୱତଃସ୍ଫୂର୍ତ୍ତ ଉଚ୍ଚାରିତ ହୁଏ 'ସେ ଦାରୁବ୍ରହ୍ମରେ ଦୃଶ୍ୟମାନ, କିନ୍ତୁ ତତ୍ତ୍ୱରେ ଅସୀମ; ସେ ନୀଳାଚଳରେ ବିରାଜମାନ, କିନ୍ତୁ ଭକ୍ତହୃଦୟରେ ସର୍ବବ୍ୟାପୀ । ପ୍ରକୃତରେ ଶ୍ରୀଜଗନ୍ନାଥ ସତ୍ୟରେ ଅସୀମର ଅଭିବ୍ୟକ୍ତି ।'

# ଉତ୍ତରପ୍ରଦେଶର ରାଜ୍ୟ ପକ୍ଷୀ-ସାରସ



ଡ. ବିଜୟ କେତନ ପଟ୍ଟନାୟକ
ଅବସରପ୍ରାପ୍ତ ପ୍ରଧାନ ମୁଖ୍ୟ
ବନପ୍ରାଣୀ ସଂରକ୍ଷକ, ଓଡ଼ିଶା
ମୋ : ୯୪୩୭୦୦୦୯୦୪

ଉତ୍ତର ପ୍ରଦେଶରେ "ସାରସ" ପକ୍ଷୀକୁ ରାଜ୍ୟ ପକ୍ଷୀର ମାନ୍ୟତା ଦିଆଯାଇଛି । ପକ୍ଷୀଟିର ସାଧାରଣ ଇଂରାଜୀ ନାମ ସାରସ କ୍ରେନ ଓ ବୈଜ୍ଞାନିକ ନାମ ଗ୍ରସ ଆଣ୍ଟିଗନ୍ । ଆଣ୍ଟିଗୋନେ ପରିବାର ଅନ୍ତର୍ଭୁକ୍ତ ଏହି ପକ୍ଷୀଟିର ହିନ୍ଦି ନାମ ସାରସ । ଓଡିଶାରେ ସ୍ଥଳ ବିଶେଷରେ ଏହାକୁ ବଡ ବଗ ଓ ଚେରଳ ମଧ୍ୟ କହିଥାନ୍ତି । ସାରସ ଶବ୍ଦଟି ସଂସ୍କୃତରୁ ଆସିଛି । ଯାହାର ଆସିଛି । ଯାହାର ଅର୍ଥ ହ୍ରଦର ପକ୍ଷୀ ।

ବ୍ୟାପ୍ତି ଓ ବିସ୍ତୃତି-ସାରସ କ୍ରେନ ଉଡନ୍ତା ପକ୍ଷୀମାନଙ୍କ ମଧ୍ୟରେ ଶ୍ରେଷ୍ଠ । ଭାରତୀୟ ଉପମହାଦେଶରେ ବିଶେଷକରି ଉତ୍ତର ପଶ୍ଚିମ ଭାରତର ସମତଳ ଆଦ୍ରଭୁମି, ନେପାଳର ପଶ୍ଚିମଭାଗରେ ଥିବା ତରାଇ ନିମ୍ନାଞ୍ଚଳ ଏବଂ ପାକିସ୍ତାନର କେତେକ ଅଞ୍ଚଳରେ ସାରସ ପକ୍ଷୀ ଦେଖିବାକୁ ମିଳନ୍ତି । ଏମାନେ ସାଧାରଣତଃ ଦେଶାନ୍ତରୀ ବ୍ରାଜକ ପକ୍ଷୀ ନୁହନ୍ତି । କିନ୍ତୁ ସ୍ଥଳ ବିଶେଷରେ ଅଳ୍ପଦୂରକୁ ପରିବ୍ରଜନ କରିଥାନ୍ତି । ଦକ୍ଷିଣ ପୂର୍ବ ଏସିଆ ଏବଂ ଅଷ୍ଟ୍ରେଲିଆରେ ମଧ୍ୟ ସାରସ ପକ୍ଷୀ ଦେଖାଯାନ୍ତି । ଅନ୍ୟ ଦୁଇ ପ୍ରଜାତିର ସାରସପକ୍ଷୀ ମଧ୍ୟ ବହୁସଂଖ୍ୟାରେ ଶୀତ ଋତୁରେ ଉପମହାଦେଶକୁ ଆସିଥାନ୍ତି । ତାଙ୍କ ଭିତରେ ସାନ ସାରସଟି ହେଉଛି କେରତକରା । ଏହାକୁ ଇଂରାଜୀରେ ଡେମୋଇସିଲି ଏବଂ ହିନ୍ଦୀରେ କରକରା କୁହନ୍ତି । ଅନ୍ୟ ପ୍ରଜାତିର ସାରସ ପକ୍ଷୀକୁ କୁହାଯାଏ କୁଲାଙ୍ଗ । ଏହାକୁ ଇଂରାଜୀରେ ସାଧାରଣ ସାରସ ଏବଂ ହିନ୍ଦୀରେ କୁଲାଙ୍ଗ କୁହାଯାଏ । ବୈଜ୍ଞାନିକ ନାମ ଗ୍ରସ୍ ଗ୍ରସ୍ ।

ଆକୃତି-ସାରସ ଧୂସର ବର୍ଣ୍ଣର ଏକ ବଡ ଧରଣର ପକ୍ଷୀ । ଆକାର ଶାଗୁଣା ପକ୍ଷୀ ପରି ହେବ । କିନ୍ତୁ ଉଚ୍ଚତାରେ ମନୁଷ୍ୟର ଉଚ୍ଚତା ହେବ । ଅର୍ଥାତ୍ ପ୍ରାୟ ୧.୮ମିଟର । ସାରସ କ୍ରେନ ବା ସାରସ ପକ୍ଷୀ ତା ନିଜର ଧୂସର ରଙ୍ଗ ଏବଂ ପ୍ରଭାବୀ ଲାଲ ରଙ୍ଗର ମୁଣ୍ଡ ଓ ଲମ୍ବ ବେକର ଉପର ଅଂଶ ନିମନ୍ତେ ଅନ୍ୟ ବଗ ଜାତୀୟ ପକ୍ଷୀମାନଙ୍କଠାରୁ ସହଜରେ ବାରି ହୋଇ ପଡେ । ପୁରୁଷ ଓ ମାଈ ପକ୍ଷୀଙ୍କର ବର୍ଣ୍ଣ ବିନ୍ୟାସ ପ୍ରାୟ ଏକ ରକମର । କିନ୍ତୁ ପୁରୁଷ ପକ୍ଷୀଟି ସ୍ତ୍ରୀ ପକ୍ଷୀ ତୁଳନାରେ ଆକୃତିରେ ଅପେକ୍ଷାକୃତ ବଡ । ଅଣ୍ଟଟି ସବୁଜ ଧୂସର ଓ ଗୋଜିଆ । ଭାରତୀୟ ଉପମହାଦେଶରେ ଦେଖା ଯାଉଥିବା ସାରସ ପକ୍ଷୀର ଓଜନ ସାଢେ ଛଅରୁ, ସାଢେ ସାତ ବା ଆଠ କିଲୋଗ୍ରାମ ଅଟେ। ପରଗୁଡିକ ଧୂସର ବର୍ଣ୍ଣ । ଉଡିବା ନିମନ୍ତେ ଆକାଶକୁ ଉଡିବା ବେଳେ ଏମାନଙ୍କୁ ସାମାନ୍ୟ ପରିଶ୍ରମ କରିବାକୁ ପଡିଥାଏ । କିନ୍ତୁ ଥରେ ଉପରକୁ ଉଡିଯାଇ ଆକାଶରେ ପକ୍ଷ ବିସ୍ତାର କଲାପରେ ସାରସ ସବେଗରେ ଏବଂ ଦ୍ରୁତ ଗତିରେ ଉଡିପାରେ । ଛନ୍ଦମୟ ଭାବରେ ବିରାଟ ପକ୍ଷ ସଂଚାଳନ ଫଳରେ ଏହା ସହଜ ହୋଇଥାଏ । ଦୁଇ ବିସ୍ତାରିତ ପକ୍ଷ ବା ଡେଣାର ଉଡିବା ସମୟର ଲମ୍ବ ପ୍ରାୟ ୨.୪ ମିଟର । ଉଡିବା ବେଳେ ସାରସ ପକ୍ଷୀର ଲମ୍ବା ବେକ ସିଧାସଳଖ ସମ୍ମୁଖକୁ ଏବଂ ଡେଙ୍ଗା ଡେଙ୍ଗା ଗୋଲାପି ଗୋଡ ଦୁଇଟି ପଛ ପଟକୁ ପ୍ରସାରିତ ହୋଇ ରହିଥାଏ ।

ପାରିପାର୍ଶ୍ୱିକ ପରିବେଶ- ଗାଙ୍ଗେୟ ଉପତ୍ୟକାର ସମତଳ, ନିମ୍ନ ଆର୍ଦ୍ରଭୂମିରେ ଏବଂ ଦକ୍ଷିଣରେ ଗୋଦାବରୀ ନଦୀର ଉପତ୍ୟକାରେ ମଧ୍ୟ ଏମାନେ ବହୁ ସଂଖ୍ୟାରେ ଦେଖାଯାନ୍ତି । ପଶ୍ଚିମବଙ୍ଗ ଏବଂ ଆସାମରେ ଏମାନଙ୍କ ସଂଖ୍ୟା କମ୍ । ବିହାରରେ ଏବେ ଆଦୌ ଦେଖିବାକୁ ମିଳୁନାହାଁନ୍ତି । ଦକ୍ଷିଣ ଉତ୍ତରପ୍ରଦେଶର ଜଳ ପ୍ଲାବିତ ଜିଲ୍ଲା ଗୁଡିକରେ ଦେଖିବାକୁ ମିଳୁଥିବା ସାରସ ପକ୍ଷୀଙ୍କ ସଂଖ୍ୟା ମଧ୍ୟ - ଉତ୍ତରପ୍ରଦେଶ ଓ ପୂର୍ବ ଉତ୍ତରପ୍ରଦେଶ ଜିଲ୍ଲା ଗୁଡିକ ତୁଳନାରେ ଯଥେଷ୍ଟ ଅଧିକ । ଏମିତିରେ ଦେଖିବାକୁ ଗଲେ ଜଳାର୍ଣ୍ଣବ ଶସ୍ୟକ୍ଷେତ୍ର ଓ ଆର୍ଦ୍ରଭୂମିମାନଙ୍କରେ ସାରସ ପକ୍ଷୀଙ୍କର ସଂଖ୍ୟା ଅପେକ୍ଷାକୃତ ଅଧିକ ।

ଆଚାର ବ୍ୟବହାର-ସାରସ ଜାତୀୟ ପକ୍ଷୀ ହଳହଳ ହୋଇ ଶସ୍ୟକ୍ଷେତରେ ବା ଜଳାର୍ଣ୍ଣବ ଅଞ୍ଚଳରେ ଖାଦ୍ୟ ଅନ୍ୱେଷଣ କରିବାର ଦେଖାଯାଏ। ଅନେକ ସମୟରେ ଏମାନଙ୍କ ସହିତ ଗୋଟିଏ କିମ୍ବା ଦୁଇଟି ସାରସ ଛୁଆ ଥାଆନ୍ତି । ସାରସ ଯୋଡି ଅର୍ଥାତ୍ ପୁରୁଷ ଓ ସ୍ତ୍ରୀ ସାରସ ପକ୍ଷୀ ସାଧାରଣତଃ ପ୍ରଜନନ ଋତୁରେ ବେଶୀ ଦେଖିବାକୁ ମିଳନ୍ତି । ଅନ୍ୟ ସମୟରେ ସେମାନେ ଏକାଧିକ ସଂଖ୍ୟାରେ ଦଳବାନ୍ଧି ବୁଲନ୍ତି । ଗୋଟିଏ ଗୋଟିଏ ଦଳରେ ଶହେରୁ ଅଧିକ ସାରସ ମଧ୍ୟ ଦେଖାଯାଇଥାନ୍ତି । ପକ୍ଷୀମାନେ ବୟସ୍କ ହୋଇଗଲେ, ପ୍ରତି ଦୁଇ ବର୍ଷରେ ଥରେ ଲେଖାଏଁ ସେମାନଙ୍କର ପର ଝାଡିଥାନ୍ତି ।


ପ୍ରଜନନ ଓ ବଂଶବିସ୍ତାର- ଭାରତରେ ସାରସ ପକ୍ଷୀ ବୈବାହିକ, ଏକନିଷ୍ଠତା ଓ ଆନୁଗତ୍ୟ ପାଇଁ ପ୍ରସିଦ୍ଧ । ଅନ୍ୟାନ୍ୟ ଅନେକ କୌଞ୍ଚ ପକ୍ଷୀମାନଙ୍କ ପରି ମାଈ ଓ ଅଣ୍ଡିରା ସାରସ ପକ୍ଷୀ ସାରା ଜୀବନ ପାଇଁ ବନ୍ଧନରେ ବାନ୍ଧି ହୋଇ ରୁହନ୍ତି । କୁହାଯାଏ, ମୃତ୍ୟୁ ପର୍ଯ୍ୟନ୍ତ ମଧ୍ୟ ଏମାନଙ୍କର ବନ୍ଧନ ତୁଟେ ନାହିଁ । ଏହି ଅନୁରକ୍ତି ଭାରତୀୟ ଲୋକ ସାହିତ୍ୟରେ ଓ ପୌରାଣିକ କଥାବସ୍ତୁରେ ମଧ୍ୟ ସ୍ଥାନ ପାଇଛି । ସେଥିପାଇଁ ସାରସ ପକ୍ଷୀ ଭାରତର ଅନେକ ଅଞ୍ଚଳରେ ପବିତ୍ର ବୋଲି ପରିଗଣିତ ହୋଇଥାଏ । ଗ୍ରାମାଞ୍ଚଳର ଲୋକମାନେ ସେମାନଙ୍କର କିଛି କ୍ଷତି କରନ୍ତି ନାହିଁ ।

ପ୍ରଜନନ ଋତୁ ଆସିଲେ, ସାରସ ଯୋଡି ମିଳିତ ଭାବେ ଉଚ୍ଚ ଧ୍ୱନି କରିବା ଏବଂ ଆକର୍ଷଣୀୟ ଅଙ୍ଗଭଙ୍ଗୀ ପ୍ରଦର୍ଶନ ସହିତ ଏକ ପ୍ରକାରର ହାସ୍ୟକର ନାଚକୁଦରେ ମତ୍ତ ହୋଇଯାନ୍ତି । ଏହି ସମୟରେ ପକ୍ଷୀ ଦମ୍ପତି ଆଞ୍ଚଳିକ ସ୍ଥାନ ନିରୁପଣ କରି ବିଶେଷ କରି ଜଳପ୍ଲାବିତ ଧାନ କ୍ଷେତ ମଝିରେ ଥିବା ଘାସ ହିଡ ବା ତଡାଭୂମି ମଝିରେ ଥିବା ଟାପୁରେ ନୀଡ ରଚନା କରିଥାନ୍ତି । ନଳ ଘାସ, କାଠିକୁଟା ଏବଂ କେତେକ ଜଳଜ ଉଦ୍ଭିଦର ଡାଳ ଓ ଚେରକୁ ନେଇ ବସା ତିଆରି କରନ୍ତି । ବସା ପ୍ରସ୍ତୁତିରେ ପଙ୍କ ଓ କାଦୁଅ ମଧ୍ୟ ବ୍ୟବହୃତ ହୁଏ । ନୀଡ ଗୁଡିକ ଆକୃତିରେ ବେଶ୍ ବଡ । ଦୁଇ ମିଟରରୁ ଅଧିକ ଗୋଲେଇ ବିଶିଷ୍ଟ ଏବଂ ପାଖାପାଖି ୧ ମିଟର ଉଚ୍ଚତା ବିଶିଷ୍ଟ ହୋଇଥାଏ । ସାଧାରଣଭାବେ ନୀଡଟି ଜଳ ପତ୍ତନ ଠାରୁ ଉପରେ ଥାଏ । ଉଭୟ ଅଣ୍ଡିରା ଓ ମାଈ ପକ୍ଷୀ ନୀଡର ସୁରକ୍ଷା ଦାୟିତ୍ୱ ନିଅନ୍ତି । ସାଧାରଣତଃ ବର୍ଷର ଯେ କୌଣସି ସମୟରେ ସାରସପକ୍ଷୀ ଛୁଆ ଜନ୍ମ କରିଥାଏ । ଭାରତର ଏହି ସମୟ ପ୍ରାୟତଃ ବର୍ଷା ଋତୁ ଅର୍ଥାତ୍ ଜୁଲାଇରୁ ଅକ୍ଟୋବର ମଧ୍ୟରେ ରୁହେ ।

ଥରକେ ମାଈ ସାରସପକ୍ଷୀ ଗୋଟିଏ ବା ଦୁଇଟି ଅଣ୍ଡା ଦିଏ । ଅଣ୍ଡାର ବର୍ଣ୍ଣ ଚକ୍‌ଖଡି ପରି ଧଳା ଅଥବା ଫିକା ସବୁଜ କିମ୍ବା ଫିକା ପାଟଳ ଧଳା । ଅଣ୍ଡାର ଓଜନ ପ୍ରାୟ୨୪୦ଗ୍ରାମ । ଉଭୟ ସ୍ତ୍ରୀ ଓ ପୁରୁଷ ପକ୍ଷୀ ଅଣ୍ଡା ଉଷୁମେଇବାରେ ଭାଗ ନେଇଥାନ୍ତି । ୨୬ରୁ ୩୦ଦିନ ପରେ ଅଣ୍ଡା ଫୁଟି ସେଥିରୁ ଶାବକ ବାହାରିଥାନ୍ତି । ଛୁଆମାନଙ୍କର ବଞ୍ଚିବାର ହାର ୩୦ ପ୍ରତିଶତ । ପ୍ରଥମେ କିଛିଦିନ ମାଆ ଓ ବାପା ବିଲରୁ ବା ଶସ୍ୟ କ୍ଷେତରୁ ଖାଦ୍ୟ ସଂଗ୍ରହ କରି ଛୁଆମାନଙ୍କୁ ଖୁଆନ୍ତି । ପରେ ସେମାନେ ବାପା, ମାଆଙ୍କ ସାଥିରେ ଯାଇ ନିଜେ ନିଜେ ଖାଦ୍ୟ ସଂଗ୍ରହ କରନ୍ତି । ପରବର୍ତ୍ତୀ ପ୍ରଜନନ ଋତୁ ପର୍ଯ୍ୟନ୍ତ ସେମାନେ ବାପା ମାଙ୍କ ପାଖରେ ରୁହନ୍ତି । ଚିଡିଆଖାନାରେ ଆବଦ୍ଧ ଅବସ୍ଥାରେ, ଛୁଆମାନେ ପାଞ୍ଚବର୍ଷ ବୟସରେ ପ୍ରଜନନ ହେବା ଜଣାଯାଏ ।

ସଂରକ୍ଷଣ ସ୍ଥିତି-ବିଗତ ଶତାବ୍ଦୀରେ ସାରସ କ୍ରେନ୍‌ଙ୍କର ସଂଖ୍ୟା ଯଥେଷ୍ଟ ହ୍ରାସ ପାଇଛି । ଭାରତରେ ଏବେ ସେମାନଙ୍କର ସଂଖ୍ୟା ୧୦,୦୦୦ର ରୁ୧୫,୦୦୦ ମଧ୍ୟରେ ସୀମିତ । ଏହାର କାରଣ ହେଲା ଜଳାର୍ଣ୍ଣବ, ନିମ୍ନ, ସନ୍ତସନ୍ତିଆ ଜମି ହ୍ରାସ, ପକ୍ଷୀ ଶିକାର, ପ୍ରଦୂଷଣ ଏବଂ ଚାଷ ଜମିରେ କୀଟନାଶକ ଔଷଧର ପ୍ରୟୋଗ । ସାରସ ପକ୍ଷୀ ଦେଇଥିବା ଅଣ୍ଡାକୁ ମଧ୍ୟ ଉଭୟ ସାଧାରଣ କାଉ ଓ ଚିଲମାନେ ଖାଇ ନଷ୍ଟ କରିଦିଅନ୍ତି । ଆମ ଦେଶରେ ସାରସ ପକ୍ଷୀକୁ ପବିତ୍ର ମାନୁ ଥିବାରୁ , ମନୁଷ୍ୟଙ୍କଠାରୁ ସେମାନଙ୍କର କ୍ଷତିର ଆଶଙ୍କା ନାହିଁ । କିନ୍ତୁ ଉପରୋକ୍ତ କାରଣରୁ ଆମ ଦେଶରେ ମଧ୍ୟ ସେମାନଙ୍କର ସଂଖ୍ୟା ହ୍ରାସ ପାଇବାରେ ଲାଗିଛି । ଆଇ.ୟୁ.ସି.ଏନ୍(ଇଣ୍ଟର ନ୍ୟାସନାଲ ୟୁନିଅନ ଫର କଞ୍ଜରଭେସନ ଅଫ ନେଚର)କର୍ତ୍ତୃକ ପ୍ରକାଶିତ ରେଡ ଡାଟା ବୁକ ବା ଲାଲ କିତାବରେ ଏହି ପକ୍ଷୀକୁ ସଂକଟାପନ୍ନ ବୋଲି ଦର୍ଶାଯାଇଛି । ଭାରତୀୟ ବନ୍ୟପ୍ରାଣୀ ସଂରକ୍ଷଣ ଆଇନ୍, ୧୯୭୨ରେ ସାଇବେରିଆ କ୍ରେନକୁ ପ୍ରଥମ ଖସଡାର ତୃତୀୟ ଭାଗରେ ରଖାଯାଇଥିବା ବେଳେ , ଭାରତୀୟ ସାରସ କ୍ରେନକୁ ଚତୁର୍ଥ ଖସଡାରେ ରଖାଯାଇଛି । କିନ୍ତୁ ସଂଶୋଧିତ ଆଇନରେଏହି ପକ୍ଷୀର ଗୁରୁତ୍ୱ ଦୃଷ୍ଟିରୁ ଏହାକୁ ପ୍ରଥମ ଖସଡାକୁ ନିଆଯାଇଛି ଏବଂ ଏହାକୁ ଧରିବା, ଅନଧିକାର ପାଳିବା ବା ଶିକାର କରିବା ସଂପୂର୍ଣ୍ଣ ନିଷିଦ୍ଧ କରିବା ସହ କଠୋର ଦଣ୍ଡର ବ୍ୟବସ୍ଥା କରାଯାଇଛି ।

# ବ୍ୟାଧିଗ୍ରସ୍ତ ପରିବାର



ପ୍ରୀତିସୁଧା ତ୍ରିପାଠୀ
ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
(ଅବସରପ୍ରାପ୍ତ )

ପରିବାର ହେଉଛି ପ୍ରତିଟି ମଣିଷ ଜୀବନର ପ୍ରଥମ ଓ ପ୍ରମୁଖ ଶିକ୍ଷାଳୟ । ଜୀବନର ମୂଳାଧାର କୋମଳ, ସମ୍ବେଦନଶୀଳ ଓ ନମନୀୟ ସମାଜ ଗଠନ ପାଇଁ ପ୍ରମୁଖ ଗବେଷଣାଗାର । ଏଠାରେ ଆମେ ଭଲପାଇବା, ସହାନୁଭୂତିଶୀଳ, କ୍ଷମାଶୀଳ ହେବା, ଦାୟିତ୍ୱବାନ ହେବା ବିଷୟରେ ଶିକ୍ଷାଲାଭ କରିଥାଉ ଓ ଯେଉଁ ପରିବାରରେ ସମସ୍ତେ ପରସ୍ପରକୁ ବୁଝିପାରନ୍ତି ସେଠି ଶାନ୍ତି ଓ ଆନନ୍ଦ ଥାଏ । ଆଉ ଯଦି ଭୁଲ୍ ବୁଝାମଣା, ଅସହିଷ୍ଣୁତା ଦେଖାଯାଏ ତେବେ ସେଠାରେ ଦୁଃଖ, ଯନ୍ତ୍ରଣା ଓ ଅସନ୍ତୋଷ ବଢ଼େ । ଫଳରେ ବ୍ୟଥା ଜନ୍ମନିଏ । ଏହି ବ୍ୟଥା କେବଳ ଜଣକୁ ନୁହେଁ, ବରଂ ସମସ୍ତଙ୍କୁ ବ୍ୟଥିତ କରେ ।

ପ୍ରାଚୀନ ଯୁଗରୁ ଅଦ୍ୟାବଧି ଶିଷ୍ଟାଚାର, ସେବା, ଶାଳୀନତା, ଉଦାରତା ତଥା ପାରସ୍ପରିକ ବିଶ୍ୱାସ ଓ ଦାୟିତ୍ୱବୋଧର ଐଶ୍ୱର୍ଯ୍ୟ ଭିତରେ ଭାରତୀୟ ପରିବାର ବ୍ୟବସ୍ଥା ବେଶ୍ ରୁଦ୍ଧିମନ୍ତ । ଏହି ପରିବାର ଭିତରେ ହିଁ ଶିଶୁର ବ୍ୟକ୍ତିତ୍ୱ ନିର୍ମାଣ ଓ ଭବିଷ୍ୟ ନିର୍ଦ୍ଧାରଣ ସକାଶେ ସୃଷ୍ଟି ହୋଇଥାଏ ପର୍ଯ୍ୟାପ୍ତ ଅବକାଶ । ସେ କ୍ରମଶଃ ପରିବାରରୁ ସମାଜ, ସମାଜରୁ ରାଷ୍ଟ୍ର ଦିଶାରେ ଉର୍ଦ୍ଧ୍ୱକୁ ଗତିକରି ସମଗ୍ର ବିଶ୍ୱକୁ କୁଟୁମ୍ବ ମଣିବାର ଦିବ୍ୟ ଭାବନା ଏହି ପରିବାରରୁ ହିଁ ଶିଖିଥାଏ। ମାତ୍ର ଏବେ ଏସବୁ ବ୍ୟବସ୍ଥାରେ ବ୍ୟାପକ ବିଶୃଙ୍ଖଳା ଦେଖାଯାଉଛି । ଦିନକୁ ଦିନ ପାରିବାରିକ ମୂଲ୍ୟବୋଧ ହ୍ରାସ ପାଉଛି । ମଣିଷ ନିଜର ସ୍ୱାର୍ଥ ହାସଲ ପାଇଁ ବିବେକହୀନ ହୋଇଯାଉଛି । ପକ୍ଷୀପରି ଆକାଶରେ ଉଡ଼ିବା, ମାଛପରି ସମୁଦ୍ରରେ ଭାସିବାର ଦୁର୍ବାର ଅଭିପ୍ସା ଆଜିର ଯୁବପିଢ଼ିକୁ କରି ପକାଉଛି ନିତ୍ୟାନ୍ତ ସ୍ୱାର୍ଥପର ଓ ଅନ୍ଧ । ଆପଣା ଭାଇ ବନ୍ଧୁ କୁଟମ୍ବ ସହିତ ଶାନ୍ତିପୂର୍ଣ୍ଣ ସହାବସ୍ଥାନର ଆବେଗ ଆଜି ଦୁର୍ବଳ ଓ ଫିକା । ସନ୍ଦେହ, ଅବିଶ୍ୱାସ, ଅସହିଷ୍ଣୁତା, ପରଶ୍ରୀକାତରତା, ମିଶି ପାରିବାରିକ ଜୀବନକୁ କରିଦେଉଛନ୍ତି ଅଶାନ୍ତ ଓ ବିଷାକ୍ତ । ଅହଙ୍କାର ଓ ମମକାର ଅର୍ଥାତ୍ ମୁଁ ଓ ମୋର (ମୁଁ, ମୋ ସ୍ତ୍ରୀ, ଓ ଛୁଆକୁ ନେଇ ହିଁ ପରିବାର ସାଜିଛି ଏହି ସ୍ୱାର୍ଥପର ଭାବ ପରିବାରକୁ କରି ଦେଉଛି ଦୁର୍ବଳ, ଦରିଦ୍ର ଓ ପରଧିକୁ ସଂକୀର୍ଣ୍ଣ । ଅନ୍ତର୍ଜାତୀୟ ସ୍ତରରେ କେବେ କେମିତି ଯୁଦ୍ଧର ପ୍ରାଙ୍ଗଣ ସୃଷ୍ଟି ହେଉଥିଲେ ହେଁ ଆମ ପରିବାର ଭିତରେ ନିତି ମହାଭାରତ ଚାଲିଛି । କଥାରେ ଅଛି, 'ଧାନପରି ଧନ ନାହିଁ, ଯଦି ନ ଲାଗେ ମୂଷା, 'ଭାଇପରି ବନ୍ଧୁ ନାହିଁ, ଯଦିନ କରେ ହିଂସା । ଆଜି T.V channel ଖବରକାଗଜର ପୃଷ୍ଠା ମଣ୍ଡନ କରିଚାଲିଛି ଖାଲି 'ହିଂସା ଓ ହତ୍ୟା' । ନିଶାଗ୍ରସ୍ତ, ମୋହଗ୍ରସ୍ତ ବିଷୟାସକ୍ତ ଯୁବପିଢି ପଥଭ୍ରଷ୍ଟ ହୋଇ ପଶୁତୁଲ୍ୟ ହୋଇଯାଇଛନ୍ତି ।

ସତରେ କଣ ଅପସରି ଗଲା – ଆମର 'ଜଗତଗୁରୁ ସଂସ୍କୃତି '? 'ବୟମ ପୁରୋହିତ ରାଷ୍ଟ୍ର ପରିକଳ୍ପନାର ଦଶା ? ପାଶ୍ଚାତ୍ୟ ସଂସ୍କୃତି, ସଭ୍ୟତା କଣ ଆମ ସଂସ୍କୃତି, ପରମ୍ପରାକୁ ଗ୍ରାସ କରିଦେବ ?

ମଣିଷ ଭିତରେ କାମନା, ଭୋଗ ଓ ସଂଗ୍ରହ ଚେତନାର ହ୍ରାସ ନ ହେବା ପର୍ଯ୍ୟନ୍ତ ସୁସ୍ଥ ପରିବାର ସଂରଚନାର ଲକ୍ଷ୍ୟ ପୂରଣ ହୋଇପାରିବ ନାହିଁ । ସେଥିପାଇଁ ଆତ୍ମନିରିକ୍ଷଣ କରି ନିଜର ଦୋଷ ଓ ଦୁର୍ବଳତାକୁ ପ୍ରଥମେ ଆବିଷ୍କାର କରିବା ଆବଶ୍ୟକ। ତାପରେ ପରିବାର ସମସ୍ତ ସଦସ୍ୟଙ୍କୁ ସମୁଚିତ ସମ୍ମାନ ଦେବା ସହ ସେମାନଙ୍କର ଭୁଲ୍ ତ୍ରୁଟିର ପ୍ରଚାର ନ କରି ବରଂ ସୁଧାରିବା ପାଇଁ ଆନ୍ତରିକ ପ୍ରଚେଷ୍ଟା କରିପାରିଲେ ଉତ୍ତମ ବୁଝାମଣାର ଉଦ୍ରେକ ହେବ ।

ପରିଶେଷରେ ଏତିକି କୁହାଯାଇପାରେ 'ପରିବାରରେ ସମନ୍ୱୟ, ଭାରସାମ୍ୟ ଓ ସାମଞ୍ଜସ୍ୟ ସ୍ଥାପନ କରିପାରିଲେ ସୃଷ୍ଟି ହେବ ସ୍ୱର୍ଗୀୟ ପରିବେଶ ଓ ବୈକୁଣ୍ଠ ସମାନ ପରିବାର ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

# ୧୮ ବର୍ଷ ପରେ ଚେନ୍ନାଇ ସୁପର କିଙ୍ଗ୍ସର ମୁଖ୍ୟ କୋଚ୍ ପଦ ଛାଡ଼ିଲେ ଷ୍ଟିଫେନ୍ ଫ୍ଲେମିଙ୍ଗ୍

**ଚେନ୍ନାଇ**



ଆଇପିଏଲର ସବୁଠାରୁ ସଫଳ ଫ୍ରାଞ୍ଚାଇଜ୍ ମଧ୍ୟରୁ ଅନ୍ୟତମ ଚେନ୍ନାଇ ସୁପର କିଙ୍ଗ୍ସକୁ ଏକ ବଡ଼ ଝଟ୍‌କା ଲାଗିଛି। ବିଗତ ୧୮ ବର୍ଷ ଧରି ସିଏସକେର ମୁଖ୍ୟ କୋଚ୍ ଥିବା ଷ୍ଟିଫେନ୍ ଫ୍ଲେମିଙ୍ଗ୍ ଏହି ଦଳରୁ ଅଲଗା ହୋଇ ଯାଇଛନ୍ତି। ଆଗାମୀ ଆଇପିଏଲ୍ ସିଜନ୍‌ରେ ଫ୍ଲେମିଙ୍ଗ୍ ଏହି ଭୂମିକାରେ ନଜର ଆସିବେ ନାହିଁ। ଯାହାଫଳରେ ଷ୍ଟିଫେନ୍ ଫ୍ଲେମିଙ୍ଗ୍ ଏବଂ ଚେନ୍ନାଇ ସୁପର କିଙ୍ଗ୍ସର ୧୮ ବର୍ଷ ପୁରୁଣା ସମ୍ପର୍କର ଅନ୍ତ ଘଟିଛି। ଖବର ଅନୁସାରେ ଫ୍ରାଞ୍ଚାଇଜ୍ ଓ ଫ୍ଲେମିଙ୍ଗ୍ ପାରସ୍ପରିକ ସହମତି ଭିତ୍ତିରେ ପରସ୍ପରଠାରୁ ଅଲଗା ହେବାକୁ ନିଷ୍ପତ୍ତି ନେଇଛନ୍ତି।

ଷ୍ଟିଫେନ୍ ଫ୍ଲେମିଙ୍ଗ୍ ସବୁଠାରୁ ପ୍ରଥମେ ବର୍ଷ ୨୦୦୮ରେ ଆଇପିଏଲ୍‌ର ପ୍ରଥମ ସିଜନ୍‌ରେ ଚେନ୍ନାଇ ସୁପର କିଙ୍ଗ୍ସ ପକ୍ଷରୁ ଜଣେ ଖେଳାଳି ଭାବରେ ଦଳ ସହିତ ଜଡ଼ିତ ହୋଇଥିଲେ। କିନ୍ତୁ ଏହାର ପର ବର୍ଷ ଅର୍ଥାତ୍ ୨୦୦୯ରେ ତାଙ୍କୁ ଦଳର ମୁଖ୍ୟ କୋଚ୍ ନିଯୁକ୍ତ କରାଯାଇଥିଲା। ସେବେଠାରୁ ଆରମ୍ଭ କରି ବର୍ଷ ୨୦୨୬ ପର୍ଯ୍ୟନ୍ତ ଫ୍ଲେମିଙ୍ଗ୍ ଏବଂ ମହେନ୍ଦ୍ର ସିଂ ଧୋନିଙ୍କ ଯୋଡ଼ି ମିଶି ଚେନ୍ନାଇ ଦଳକୁ ଅନେକ ସଫଳତା ଦେଇଛନ୍ତି। ଫ୍ଲେମିଙ୍ଗ୍‌ଙ୍କ କୋଚିଂ କାର୍ଯ୍ୟକାଳ ମଧ୍ୟରେ ଚେନ୍ନାଇ ୫ ଥର ଆଇପିଏଲ୍ ଟ୍ରଫି ଜିତିଛି ଏବଂ ୨ ଥର ଚାମ୍ପିଅନ୍ସ ଲିଗ୍ ଟି-୨୦ ଟାଇଟଲ୍ ମଧ୍ୟ ନିଜ ନାମରେ କରିଛି। ଫ୍ଲେମିଙ୍ଗ୍ କୋଚ୍ ଥିବା ସମୟରେ ଚେନ୍ନାଇ ସୁପର କିଙ୍ଗ୍ସ ଆଇପିଏଲ୍ ଇତିହାସର ସବୁଠାରୁ ଶକ୍ତିଶାଳୀ ଏବଂ ବିଶ୍ୱାସନୀୟ ଦଳ ମଧ୍ୟରୁ ଗୋଟିଏ ହୋଇପାରିଥିଲା। ତାଙ୍କ ନେତୃତ୍ୱରେ ଦଳ ସବୁଠାରୁ ଅଧିକ ୧୨ ଥର ପ୍ଲେ-ଅଫ୍‌ରେ ପହଞ୍ଚିଛି ଏବଂ ୧୦ ଥର ଆଇପିଏଲ୍ ଫାଇନାଲ୍ ମ୍ୟାଚ୍ ଖେଳିଛି।

ସିଏସକେରୁ ଅଲଗା ହେବା ପରେ ଷ୍ଟିଫେନ୍ ଫ୍ଲେମିଙ୍ଗ୍ କହିଛନ୍ତି, ‘ଖେଳ ଦୁନିଆରେ ୧୮ ବର୍ଷ ବହୁତ ଲମ୍ବା ସମୟ ଅଟେ ଏବଂ ମୁଁ ଏଠାରୁ ଅନେକ ସ୍ମୃତି ନେଇ ଯାଉଛି। ଚେନ୍ନାଇ ସୁପର କିଙ୍ଗ୍ସ ସହିତ ବିତାଇଥିବା ମୋର ଏହି ସମୟ, ମୋ କୋଚିଂ କ୍ୟାରିୟରର ସବୁଠାରୁ ଶ୍ରେଷ୍ଠ ଏବଂ ସମ୍ମାନଜନକ ସମୟ ରହିଛି। ଆମେ ମିଶି ଯାହା କିଛି ହାସଲ କରିଛୁ, ସେଥିପାଇଁ ମୁଁ ବହୁତ ଗର୍ବିତ।’

## ଲର୍ଡସରେ ଇତିହାସ ରଚିଲା ଟିମ୍‌ଇଣ୍ଡିଆ

# ଇଂଲଣ୍ଡକୁ ୨୭୦ ରନ୍‌ରେ ହରାଇଲା ଭାରତୀୟ ମହିଳା ଦଳ

**ଲର୍ଡସ**




ଲର୍ଡସରେ ଭାରତ ଇଂଲଣ୍ଡକୁ ୨୭୦ ରନରେ ପରାସ୍ତ କରି ଐତିହାସିକ ବିଜୟ ହାସଲ କରିଛି। ୧୪୨ ବର୍ଷର ଇତିହାସରେ ଲର୍ଡସରେ ଖେଳାଯାଇଥିବା ଏହା ପ୍ରଥମ ମହିଳା ଟେଷ୍ଟ ମ୍ୟାଚ୍ ଥିଲା ଏବଂ ଭାରତୀୟ ମହିଳା ଦଳ ଏହାକୁ ଜିତି ଇତିହାସ ରଚିଥିଲା। ଆୟୋଜକ ଇଂଲଣ୍ଡକୁ ଚତୁର୍ଥ ଇନିଂସରେ ୪୫୭ ରନର ଲକ୍ଷ୍ୟ ଦିଆଯାଇଥିଲା କିନ୍ତୁ ୧୮୬ ରନରେ ଅଲଆଉଟ ହୋଇଗଲା।

ପ୍ରଥମ ଇନିଂସରେ ୧୧୫ ରନର ବିଶାଳ ଲିଡ୍ ସ୍ଥାପନ କରିବା ପରେ ଟିମ୍ ଇଣ୍ଡିଆ ୩୪୧ ରନରେ ସେମାନଙ୍କର ଦ୍ୱିତୀୟ ଇନିଂସ ଘୋଷଣା କରିଥିଲା। ୪୫୭ ରନର ଲକ୍ଷ୍ୟ ପିଛା କରୁଥିବା ଇଂଲଣ୍ଡର ପରାଜୟ ତୃତୀୟ ଦିନ ସୁଦ୍ଧା ପ୍ରାୟ ନିଶ୍ଚିତ ହୋଇଯାଇଥିଲା, କାରଣ ସେମାନେ ମାତ୍ର ୫୯ ରନରେ ପାଞ୍ଚଟି ଉଇକେଟ ହରାଇଥିଲେ। ଆମି ଜୋନ୍ସ ଏବଂ ସୋଫି ଏକ୍କ୍ଲେଷ୍ଟୋନ ଅର୍ଦ୍ଧଶତକୀୟ ଇନିଂସ ଖେଳି ଇଂଲଣ୍ଡର ଆଶାକୁ ଉଜ୍ଜୀବିତ ରଖିଥିଲେ, କିନ୍ତୁ ଶେଷରେ, ଦଳ କେବଳ ୧୮୬ ରନ କରିପାରିଥିଲା।

ଟିମ୍ ଇଣ୍ଡିଆର ପ୍ରଥମ ଇନିଂସ ୨୮୫ ରନରେ ଅଲଆଉଟ୍ ହୋଇଥିଲା। ଆଶା ବିପରୀତ, ଆୟୋଜକ ଇଂଲଣ୍ଡ, ସେମାନଙ୍କର ପ୍ରଥମ ଇନିଂସରେ ମାତ୍ର ୧୭୦ ରନରେ ଅଲଆଉଟ୍ ହୋଇଯାଇଥିଲା। ଟିମ୍ ଇଣ୍ଡିଆ ଏକ ବଡ଼ ଅଗ୍ରଣୀ ସହିତ ପଡ଼ିଆକୁ ଓହ୍ଲାଇଥିଲା ଏବଂ ୩୪୧ ରନରେ ସେମାନଙ୍କର ଦ୍ୱିତୀୟ ଇନିଂସ ଘୋଷଣା କରିଥିଲା। ମ୍ୟାଚ୍‌ରେ କ୍ରାନ୍ତି ଗୌର ମୋଟ ୭ ଉଇକେଟ ନେଇଥିଲେ। ସ୍ନେହ ରାଣା ୬ ଉଇକେଟ ନେଇଥିଲେ।

ଭାରତ ପାଇଁ ଏହି ଐତିହାସିକ ବିଜୟରେ କ୍ରାନ୍ତି ଗୌର ଏବଂ ଯଷ୍ଟିକା ଭାଟିଆ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଉଲ୍ଲେଖଯୋଗ୍ୟ, କ୍ରାନ୍ତି ଗୌର ପ୍ରଥମ ଇନିଂସରେ ପାଞ୍ଚ ଉଇକେଟ ନେଇଥିଲେ, ଲର୍ଡସ୍‌ରେ ଏକ ଟେଷ୍ଟ ମ୍ୟାଚ୍‌ରେ ଏହି ସଫଳତା ହାସଲ କରିଥିବା ପ୍ରଥମ ମହିଳା କ୍ରିକେଟର ହୋଇଥିଲେ। ଟିମ ଇଣ୍ଡିଆ ପୂର୍ବରୁ ୧୧୫ ରନ୍‌ରେ ଅଗ୍ରଣୀ ରଖିଥିବା ବେଳେ, ଯଷ୍ଟିକା ଭାଟିଆ ଦ୍ୱିତୀୟ ଇନିଂସ୍‌ରେ ଏକ ଶତକ କରିଥିଲେ। ଏହା ତାଙ୍କ ଅନ୍ତର୍ଜାତୀୟ କ୍ୟାରିୟରର ପ୍ରଥମ ଶତକ ଏବଂ ଲର୍ଡସ୍‌ରେ ମହିଳା ଟେଷ୍ଟ ମ୍ୟାଚ୍‌ରେ ପ୍ରଥମ ଶତକ ମଧ୍ୟ ଥିଲା।

ଭାରତୀୟ ପୁରୁଷ ଦଳ ମଧ୍ୟ ବର୍ତ୍ତମାନ ଇଂଲଣ୍ଡ ଗସ୍ତରେ ଅଛି। ଶ୍ରେୟସ ଆୟରଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଟି-୨୦ ସିରିଜ୍‌ରେ ୦-୪ ପରାଜୟ ବରଣ କରିଥିଲା। ଲର୍ଡସରେ ପ୍ରଥମ ମହିଳା ଟେଷ୍ଟ ମ୍ୟାଚ ୨୭୦ ରନରେ ଜିତି ଭାରତୀୟ ମହିଳା ଦଳ ପୁରୁଷ ଦଳର ପରାଜୟର ପ୍ରତିଶୋଧ ନେଇଛି। ଲର୍ଡସରେ ପ୍ରଥମ କ୍ରିକେଟ ମ୍ୟାଚ୍ ୧୮୮୪ ମସିହାରେ ଖେଳାଯାଇଥିଲା। ଅଷ୍ଟ୍ରେଲିଆ ଏବଂ ଇଂଲଣ୍ଡ ପୁରୁଷ ଦଳ ମଧ୍ୟରେ ସେହି ମ୍ୟାଚ୍ ପରେ ୧୪୨ ବର୍ଷ ପରେ ମହିଳା ଦଳ ମଧ୍ୟରେ ଏକ ଟେଷ୍ଟ ମ୍ୟାଚ୍ ଏହି ସ୍ଥାନରେ ଖେଳାଯିବାକୁ ଥିଲା। ଲର୍ଡସରେ ଏକ ଟେଷ୍ଟ ମ୍ୟାଚ ଜିତିବା ପାଇଁ ଏକ ମହିଳା ଦଳକୁ ଦୀର୍ଘ ୧୪୨ ବର୍ଷ ଅପେକ୍ଷା କରିବାକୁ ପଡିଥିଲା। ସୌଭାଗ୍ୟ ବଶତଃ, ହରମନପ୍ରୀତ କୌରଙ୍କ ନେତୃତ୍ୱରେ ଟିମ୍ ଇଣ୍ଡିଆ ଏହି ଐତିହାସିକ ମାଇଲଖୁଣ୍ଟ ହାସଲ କରିଛି।

# ଯୁବରାଜ ସିଂହଙ୍କୁ ଭେଟିଲେ ବୈଭବ ସୂର୍ଯ୍ୟବଂଶୀ

**ନୂଆଦିଲ୍ଲୀ**

୧୫ ବର୍ଷୀୟ ଭାରତୀୟ କ୍ରିକେଟର ବୈଭବ ସୂର୍ଯ୍ୟବଂଶୀଙ୍କ ପାଇଁ ରବିବାର ଏକ ସ୍ୱତନ୍ତ୍ର ଦିନ ଥିଲା। ଇଂଲଣ୍ଡ ବିପକ୍ଷରେ ଟି୨୦ ସିରିଜ ଶେଷ ହେବା ପରେ, ସେ ୱିମ୍ବଲଡନ ୨୦୨୬ ପୁରୁଷ ସିଙ୍ଗଲ୍ସ ଫାଇନାଲ ଉପଭୋଗ କରିବା ପାଇଁ ଲଣ୍ଡନର ଅଲ ଇଂଲଣ୍ଡ କ୍ଲବ ପରିଦର୍ଶନ କରିଥିଲେ। ଏହି ମ୍ୟାଚରେ, ଇଟାଲୀର ଜାନିକ ସିନର ଜର୍ମାନୀର ଆଲେକଜାଣ୍ଡାର ଜଭେରେଭଙ୍କୁ ୬-୭ (୭), ୭-୬ (୨), ୬-୩, ୬-୪ରେ ପରାସ୍ତ କରି ଲଗାତାର ଦ୍ୱିତୀୟ ଥର ପାଇଁ ଟାଇଟଲ ଜିତିଥିଲେ। ପୂର୍ବତନ ଭାରତୀୟ ଅଲରାଉଣ୍ଡର ଯୁବରାଜ ସିଂହ ଏବଂ ଓପନିଂ ବ୍ୟାଟସମ୍ୟାନ ଅଭିଷେକ ଶର୍ମା ବୈଭବଙ୍କ ସହିତ ଥିଲେ। ବୈଭବ ମଧ୍ୟ କଳା ବ୍ଲେଜର, ଧଳା ସାର୍ଟ, ଷ୍ଟ୍ରାଇପ ଟାଇ ଏବଂ ସନଗ୍ଲାସ ପିନ୍ଧି ତାଙ୍କର ‘ଜେଣ୍ଟଲ ମ୍ୟାନ’ ଲୁକ୍ ପାଇଁ ଦୃଷ୍ଟି ଆକର୍ଷଣ କରିଥିଲେ। ଷ୍ଟାର ସ୍ପୋର୍ଟସ ସହିତ କଥାବାର୍ତ୍ତା ସମୟରେ, ବୈଭବ ଯୁବରାଜ ସିଂହଙ୍କ ସହିତ ତାଙ୍କର ପ୍ରଥମ ସାକ୍ଷାତକୁ ମନେ ପକାଇ ତାଙ୍କୁ ତାଙ୍କର ଆଦର୍ଶ ବୋଲି ବର୍ଣ୍ଣନା କରିଥିଲେ। ସେ କହିଥିଲେ, ‘ମୁଁ ପ୍ରଥମ ଥର ପାଇଁ ତାଙ୍କୁ ଭେଟିବା ପରେ ବହୁତ ଭଲ ଲାଗିଲା।



ଆମେ ବହୁତ କଥା ହେଲୁ ଏବଂ ସେ ମୋତେ ମୂଲ୍ୟବାନ ମାର୍ଗଦର୍ଶନ ଦେଇଥିଲେ। ଏବେ, ମୋ ପାଖରେ ତାଙ୍କଠାରୁ ନିରନ୍ତର ଶିଖିବାର ସୁଯୋଗ ଅଛି, ଯାହା ମୋ ଭବିଷ୍ୟତ ପାଇଁ ଅତ୍ୟନ୍ତ ଲାଭଦାୟକ ହେବ।’ ଅଭିଷେକ ଶର୍ମା ବୈଭବଙ୍କ ଭାବନାକୁ ସମର୍ଥନ କରିଥିଲେ। ସେ କହିଥିଲେ, ‘ମୁଁ ବୁଝିପାରୁଛି ଯେ ବୈଭବ କିପରି ଅନୁଭବ କରୁଛନ୍ତି କାରଣ ‘ଯୁବି ପାଜୀ’ ମଧ୍ୟ ମୋର ଆଦର୍ଶ। ମୁଁ ଯେତେବେଳେ ତାଙ୍କୁ ପ୍ରଥମ ଥର ଭେଟିଥିଲି ସେତେବେଳେ ମୁଁ ମଧ୍ୟ ସମାନ ଭାବନା ଅନୁଭବ କରିଥିଲି। ଏହା ମୋର ପ୍ରଥମ ୱିମ୍ବଲଡନ, ଏବଂ ଯୁବି ପାଜୀଙ୍କ ସହ ଫାଇନାଲ ଦେଖିବା ପ୍ରକୃତରେ ଏକ ସ୍ୱତନ୍ତ୍ର ଅଭିଜ୍ଞତା।’

ସାକ୍ଷାତକାର ସମୟରେ, ଯେତେବେଳେ ତାଙ୍କ ପୋଷାକ ବିଷୟରେ ପଚରାଗଲା, ବୈଭବ ହସି ହସି ଅଭିଷେକ ଶର୍ମାଙ୍କୁ ପୂର୍ଣ୍ଣ ଶ୍ରେୟ ଦେଲେ। ସେ କହିଲେ, ‘ମୁଁ ପୂର୍ବରୁ କିଛି ଯୋଜନା କରି ନଥିଲି। ମୁଁ କେବଳ ଅଭିଷେକ ଭାଇଙ୍କୁ ଶେଷ ମୁହୂର୍ତ୍ତରେ ଯାହା ଉପଲବ୍ଧ ତାହା ବ୍ୟବସ୍ଥା କରିବାକୁ କହିଥିଲି, ଏବଂ ମୁଁ ଏଠାକୁ ଆସିବା ପାଇଁ ତାହା ପିନ୍ଧିଥିଲି।’ ୱିମ୍ବଲଡନର ଏହି ପ୍ରଥମ ଗସ୍ତ ବୈଭବଙ୍କ ପାଇଁ ଅନେକ ଦୃଷ୍ଟିରୁ ସ୍ମରଣୀୟ ଥିଲା; ସେ କେବଳ ବିଶ୍ୱସ୍ତରୀୟ ଖେଳାଳିମାନଙ୍କୁ ନିକଟରୁ ଦେଖିବାର ସୁଯୋଗ ପାଇଲେ ନାହିଁ ବରଂ ଯୁବରାଜ ସିଂହଙ୍କ ଭଳି ଜଣେ କିମ୍ବଦନ୍ତୀଙ୍କ ସହିତ ସମୟ ବିତାଇବା ସହିତ ଶିଖିବାର ସୁଯୋଗ ମଧ୍ୟ ପାଇଲେ।

# ରାହୁଲ ଦ୍ରାବିଡ଼ ହେବେ ଇଂଲଣ୍ଡର ନୂଆ ଟେଷ୍ଟ କୋଚ୍ !

**ନୂଆଦିଲ୍ଲୀ**

ଘରୋଇ ମାଟିରେ ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍‌ରେ ଇଂଲଣ୍ଡକୁ ୧-୨ରେ ଶୋଚନୀୟ ପରାଜୟର ସାମ୍ନା କରିବାକୁ ପଡ଼ିଛି। ଏହି ଖରାପ ପ୍ରଦର୍ଶନ ପରେ ମୁଖ୍ୟ କୋଚ୍ ବ୍ରେଣ୍ଡନ୍ ମ୍ୟାକକୁଲମଙ୍କୁ ତାଙ୍କ ପଦରରୁ ହଟାଇ ଦିଆଯାଇଛି। ଏହା ଦ୍ୱାରା ମ୍ୟାକକୁଲମଙ୍କର ୪ ବର୍ଷର ଟେଷ୍ଟ କୋଚିଂ ଯାତ୍ରା ଶେଷ ହୋଇଛି। ବର୍ତ୍ତମାନ ଇଂଲଣ୍ଡ କ୍ରିକେଟ୍ ଦଳ ନୂଆ ଟେଷ୍ଟ କୋଚ୍ ସନ୍ଧାନରେ ଅଛି। ‘ଡେଲି ଟେଲିଗ୍ରାଫ୍’ର ରିପୋର୍ଟ ଅନୁଯାୟୀ, ଭାରତର ମହାନ ଖେଳାଳି ରାହୁଲ ଦ୍ରାବିଡ଼ ଏହି ଦୌଡ଼ରେ ସବୁଠାରୁ ଆଗରେ ରହିଛନ୍ତି। ତାଙ୍କ ବ୍ୟତୀତ ଇଂଲଣ୍ଡର ପୂର୍ବତନ କୋଚ୍ ଆଣ୍ଡି ଫ୍ଲାୱାର ଏବଂ ପୂର୍ବତନ ସ୍ପିନର ରିଚାର୍ଡ ଡସନ ଓ ଭାରତର ଭେଟେରାନ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କ ନାମ ମଧ୍ୟ ନୂଆ କୋଚ୍ ତାଲିକାରେ ସାମିଲ ଅଛି।

ଇଂଲଣ୍ଡ କ୍ରିକେଟ୍ ବୋର୍ଡ ଆସନ୍ତା ବର୍ଷ ହେବାକୁ ଥିବା ଆଶେସ୍ ସିରିଜ୍‌କୁ ଧ୍ୟାନରେ ରଖି ଏହି ନିଷ୍ପତ୍ତି ନେଇଛି। ଦଳରେ ପରିବର୍ତ୍ତନ କରିବା ପାଇଁ ଏହା ହିଁ ସଠିକ୍ ସମୟ ବୋଲି ବୋର୍ଡ ମନେକରୁଛି। ତେବେ ବ୍ରେଣ୍ଡନ ମ୍ୟାକକୁଲମ ଦିନିକିଆ ଏବଂ ଟି-୨୦ ଦଳର କୋଚ୍ ଭାବରେ ବଜାୟ ରହିବେ। ଅନ୍ୟପଟେ ୫୩ ବର୍ଷୀୟ ରାହୁଲ ଦ୍ରାବିଡ଼ ନିଜ କୋଚିଂ କାର୍ଯ୍ୟକାଳ ମଧ୍ୟରେ ଭାରତକୁ ୨୦୨୪ ଟି-୨୦ ବିଶ୍ୱକପ୍ ଟାଇଟଲ୍ ଜିତାଇଥିଲେ ଏବଂ ଦଳକୁ ୨୦୨୩ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲ୍ ପର୍ଯ୍ୟନ୍ତ ପହଞ୍ଚାଇଥିଲେ। କ୍ରିକେଟ୍ ଉପରେ ଚମତ୍କାର ଜ୍ଞାନ



ଏବଂ ସୁନ୍ଦର କାର୍ଯ୍ୟଶୈଳୀ ଯୋଗୁଁ ଦ୍ରାବିଡ଼ଙ୍କୁ ଇଂଲଣ୍ଡର କୋଚ୍ ପଦ ପାଇଁ ସବୁଠାରୁ ଶକ୍ତିଶାଳୀ ଦାବିଦାର ଭାବେ ବିବେଚନା କରାଯାଉଛି। ତେବେ ଖବରକାଗଜର ରିପୋର୍ଟ ଅନୁଯାୟୀ, ଦ୍ରାବିଡ଼ଙ୍କର ଫୁଲ୍-ଟାଇମ୍ କୋଚିଂ କରିବାର କୌଣସି ଇଚ୍ଛା ନାହିଁ।

ରିପୋର୍ଟ ଅନୁଯାୟୀ ରାହୁଲ ଦ୍ରାବିଡ଼ଙ୍କର ବର୍ତ୍ତମାନ ଫୁଲ୍-ଟାଇମ୍ କୋଚିଂ କରିବାର କୌଣସି ଯୋଜନା ନାହିଁ। କିନ୍ତୁ ଯଦି ସେ ଇଂଲଣ୍ଡର ଟେଷ୍ଟ କୋଚ୍ ହୁଅନ୍ତି, ତେବେ ତାଙ୍କୁ ନିଜ ପରିବାର ସହ ଅଧିକ ସମୟ ବିତାଇବାର ସୁଯୋଗ ମିଳିବ ଏବଂ ସେ ନିଜର ସବୁଠାରୁ ପ୍ରିୟ ଖେଳ ଟେଷ୍ଟ କ୍ରିକେଟ୍ ସହ ମଧ୍ୟ ଜଡ଼ିତ ରହିପାରିବେ। ତେଣୁ ଇଂଲଣ୍ଡ ମଧ୍ୟ ତାଙ୍କ ସହ କଥା ହୋଇ ତାଙ୍କ ମତାମତ ନିଶ୍ଚୟ ଜାଣିବା ଚେଷ୍ଟାକରିବ। ଦ୍ରାବିଡ଼ଙ୍କ ପାଖରେ କୋଚିଂର ବହୁତ ଭଲ ଅଭିଜ୍ଞତା ଅଛି ଏବଂ ସେ ଯୁବ ଖେଳାଳିମାନଙ୍କୁ ଗଢ଼ିବାରେ ମାହିର। ଭାରତୀୟ ସିନିୟର ଦଳର କୋଚ୍ ହେବା ପୂର୍ବରୁ, ସେ ଭାରତର ଅଣ୍ଡର-୧୯ ଦଳ ଏବଂ ବିସିସିଆଇ ସେଣ୍ଟର ଅଫ୍ ଏକ୍ସିଲେନ୍ସରେ ମଧ୍ୟ ନିଜର ସେବା ପ୍ରଦାନ କରିସାରିଛନ୍ତି।

ଇଂଲଣ୍ଡ ଟେଷ୍ଟ ଦଳର ନୂଆ କୋଚ୍ ହେବା ଦୌଡ଼ରେ ଜିମ୍ବାୱେର ମହାନ ଖେଳାଳି ଆଣ୍ଡି ଫ୍ଲାୱାର ମଧ୍ୟ ସାମିଲ ଅଛନ୍ତି। ସେ ଇଂଲଣ୍ଡର ଏପର୍ଯ୍ୟନ୍ତର ସବୁଠାରୁ ସଫଳ କୋଚ୍ ରହିଛନ୍ତି, ଯିଏକି ଦଳକୁ ତିନି ଥର ପ୍ରସିଦ୍ଧ ଆଶେସ୍ ସିରିଜ୍ ଜିତାଇଥିଲେ ଏବଂ ଦଳକୁ ବିଶ୍ୱର ନମ୍ବର-୧ ଟେଷ୍ଟ ଦଳ ବନାଇଥିଲେ। ରିପୋର୍ଟ ଅନୁଯାୟୀ, ଅନ୍ୟ କିଛି ବଡ଼ ଖେଳାଳି ମଧ୍ୟ ଏହି ଦୌଡ଼ରେ ଅଛନ୍ତି, ଯେଉଁଥିରେ ଶ୍ରୀଲଙ୍କାର କୁମାର ସାଙ୍ଗାକାରା, ଇଂଲଣ୍ଡର ଆଣ୍ଡ୍ର୍ୟୁ ଫ୍ଲିଣ୍ଟଫ୍, ପାକିସ୍ତାନର ମୁଖ୍ୟ କୋଚ୍ ମାଇକ୍ ହେସନ୍, ଅଷ୍ଟ୍ରେଲିଆର ପୂର୍ବତନ କୋଚ୍ ଜଷ୍ଟିନ ଲାଙ୍ଗର ଓ ଭାରତର ଭେଟେରାନ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କ ନାମ ମଧ୍ୟ ସାମିଲ ଅଛି।

# ଖମ୍ମାମ୍ ଏସେସକୁ ପରାସ୍ତ କରି ପ୍ରଥମ ଟିଜି-୨୦ ଲିଗ୍ ଟାଇଟଲ୍ ଜିତିଲା ହାଇଦ୍ରାବାଦ ଇ-ଚାମ୍ପିଅନ୍ସ

**ହାଇଦ୍ରାବାଦ**

ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମରେ ପ୍ରଥମ ଟିଜି୨୦ ଲିଗ୍‌ର ରୋମାଞ୍ଚକର ଫାଇନାଲରେ ହାଇଦ୍ରାବାଦ ଇ-ଚାମ୍ପିଅନ୍ସ ବିଜୟୀ ହୋଇଛି। ଏକ ସଂଘର୍ଷପୂର୍ଣ୍ଣ ମୁକାବିଲାରେ ଅନ୍‌ଭିତା ଖମ୍ମମ ଏସେସ୍ ଦଳକୁ ୬ ୱିକେଟରେ ପରାସ୍ତ କରି ହାଇଦ୍ରାବାଦ ଇ-ଚାମ୍ପିଅନ୍ସ ଟୁର୍ଣ୍ଣାମେଣ୍ଟର ପ୍ରଥମ ଚାମ୍ପିଅନ୍ ହେବାର ଗୌରବ ଅର୍ଜନ କରିଛି।




ଫାଇନାଲ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଅନ୍‌ଭିତା ଖମ୍ମମ ଏସେସ୍ ନିର୍ଦ୍ଧାରିତ ୨୦ ଓଭରରେ ୧୫୭ ରନର ଏକ ସମ୍ମାନଜନକ ସ୍କୋର ଛିଡ଼ା କରିଥିଲା। ହାଇଦ୍ରାବାଦ ଇ-ଚାମ୍ପିଅନ୍ସର ବୋଲରମାନେ ବେଶ୍ ଶୃଙ୍ଖଳିତ ବୋଲିଂ ପ୍ରଦର୍ଶନ କରିଥିଲେ। ଦଳ ପକ୍ଷରୁ ଯଶବୀର ଗୌଡ଼ଙ୍କ ଘାତକ ବୋଲିଂ ଅନ୍‌ଭିତା ଖମ୍ମମ ଏସେସର ବ୍ୟାଟିଂ ମେରୁଦଣ୍ଡକୁ ଦୋହଲାଇ ଦେଇଥିଲା। ଯଶବୀର ମ୍ୟାଚରେ ୩ଟି ଗୁରୁତ୍ୱପୂର୍ଣ୍ଣ ୱିକେଟ୍ ଅକ୍ତିଆର କରି ଅନ୍‌ଭିତା ଖମ୍ମମ ଏସେସ ଦଳକୁ ବଡ଼ ସ୍କୋର କରିବାରୁ ଅଟକାଇ ଦେଇଥିଲେ।

ଏହାର ଜବାବରେ ୧୫୮ ରନର ବିଜୟ ଲକ୍ଷ୍ୟକୁ ପିଛା କରିଥିବା ହାଇଦ୍ରାବାଦ ଇ-ଚାମ୍ପିଅନ୍ସ ଆରମ୍ଭରୁ ଧୈର୍ଯ୍ୟର ସହ ଖେଳିଥିଲା। ଦଳର ବ୍ୟାଟରମାନେ ଚାପର ସମୟରେ ମଧ୍ୟ ସ୍ଥିରତା ବଜାୟ ରଖିଥିଲେ। ଅଧିନାୟକ ଅଭିରାଥ ରେଡ୍ଡୀଙ୍କ ନେତୃତ୍ୱରେ ଦଳ ସହଜରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ୪ ୱିକେଟ ହରାଇ ହାଇଦ୍ରାବାଦ ୧୭.୩ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା।

ଟିଜି୨୦ ଲିଗ୍‌ର ଏହି ପ୍ରଥମ ସିଜିନ୍ ହାଇଦ୍ରାବାଦ କ୍ରିକେଟ୍ ଆସୋସିଏସନ୍ ପାଇଁ ଏକ ବଡ଼ ସଫଳତା ଭାବେ ବିବେଚିତ କରାଯାଉଛି। ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ ଦଳ ଉନ୍ନତମାନର ପ୍ରଦର୍ଶନ କରିଥିଲେ। ଟୁର୍ଣ୍ଣାମେଣ୍ଟର ଫାଇନାଲକୁ ନେଇ କ୍ରିକେଟ୍ ପ୍ରେମୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା। ଚାମ୍ପିଅନ୍ ହୋଇଥିବା ହାଇଦ୍ରାବାଦ ଇ-ଚାମ୍ପିଅନ୍ସକୁ ୧ କୋଟି ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଛି। ଅନ୍ୟପଟେ ରନର୍ସ-ଅପ୍ ଅନ୍‌ଭିତା ଖମ୍ମମ ଏସେସକୁ ୫୦ ଲକ୍ଷ ଟଙ୍କା ମିଳିଛି। ତୃତୀୟ ଓ ଚତୁର୍ଥ ସ୍ଥାନରେ ରହିଥିବା ଦଳକୁ ମଧ୍ୟ ୨୫ ଲକ୍ଷ ଲେଖାଏଁ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଛି।

ଏହି ଲିଗ୍ ସ୍ଥାନୀୟ କ୍ରିକେଟରମାନଙ୍କ ପାଇଁ ଏକ ବଡ଼ ପ୍ଲାଟଫର୍ମ ପ୍ରଦାନ କରିଛି ବୋଲି ଆୟୋଜକ କମିଟି ମତ ଦେଇଛନ୍ତି। ଉଦୀୟମାନ ଖେଳାଳିଙ୍କୁ ଅନ୍ତର୍ଜାତୀୟ ସ୍ତରର ମଞ୍ଚ ଦେବା ପାଇଁ ଏହି ଟୁର୍ଣ୍ଣାମେଣ୍ଟ ଆଗାମୀ ଦିନରେ ଅଧିକ ସଫଳତା ଆଣିବ ବୋଲି ଆଶା କରାଯାଉଛି।

# ଜଭେରେଭ୍‌ଙ୍କୁ ମାତ୍ ଦେଇ କ୍ୟାରିୟରର ୫ମ ଗ୍ରାଣ୍ଡସ୍ଲାମ୍ ଜିତିଲେ ୟାନିକ୍ ସିନର୍

**ନୂଆଦିଲ୍ଲୀ**

ଇଟାଲୀର ଷ୍ଟାର୍ ଟେନିସ୍ ଖେଳାଳି ୟାନିକ୍ ସିନର୍ ଚମତ୍କାର ପ୍ରଦର୍ଶନ କରି ୱିମ୍ବଲଡନ୍ ପୁରୁଷ ସିଙ୍ଗଲ୍ସ ଟାଇଟଲ୍ ନିଜ ନାମରେ କରିଛନ୍ତି। ସେଣ୍ଟର କୋର୍ଟରେ ଖେଳାଯାଇଥିବା ଫାଇନାଲ୍ ମ୍ୟାଚ୍‌ରେ ସିନର୍ ଜର୍ମାନୀର ଆଲେକ୍ସଜାଣ୍ଡାର୍ ଜଭେରେଭ୍‌ଙ୍କୁ ୬-୭(୭), ୭-୬(୨), ୬-୩, ୬-୪ ରେ ହରାଇ ଏହି ପ୍ରତିଷ୍ଠିତ ଟ୍ରଫି ଜିତିଛନ୍ତି। ପ୍ରାୟ ତିନି ଘଣ୍ଟାରୁ ଅଧିକ ସମୟ ଧରି ଚାଲିଥିବା ଏହି ମହାମୁକାବିଲାରେ ଦୁଇ ଖେଳାଳି ଦମଦାର୍ ସର୍ଭିସ୍ ଏବଂ ସୁନ୍ଦର ର୍‍ୟାଲି ଖେଳିଥିଲେ, କିନ୍ତୁ ନିର୍ଣ୍ଣାୟକ ମହୂର୍ତ୍ତରେ ସିନରଙ୍କ ପ୍ରଦର୍ଶନ ଅତି ଉତ୍କୃଷ୍ଟ ରହିଥିଲା ଏବଂ ସେ ନିଜ କ୍ୟାରିୟରର ୫ମ ଗ୍ରାଣ୍ଡସ୍ଲାମ୍ ହାସଲ କରିଛନ୍ତି।



ମ୍ୟାଚ୍‌ର ଆରମ୍ଭ ବେଶ୍ ରୋମାଞ୍ଚକର ଥିଲା। ପ୍ରଥମ ସେଟ୍ ଟାଇବ୍ରେକର୍ ପର୍ଯ୍ୟନ୍ତ ଯାଇଥିଲା, ଯେଉଁଠି ଜଭେରେଭ୍ ୯-୭ରେ ବାଜି ମାରି ପ୍ରାରମ୍ଭିକ ଅଗ୍ରଣୀ ହାସଲ କରିଥିଲେ। ତେବେ ସିନର୍ ହାର ମାନିନଥିଲେ ଏବଂ ଦ୍ୱିତୀୟ ସେଟ୍‌ରେ ଜବରଦସ୍ତ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହି ସେଟ୍ ମଧ୍ୟ ଟାଇବ୍ରେକର୍ ପର୍ଯ୍ୟନ୍ତ ଯାଇଥିଲା, ଏବଂ ଇଟାଲୀର ଏହି ଖେଳାଳି ଜଣକ ୭-୨ ରେ ବିଜୟୀ ହୋଇ ମ୍ୟାଚ୍‌କୁ ୧-୧ ସମାନତାରେ ଆଣିଥିଲେ। ଦ୍ୱିତୀୟ ସେଟ୍‌ର ବିଜୟ ସିନରଙ୍କ ଆତ୍ମବିଶ୍ୱାସ ବଢ଼ାଇ ଦେଇଥିଲା ଏବଂ ଏହାପରେ ସେ ସମ୍ପୂର୍ଣ୍ଣ ମ୍ୟାଚ୍‌କୁ ନିଜ ନିୟନ୍ତ୍ରଣକୁ ନେଇଆସିଥିଲେ।

ତୃତୀୟ ସେଟ୍‌ରେ ସିନର୍ ଚମତ୍କାର ବେସ୍‌ଲାଇନ୍ ଗେମ୍ ଏବଂ ସୁନ୍ଦର ରିଟର୍ଣ୍ଣ ପ୍ରଦର୍ଶନ କରିଥିଲେ। ସେ ଜଭେରେଭ୍‌ଙ୍କ ସର୍ଭିସକୁ ଥରେ ବ୍ରେକ୍ କରିଥିଲେ ଏବଂ ୬-୩ ରେ ସେଟ୍ ଜିତି ମ୍ୟାଚ୍‌ରେ ପ୍ରଥମ ଥର ପାଇଁ ଅଗ୍ରଣୀ ହାସଲ କରିଥିଲେ। ଚତୁର୍ଥ ସେଟ୍‌ରେ ମଧ୍ୟ ଦୁଇ ଖେଳାଳିଙ୍କ ମଧ୍ୟରେ କଡ଼ା ଟକ୍କର ଦେଖିବାକୁ ମିଳିଥିଲା, କିନ୍ତୁ ସିନର୍ ଗୁରୁତ୍ୱପୂର୍ଣ୍ଣ ସମୟରେ ବ୍ରେକ୍ ହାସଲ କରିଥିଲେ ଏବଂ ୬-୪ରେ ସେଟ୍ ଜିତି ଚାମ୍ପିଅନ୍ ହେବାର ସ୍ୱପ୍ନ ପୂରଣ କରିଥିଲେ।

# ବାବରଙ୍କୁ ମିଳିଲା ଅଧିନାୟକ ପଦ : ଇସ୍ତଫା ଦେଲେ କୋଚ୍ !

**ନୂଆଦିଲ୍ଲୀ**

ପାକିସ୍ତାନ କ୍ରିକେଟ ଟିମ୍ ଏବଂ ବିବାଦ କିଛି ନୂଆ କଥା ନୁହେଁ। କେତେବେଳେ ଖେଳାଳିଙ୍କ ମଧ୍ୟରେ ତୁତୁ ମେଁ ମେଁ ତ ଆଉ କେତେବେଳେ ମ୍ୟାନେଜମେଣ୍ଟ ସହ। ଏଭଳି ନାଟକ ପାକିସ୍ତାନ କ୍ରିକେଟରେ ଅନେକ ସମୟରେ ଦେଖିବାକୁ ମିଳିଥାଏ। ଏବେ ବିଦେଶ ଗସ୍ତ ପୂର୍ବରୁ ପାକିସ୍ତାନ କ୍ରିକେଟ ଟିମ୍‌ରେ ଦେଖିବାକୁ ମିଳିଛି ଆଉ ଏକ ନୂଆ ଘଟଣା। ୱେଷ୍ଟଇଣ୍ଡିଜ୍ ଏବଂ ଇଂଲଣ୍ଡ ଭଳି ଗୁରୁତ୍ୱପୂର୍ଣ୍ଣ ସିରିଜ୍ ପୂର୍ବରୁ ଦଳକୁ ଲାଗିଛି ବଡ଼ ଝଟ୍‌କା। ଦଳର ଫିଲ୍ଡିଂ କୋଚ୍ ଶେନ ମ୍ୟାକଡର୍ମଟ୍ ଇସ୍ତଫା ଦେଇଛନ୍ତି।




୧୩ ତାରିଖରୁ ୱେଷ୍ଟଇଣ୍ଡିଜ ବିପକ୍ଷରେ ଟେଷ୍ଟ ସିରିଜ ଖେଳୁଛି ପାକିସ୍ତାନ। ଏହାପରେ ଇଂଲଣ୍ଡ ବିପକ୍ଷରେ ତିନୋଟି ଟେଷ୍ଟ ମ୍ୟାଚ୍ ଖେଳିବ। ମାତ୍ର କୋଚ୍‌ଙ୍କ ଏଭଳି ହଠାତ ଇସ୍ତଫାକୁ ନେଇ ଆରମ୍ଭ ହୋଇଛି ଚର୍ଚ୍ଚା। ମ୍ୟାକଡର୍ମଟ୍ ୨୦୨୫ ମସିହାରେ ମହମ୍ମଦ ମସରୁରଙ୍କ ସ୍ଥାନରେ ପାକିସ୍ତାନ ଦଳରେ ଯୋଗ ଦେଇଥିଲେ ଏବଂ ତାଙ୍କର ପ୍ରଥମ ନିଯୁକ୍ତି ଜୁଲାଇ ୨୦୨୫ରେ ବାଂଲାଦେଶ ବିପକ୍ଷରେ ଟି୨୦ ସିରିଜ୍ ଥିଲା। ସେ ପୂର୍ବରୁ ବାଂଲାଦେଶ ଏବଂ ଶ୍ରୀଲଙ୍କା ଭଳି ଅନ୍ତର୍ଜାତୀୟ ଦଳ ସହିତ କାମ କରିଥିଲେ।

ଆଶ୍ଚର୍ଯ୍ୟଜନକ ଭାବରେ, ପିସିବି ଆନୁଷ୍ଠାନିକ ଭାବରେ ଶେନ୍ ମ୍ୟାକଡର୍ମଟଙ୍କ ହଠାତ୍ ଇସ୍ତଫାର କାରଣ ସ୍ପଷ୍ଟ କରିନାହିଁ। ପାକିସ୍ତାନ କ୍ରିକେଟରେ କିଛି ସମୟ ପୂର୍ବରୁ ବିଦେଶୀ କର୍ମଚାରୀମାନେ କୌଣସି ସ୍ପଷ୍ଟ କାରଣ ବିନା ସେମାନଙ୍କର ପଦବୀ ଛାଡିବାର ଏକ ଅଜବ ଧାରା ଦେଖାଦେଇଛି। ମ୍ୟାକଡର୍ମଟଙ୍କ ପୂର୍ବରୁ ପିସିବିର ଅନେକ ପ୍ରମୁଖ ବ୍ୟକ୍ତି ନିଯୁକ୍ତି ପାଇସାରିଛନ୍ତି।

# ଗମ୍ଭୀରଙ୍କୁ ବଡ଼ ଝଟ୍‌କା : ଟିମ୍ ଇଣ୍ଡିଆରୁ ବିଦା ହେବେ ହେଡ୍ କୋଚଙ୍କ ୨ ବିଶ୍ୱସ୍ତ ସହଯୋଗୀ !

**ହାଇଦ୍ରାବାଦ**

ଭାରତୀୟ କ୍ରିକେଟ୍ ଦଳର ଇଂଲଣ୍ଡ ଗସ୍ତ ଶେଷ ହେବା ସହିତ କୋଚିଂ ଷ୍ଟାଫ୍‌ରେ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିପାରେ। ଗୌତମ ଗମ୍ଭୀରଙ୍କ ଦୁଇ ସବୁଠାରୁ ବିଶ୍ୱସ୍ତ ସହଯୋଗୀ ରୟାନ୍ ଟେନ୍ ଡୋସେଟ୍ ଏବଂ ମୋର୍ଣ୍ଣେ ମୋର୍କେଲଙ୍କ ଭବିଷ୍ୟତ ବିଷୟରେ ଆଲୋଚନା କରିବା ପାଇଁ ବିସିସିଆଇ ପକ୍ଷରୁ ଏକ ବୈଠକ କରାଯିବ। ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜ୍ ପରେ ଦୁହିଁଙ୍କ ଚୁକ୍ତି ଅବଧି ଶେଷ ହେବାକୁ ଯାଉଛି। ସୂଚନା ଅନୁଯାୟୀ ରୟାନ୍‌ଙ୍କ ବିଦାୟ ପ୍ରାୟ ନିଶ୍ଚିତ ଥିବାବେଳେ ମୋର୍କେଲଙ୍କ ସହ ଆଲୋଚନା କରାଯାଇପାରେ।

ବର୍ଷ ୨୦୨୪ରେ ଯେତେବେଳେ ଗୌତମ ଗମ୍ଭୀର ଭାରତୀୟ ଦଳର ମୁଖ୍ୟ କୋଚ୍ ଦାୟିତ୍ୱ ସମ୍ଭାଳିଥିଲେ, ସେତେବେଳେ ସେ ରୟାନ୍ ଟେନ୍ ଡୋସେଟ୍ ଏବଂ ମୋର୍ଣ୍ଣେ ମୋର୍କେଲଙ୍କୁ ନିଜେ କୋଚିଂ ଷ୍ଟାଫ୍‌ରେ ସାମିଲ କରିଥିଲେ। ଏହି ଦୁଇଜଣ ଗମ୍ଭୀରଙ୍କ ସହ କୋଲକାତା ନାଇଟ୍ ରାଇଡର୍ସର ଅଂଶ ଥିଲେ, ପ୍ରାରମ୍ଭରେ ଅଭିଷେକ ନାୟାର ମଧ୍ୟ ସହକାରୀ କୋଚ୍ ଭାବରେ ଜଡ଼ିତ ଥିଲେ। ତେବେ ଚାମ୍ପିଅନ୍ସ ଟ୍ରଫି ଜିତିବା ପରେ ତାଙ୍କର ବିଦାୟ ହୋଇ ଯାଇଥିଲା। ବର୍ତ୍ତମାନ



ଡୋସେଟ୍ ଏବଂ ମୋର୍କେଲ ମଧ୍ୟ ଗମ୍ଭୀରଙ୍କ ଠାରୁ ଅଲଗା ହେବା ପ୍ରାୟ ନିଶ୍ଚିତ ମନେହେଉଛି। ମିଡିଆ ରିପୋର୍ଟ ଅନୁଯାୟୀ ରୟାନ୍ ଏକ ଆଇପିଏଲ୍ ଫ୍ରାଞ୍ଚାଇଜ୍ ସହ ଜଡ଼ିତ ହେବା ପାଇଁ ଆଲୋଚନା ଆରମ୍ଭ କରିଦେଇଛନ୍ତି। ଅନ୍ୟପଟେ ପୂର୍ବତନ ଦକ୍ଷିଣ ଆଫ୍ରିକୀୟ ଖେଳାଳି ମୋର୍କେଲ ଅନ୍ୟ ବିକଳ୍ପ ସନ୍ଧାନରେ ଅଛନ୍ତି।

ଭାରତୀୟ ଦଳର ନିକଟ ଅତୀତର ଦୁର୍ବଳ ଫିଲ୍ଡିଂ ଯୋଗୁଁ ଟି. ଦିଲୀପଙ୍କ ଚାକିରି ଉପରେ ମଧ୍ୟ ବିପଦ ରହିଛି। ସୂଚନା ଅନୁଯାୟୀ ବୋର୍ଡ ଖେଳାଳିମାନଙ୍କ ଫିଲ୍ଡିଂ ପ୍ରଦର୍ଶନରେ ଆଦୌ ସନ୍ତୁଷ୍ଟ ନାହିଁ। ଦିଲୀପ ବର୍ଷ ୨୦୨୧ ରୁ ଟିମ୍ ଇଣ୍ଡିଆ ସହିତ ଜଡ଼ିତ ଅଛନ୍ତି। ଅଭିଷେକ ନାୟାରଙ୍କ ସହ ଦିଲୀପଙ୍କର ମଧ୍ୟ ବିଦାୟ ହେବାର ଥିଲା, କିନ୍ତୁ ପରବର୍ତ୍ତୀ ସମୟରେ ତାଙ୍କର ଚୁକ୍ତି ଅବଧି ବଢ଼ାଇ ଦିଆଯାଇଥିଲା।

ଖବର ଅନୁଯାୟୀ ୨୩ ଜୁଲାଇରୁ ଜିମ୍ବାୱେ ବିପକ୍ଷରେ ଆରମ୍ଭ ହେବାକୁ ଥିବା ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ପାଇଁ ସେଣ୍ଟର ଅଫ୍ ଏକ୍ସିଲେନ୍ସର ମୁଖ୍ୟ ଭି.ଭି.ଏସ୍. ଲକ୍ଷ୍ମଣ କୋଚ୍ ଭାବରେ ଯିବେ। ୧୯ ଜୁଲାଇରେ ଇଂଲଣ୍ଡରେ ଶେଷ ଦିନିକିଆ ମ୍ୟାଚ୍ ଖେଳାଯିବ। ଏଭଳି ପରିସ୍ଥିତିରେ ଖେଳାଳି ଓ ଷ୍ଟାଫ୍‌ଙ୍କ କାର୍ଯ୍ୟଭାର ପରିଚାଳନା ପାଇଁ ବିସିସିଆଇ ପକ୍ଷରୁ ଲକ୍ଷ୍ମଣଙ୍କୁ ଜିମ୍ବାୱେ ପଠାଇବାକୁ ନିଷ୍ପତ୍ତି ନିଆଯାଇଛି।

ମୋର୍ଣ୍ଣେ ମୋର୍କେଲଙ୍କ ବିସିସିଆଇ ସହ ବର୍ତ୍ତମାନର ଚୁକ୍ତି ଇଂଲଣ୍ଡ ଗସ୍ତ ଶେଷ ପର୍ଯ୍ୟନ୍ତ ହିଁ ରହିଛି। ଯଦି ମୋର୍କେଲ ଚୁକ୍ତି ଆଗକୁ ନବଢ଼େ ତେବେ ବିସିସିଆଇ ଆଗାମୀ ଶ୍ରୀଲଙ୍କା ଗସ୍ତ ପାଇଁ ଏକ ମଧ୍ୟବର୍ତ୍ତୀକାଳୀନ ବ୍ୟବସ୍ଥା କରିପାରେ। ଏଭଳି ପରିସ୍ଥିତିରେ ଭାରତର ପୂର୍ବତନ ଦ୍ରୁତ ବୋଲର ଲକ୍ଷ୍ମୀପତି ବାଲାଜୀଙ୍କୁ ଶ୍ରୀଲଙ୍କା ଗସ୍ତ ପାଇଁ ଭାରତୀୟ ଦଳର ଅସ୍ଥାୟୀ ଦ୍ରୁତ ବୋଲିଂ କୋଚ୍ ଭାବରେ ପଠାଯାଇପାରେ। ବାଲାଜୀଙ୍କ ପାଖରେ ଆଇପିଏରେ ଚେନ୍ନାଇ ସୁପର କିଙ୍ଗ୍ସ ଏବଂ ଘରୋଇ କ୍ରିକେଟରେ କୋଚିଂର ଦୀର୍ଘ ଅଭିଜ୍ଞତା ରହିଛି।





## ବିଜେପିର ଦଳୀୟ ଶୋଭାଯାତ୍ରାରେ ଶିଶୁ ସାମିଲ ହେବା ଘଟଣା

# କାର୍ଯ୍ୟାନୁଷ୍ଠାନ ପାଇଁ ଶିଶୁ ସୁରକ୍ଷା ଅଧିକାର ଆୟୋଗର ହସ୍ତକ୍ଷେପ ଲୋଡ଼ିଲା ବିଜେଡି

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ରାଜନୈତିକ ଶୋଭାଯାତ୍ରାରେ ଶିଶୁ ମାନଙ୍କୁ ସାମିଲ୍ କରୁଛି ବିଜେପି। ବିଜେପି ଦଳର ଶୀର୍ଷ ନେତୃ ମଣ୍ଡଳୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବିରେ ରାଜ୍ୟ ଶିଶୁ ସୁରକ୍ଷା ଅଧିକାର ଆୟୋଗର ହସ୍ତକ୍ଷେପ ଲୋଡ଼ିଛି ବିଜେଡି ପ୍ରତିନିଧି ମଣ୍ଡଳୀ। ଗତ ୧୨ ଜୁଲାଇରେ ଭୁବନେଶ୍ୱର ଠାରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ବିଜେପିରେ ଯୋଗ ଦେବା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଆୟୋଜିତ ରାଜନୈତିକ ଶୋଭାଯାତ୍ରାରେ ଶିଶୁଙ୍କୁ ସାମିଲ୍ କରାଯାଇଛି। କାର୍ଯ୍ୟକ୍ରମ ଏବଂ ଶୋଭାଯାତ୍ରାରେ ନାବାଳକ ଶିଶୁମାନଙ୍କୁ ବ୍ୟବହାର କରାଯାଇଛି। ସେମାନଙ୍କୁ ଦଳୀୟ ଟୋପି, ଉତ୍ତରୀୟ ପିନ୍ଧାଇ ଦଳୀୟ ପତାକା, ପ୍ଲାକାର୍ଡ ଏବଂ ବ୍ୟାନର୍ ଧରାଇଥିଲା ବିଜେପି। ଏହା ଶିଶୁ ମାନଙ୍କ ଅଧିକାର ଏବଂ ସୁରକ୍ଷାକୁ ବିପନ୍ନ କରୁଛି, ଯାହାକି ଅତ୍ୟନ୍ତ ଚିନ୍ତାଜନକ ବୋଲି ବିଜେଡି କହିଛି। ଏନେଇ ବିଜୁ ଜନତା ଦଳ ପକ୍ଷରୁ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ଅଧିକାରୀ ଆୟୋଗର ଅଧକ୍ଷା ବବିତା ପାତ୍ରଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରାଯାଇଛି। ଘଟଣାର ତଦନ୍ତ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଓ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କୁ ନୋଟିସ୍ ଜାରି କରିବାକୁ ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ରାଜନୈତିକ ଶୋଭାଯାତ୍ରା ଓ କାର୍ଯ୍ୟକ୍ରମରେ ପିଲା ମାନଙ୍କୁ ସାମିଲ କରାଯାଇଥିବାରୁ ଆୟୋଗର ତୁରନ୍ତ ହସ୍ତକ୍ଷେପ ଏବଂ ଶିଶୁ ଅଧିକାର ସୁରକ୍ଷା ପାଇଁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ତୁରନ୍ତ ଗ୍ରହଣ କରିବାକୁ ବିଜେଡି ପ୍ରତିନିଧି ମଣ୍ଡଳୀ ଦାବି କରିଛି।

ବିଜେଡି ପ୍ରତିନିଧି ମଣ୍ଡଳୀରେ ସୁମିତ୍ରା ଜେନା, ପୁଷ୍ପାଞ୍ଜଳି ରଣା, ଜ୍ୟୋସ୍ନାମୟୀ ପରିଡ଼ା, ବନଜା ମହାନ୍ତି, ଈଲା ସ୍ୱାଇଁ, ଅଂଶୁ ତ୍ରିପାଠୀ, ଭାଗ୍ୟଶ୍ରୀ ଜେନା ଏବଂ ଡ. ପ୍ରିୟବ୍ରତ ମାଝୀ ପ୍ରମୁଖ ସାମିଲ ଥିଲେ।

# ଜିନ୍ଦଲ୍ ଷ୍ଟେନଲେସ ଫାଉଣ୍ଡେସନ ସହାୟତାରେ ସିଲେଇ ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟିତ

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**



ମହିଳା ସଶକ୍ତିକରଣ ଏବଂ ସ୍ଥାୟୀ ଜୀବିକା ସୃଷ୍ଟି ପ୍ରତି ଏହାର ପ୍ରତିବଦ୍ଧତା ଅନୁଯାୟୀ, ଜିନ୍ଦଲ ଷ୍ଟେନଲେସ୍ ଫାଉଣ୍ଡେସନ୍ (ଜେଏସଏଫ) ଶନିବାର ଦିନ ଯାଜପୁର ଜିଲ୍ଲାର କୋରେଇ ବ୍ଲକ ଅନ୍ତର୍ଗତ ପାଟରଙ୍ଗା ଗ୍ରାମରେ ମହିଳାମାନଙ୍କ ପାଇଁ ଏକ ସିଲାଇ ତାଲିମ କେନ୍ଦ୍ର ଉଦ୍‌ଘାଟନ କରିଛି। ପାଟରଙ୍ଗା ଗ୍ରାମ ପଞ୍ଚାୟତର ସରପଞ୍ଚ ରଞ୍ଜନ କୁମାର ଦାସ ସ୍ଥାନୀୟ ବିଶିଷ୍ଟ ବ୍ୟକ୍ତି ଏବଂ ସମ୍ପ୍ରଦାୟର ସଦସ୍ୟଙ୍କ ଉପସ୍ଥିତିରେ ଏହି ତାଲିମ କେନ୍ଦ୍ରର ଉଦଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ୬୦ରୁ ଅଧିକ ମହିଳା ନାମ ଲେଖାଇଛନ୍ତି, ଯାହା ଦୁଇଟି ବ୍ୟାଚରେ ଛଅ ମାସ ଧରି ଅନୁଷ୍ଠିତ ହେବ। ଏହି ତାଲିମ କାର୍ଯ୍ୟକ୍ରମର ଲକ୍ଷ୍ୟ ମହିଳାମାନଙ୍କୁ ବ୍ୟବହାରିକ ସିଲାଇ କୌଶଳରେ ସଜ୍ଜିତ କରିବା, ସେମାନଙ୍କୁ ସ୍ୱାବଲମ୍ବୀ ହେବା ଏବଂ ଜୀବିକା ନିର୍ବାହର ସୁଯୋଗ ଅନୁସନ୍ଧାନ କରିବା। ଅଂଶଗ୍ରହଣକାରୀମାନେ ସାୟା, ବ୍ଲାଉଜ୍, କୁର୍ତ୍ତି, ଫ୍ରକ୍, ତକିଆ କଭର, ସ୍କୁଲ ୟୁନିଫର୍ମ ଏବଂ ଅନ୍ୟାନ୍ୟ ପୋଷାକ ସମେତ ବିଭିନ୍ନ ପୋଷାକ ଏବଂ ଉପଯୋଗୀ ସାମଗ୍ରୀ ସିଲାଇ କରିବାରେ ହାତପାହାନ୍ତା ତାଲିମ ପାଇବେ। ସମାବେଶକୁ ସମ୍ବୋଧିତ କରି, ସମିତି ସଦସ୍ୟ କୁଶ ମୁଣ୍ଡା ମହିଳାମାନଙ୍କୁ ଆର୍ଥିକ ଭାବରେ ସଶକ୍ତ କରିବା ଏବଂ ସେମାନଙ୍କର ଆତ୍ମବିଶ୍ୱାସ ବୃଦ୍ଧି କରିବାରେ ଦକ୍ଷତା ବିକାଶର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ରଞ୍ଜନ କୁମାର ଦାସ ଜିନ୍ଦଲ ଷ୍ଟେନଲେସ୍ ଫାଉଣ୍ଡେସନ୍ ଦ୍ୱାରା ଗ୍ରହଣ କରାଯାଇଥିବା ସାମୁହିକ ବିକାଶ ପଦକ୍ଷେପଗୁଡ଼ିକୁ ପ୍ରଶଂସା କରିଥିଲେ। ସେ ପ୍ରତି ବୁଧବାର ଫାଉଣ୍ଡେସନ୍ ଦ୍ୱାରା ଆୟୋଜିତ ମାଗଣା ସାପ୍ତାହିକ ସ୍ୱାସ୍ଥ୍ୟ ଶିବିର ଏବଂ ଶିବ ମନ୍ଦିର ପରିସରରେ ସୀମା ପ୍ରାଚୀର ନିର୍ମାଣ ସମେତ ବିଭିନ୍ନ ଜନହିତକର କାର୍ଯ୍ୟକଳାପ ବିଷୟରେ ମଧ୍ୟ ଗ୍ରାମବାସୀଙ୍କୁ ସୂଚନା ଦେଇଥିଲେ, ଯାହା ସ୍ଥାନୀୟ ସମ୍ପ୍ରଦାୟକୁ ଯଥେଷ୍ଟ ଲାଭ ଦେଇଛି। ଉଦ୍‌ଘାଟନ ଉତ୍ସବରେ ହେମନ୍ତ କୁମାର ବାହାଲିଆ, ବିଜୟଲକ୍ଷ୍ମୀ ପଣ୍ଡା, ସୁଭାସ୍ମିତା ପଣ୍ଡା, ରବିନ୍ଦ୍ର ପାତ୍ର, ସସ୍ମିତାବାଳା ସାମଲ, ଲାବାଣୀ ତରାଇ ଏବଂ ଗୀତାଞ୍ଜଳି ମହାନ୍ତି, ସିଲାଇ ପ୍ରଶିକ୍ଷକଙ୍କ ସମେତ ବହୁ ସଂଖ୍ୟକ ମହିଳା ହିତାଧିକାରୀ ଏବଂ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ। ଏହିପରି ପଦକ୍ଷେପ ମାଧ୍ୟମରେ, ଜିନ୍ଦଲ ଷ୍ଟେନଲେସ୍ ଫାଉଣ୍ଡେସନ୍ ଦକ୍ଷତା ବିକାଶ, ମହିଳା ସଶକ୍ତିକରଣ ଏବଂ ସ୍ଥାୟୀ ସାମୁହିକ ବିକାଶକୁ ପ୍ରୋତ୍ସାହିତ କରିଚାଲିଛି, ଗ୍ରାମୀଣ ମହିଳାମାନଙ୍କ ପାଇଁ ସେମାନଙ୍କର ଜୀବିକା ବୃଦ୍ଧି କରିବା ଏବଂ ଆର୍ଥିକ ସ୍ୱାଧୀନତା ହାସଲ କରିବାର ସୁଯୋଗ ସୃଷ୍ଟି କରୁଛି।

# ବଡ଼ଦାଣ୍ଡ ଉଭୟ ପାର୍ଶ୍ୱରେ ହେବ ୮ଟି ୧୦ ଶଯ୍ୟା ବିଶିଷ୍ଟ ଅସ୍ଥାୟୀ ଡାକ୍ତରଖାନା

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଚଳିତ ବର୍ଷ ରଥଯାତ୍ରା ନିମନ୍ତେ ଜନସାଧାରଣଙ୍କ ସମାବେଶକୁ ନଜରରେ ରଖି ଆବଶ୍ୟକ ଜରୁରୀକାଳୀନ ପରିସ୍ଥିତି ପାଇଁ ସ୍ୱାସ୍ଥ୍ୟ ବିଭାଗ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୧୦ ଶଯ୍ୟା ବିଶିଷ୍ଟ ଆଇସିୟୁ, ୧୦ ଶଯ୍ୟା ବିଶିଷ୍ଟ ଟ୍ରମା କେୟାର କେନ୍ଦ୍ର, ୧୦ ଶଯ୍ୟା ବିଶିଷ୍ଟ ଓ୍ୱାର୍ଡ ଏବଂ ଗୋଟିଏ ଅସ୍ତ୍ରୋପଚାର କକ୍ଷର ବ୍ୟବସ୍ଥା କରାଯାଇଛି। ସେହିପରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନବନିର୍ମିତ କୋଠାରେ ୧୫୦ ଅତିରିକ୍ତ ଶଯ୍ୟା ବ୍ୟବସ୍ଥା କରାଯିବ। ରଥଯାତ୍ରାରେ ସ୍ୱାସ୍ଥ୍ୟସେବା ଯୋଗାଇବାକୁ ୨୩୦ ଜଣ ଡାକ୍ତର, ୬୬ ଜଣ ବିଶେଷଜ୍ଞ, ୨ ଜଣ ହୃଦ୍‌ରୋଗ ବିଶେଷଜ୍ଞ, ୨ଜଣ ସ୍ନାୟୁ ବିଭାଗ ବିଶେଷଜ୍ଞ, ୨ ଜଣ ପ୍ଲାଷ୍ଟିକ ସର୍ଜନ ସମେତ ୨୦୦ ନର୍ସିଂ ଅଫିସର ଏବଂ ୨୨୯ ପାରାମେଡିକ୍ସ ଷ୍ଟାଫ ରହିବେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୧୦ ଗୋଟି ଶୀତ ତାପ ଶଯ୍ୟା, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୨ଟି ଏବଂ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଗୋଟିଏ ଶଯ୍ୟା ଅଂଶୁଘାତ ମୁକାବିଲା ନିମନ୍ତେ ଉପଲବ୍ଧ କରାଯିବ। ବଡଦାଣ୍ଡରେ ଏବଂ ପୁରୀ ସହର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ୩୦ଟି ଆଶୁ ଚିକିତ୍ସା କେନ୍ଦ୍ର ଖୋଲାଯିବାର ବ୍ୟବସ୍ଥା କରାଯାଇଛି। ବଡ଼ଦାଣ୍ଡରେ ଥିବା ୧୧ଟି ଆଶୁ ଚିକିତ୍ସା କେନ୍ଦ୍ର ଦିବାରାତ୍ର ଖୋଲା ରହିବ। ସେହିପରି ୮ଟି ୧୦ ଶଯ୍ୟା ବିଶିଷ୍ଟ ଅସ୍ଥାୟୀ ଡାକ୍ତରଖାନା ବଡ଼ଦାଣ୍ଡ ଉଭୟ ପାର୍ଶ୍ୱରେ କାର୍ଯ୍ୟକ୍ଷମ ହେବ ଯାହା ଦ୍ୱାରା ଭିଡ଼ ମଧ୍ୟରେ ରୋଗୀ ଜରୁରୀ ଚିକିତ୍ସା ପାଇପାରିବେ। ଚଳିତ ବର୍ଷ ୪୬ଟି ଆମ୍ବୁଲାନ୍ସ ପୁରୀର ବିଭିନ୍ନ ସ୍ଥାନରେ ଏବଂ ୨ଟି ଏଏଲଏସ ଆମ୍ବୁଲାନ୍ସ ପୁରୀ ବଡ଼ ଡାକ୍ତରଖାନାରେ ମୁତୟନ କରାଯିବ। ଖାଦ୍ୟର ମାନ ଯାଞ୍ଚ ନିମନ୍ତେ ଅଧିକ ସଂଖ୍ୟକ ଖାଦ୍ୟ ନିରାପତ୍ତା ଅଧିକାରୀ ମୁତୟନ ହୋଇଛନ୍ତି। ୩୦ ଜଣ ପ୍ରଶିକ୍ଷିତ କର୍ମଚାରୀଙ୍କୁ ଅମ୍ଳଜାନ କ୍ୟାନିଷ୍ଟର ସହ ମୁତୟନ ରଖାଯିବ।

## ଆନ୍ତର୍ଜାତୀୟ ପଦାର୍ଥ ବିଜ୍ଞାନ ଅଲିମ୍ପିଆଡ୍‌ରେ ଭାରତୀୟ ଯୁବ ପଦାର୍ଥ ବିଜ୍ଞାନୀଙ୍କ ସଫଳତାକୁ ରାଜ୍ୟପାଳଙ୍କ ଅଭିନନ୍ଦନ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

୫୬ତମ ଆନ୍ତର୍ଜାତୀୟ ପଦାର୍ଥ ବିଜ୍ଞାନ ଅଲିମ୍ପିଆଡ୍ ୨୦୨୬ରେ ଭାରତର ଯୁବ ପଦାର୍ଥ ବିଜ୍ଞାନୀମାନଙ୍କ ଉଲ୍ଲେଖନୀୟ ସଫଳତା ପାଇଁ ଓଡ଼ିଶାର ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ହାର୍ଦ୍ଦିକ ଅଭିନନ୍ଦନ ଜଣାଇଛନ୍ତି। ସୋସିଆଲ ମିଡିଆ ପୋଷ୍ଟରେ ରାଜ୍ୟପାଳ କହିଛନ୍ତି ଯେ, ଭାରତୀୟ ଯୁବ ପ୍ରତିଭାମାନଙ୍କ ଏହି ଉଲ୍ଲେଖନୀୟ ସଫଳତା ବିଜ୍ଞାନ, ନବସୃଜନ ଏବଂ ଶିକ୍ଷାଗତ ଉତ୍କର୍ଷ କ୍ଷେତ୍ରରେ ଦେଶର କ୍ରମବର୍ଦ୍ଧମାନ ସାମର୍ଥ୍ୟର ପ୍ରତିଫଳନ। ଏହି ସଫଳତା ଦେଶର ଯୁବ ପ୍ରତିଭାଙ୍କ ଦକ୍ଷତା ଓ ନିଷ୍ଠାର ଉଜ୍ଜ୍ୱଳ ଉଦାହରଣ ବୋଲି ସେ କହିଛନ୍ତି। ରାଜ୍ୟପାଳ ସମସ୍ତ ବିଜେତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଆଗାମୀ ଦିନରେ ସେମାନେ ଅଧିକ ସଫଳତା ହାସଲ କରି ଦେଶର ଗୌରବକୁ ଆହୁରି ବୃଦ୍ଧି କରିବେ ବୋଲି ଆଶା ପ୍ରକାଶ କରିଛନ୍ତି।

# ନିଶାମୁକ୍ତ ମାଷ୍ଟର ପ୍ଲାନ୍ ସହ ମଦ ନିଷେଧ ଘୋଷଣା କରନ୍ତୁ ସରକାର

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଗୋଟାଏ ପଟେ ରାଜ୍ୟବ୍ୟାପୀ ମଦ ଦୋକାନ ଖୋଲୁ ଥିବା ମୋହନ ମାଝୀଙ୍କ ସରକାର ଅନ୍ୟପଟେ ଓଡ଼ିଶାକୁ ନିଶାମୁକ୍ତ କରିବାକୁ ମାଷ୍ଟର ପ୍ଲାନ୍ କରୁଥିବା ହାସ୍ୟାସ୍ପଦ ଓ ଘୋଷଣା ଧର୍ମକୁ ଆଶ୍ରୟ ବୋଲି ଦେଶ ଶିକ୍ଷୀ ସୋମା ପୃଷ୍ଟି ତୀବ୍ର କଟାକ୍ଷ କରିଛନ୍ତି। ସ୍କୁଲ ଠାରୁ ପଞ୍ଚାୟତ ପର୍ଯ୍ୟନ୍ତ ନିଶା ବିରୋଧୀ ସଚେତନତା କାର୍ଯ୍ୟକ୍ରମ ଚାଲିବ ଓ ପୁଣି ତାଳ ଦେଇ ସରକାରଙ୍କ ଦ୍ୱାରା ପଞ୍ଚାୟତଗୁଡିକରେ ଦେଶୀ ବିଦେଶୀ ମଦ ଦୋକାନ, ମଦ ବାର ଲାଇସେନ୍ସ ପ୍ରଦାନ ହେବ, ପରସ୍ପର ବିରୋଧୀ କାର୍ଯ୍ୟକ୍ରମରୁ ଛାତ୍ରଛାତ୍ରୀ ଓ ପଞ୍ଚାୟତବାସୀ କଣ ଶିଖିବେ ବୋଲି ଶ୍ରୀମତୀ ପୃଷ୍ଟି ପ୍ରଶ୍ନ କରିଛନ୍ତି। ମଦ ମୁକ୍ତ ଓଡ଼ିଶା ବା ମଦ ବିରୋଧୀ ଆନ୍ଦୋଳନକାରୀମାନେ ମଦ ବେପାରୀ, ସେମାନଙ୍କ ପାଳିତ ଗୁଣ୍ଡା ଓ କିଛି ସ୍ଥାନରେ ଦୁର୍ନୀତିଗ୍ରସ୍ତ ପୋଲିସ ଏବଂ ଅବକାରୀ ଅଧିକାରୀଙ୍କ ଆକ୍ରମଣର ଶୀକାର ହୋଇ ପ୍ରାଣ ହରାଇଛନ୍ତି। ଦେଢ଼ ହଜାର 'ନିଶାମୁକ୍ତି ମିତ୍ର' ପରିବର୍ତ୍ତେ କେବଳ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଗୁଡିକରୁ ରାଜ୍ୟରେ ଦେଢ଼ ଲକ୍ଷ ନିଶା ମୁକ୍ତି ମଦ ବିରୋଧୀ ସ୍ୱେଚ୍ଛାସେବୀ ବାହାରିବେ। ସେହିଭଳି ପ୍ରତ୍ୟେକ ପଞ୍ଚାୟତରୁ ସରପଞ୍ଚ ଓ ସମିତିସଭ୍ୟ ଦୁଇଜଣ କରି ଅନ୍ତତଃ ବାର ହଜାର ପ୍ରଚାର କର୍ମୀ ବାହାରିବେ। ଆହୁରି ମଧ୍ୟ ପ୍ରତ୍ୟେକ ସ୍ୱୟଂ ସହାୟକ ଗୋଷ୍ଠୀ ରୁ ଦୁଇଜଣ ହେଲେ ଏକ ଲକ୍ଷରୁ ବେଶୀ ସ୍ୱେଚ୍ଛାସେବୀ ବାହାରିବେ। ଅର୍ଥାତ୍ ରାଜ୍ୟରେ ତିନି ଲକ୍ଷ ମଦ ବିରୋଧୀ ତଥା ନିଶା ମୁକ୍ତି ସ୍ୱେଚ୍ଛାସେବୀ ଗୋଟାଏ ଚୁଟକିରେ ରାସ୍ତାକୁ ଆସିବାକୁ ପ୍ରସ୍ତୁତ ଅଛନ୍ତି। ମୁଖ୍ୟମନ୍ତ୍ରୀ ଏ ସହଯୋଗ ନେବାକୁ ପ୍ରସ୍ତୁତ କି ? ବୋଲି ସୋମା ଜବାବ ଚାହିଁଛନ୍ତି।

## ବସ୍-କାର୍ ମୁହାଁମୁହିଁ ଧକ୍କା: କାର୍ ଚାଳକ ମୃତ, ୩ ଗୁରୁତର

**ଢେଙ୍କାନାଳ,ନ୍ୟୁଜ୍‌ବ୍ୟୁରୋ**

ଢେଙ୍କାନାଳ ଜିଲ୍ଲା ଗଁଦିଆ ଥାନା ଅନ୍ତର୍ଗତ ଦେଓଗାଁ-କପିଳାସ-ହରିପୁର ରାସ୍ତାରେ ସୋମବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ଯାତ୍ରୀବାହୀ ବସ୍ ଓ କାର୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ କାର୍ ଚାଳକଙ୍କ ମୃତ୍ୟୁ ଘଟିଥିବା ବେଳେ କାର୍‌ରେ ଥିବା ଅନ୍ୟ ୩ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ଭୁବନ ଏନ୍‌ଏସି ଅନ୍ତର୍ଗତ ବନ୍ଦାଳ ସାହିର ରଞ୍ଜିତ ମଲ୍ଲିକ। ଆହତମାନେ ହେଲେ ରାଜୁ ମଲ୍ଲିକ, ଶିଖର ମଲ୍ଲିକ ଓ ସନ୍ତୋଷ ସାହୁ। ସେମାନେ ସମସ୍ତେ ଏକ ସାହିର ବାସିନ୍ଦା ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, କାର୍‌ରେ ମୋଟ ୬ ଜଣ ଯାତ୍ରୀ ଥିଲେ। ସେମାନେ କାର୍ ଯୋଗେ କଟକ ବଡ଼ ମେଡିକାଲକୁ ଯାଉଥିବା ବେଳେ ଦେଓଗାଁ ନିକଟରେ ସାମ୍ନାରୁ ଆସୁଥିବା ଏକ ଯାତ୍ରୀବାହୀ ବସ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ବସ୍‌ଟି କଟକରୁ ପାଲଲହଡ଼ା ଅଭିମୁଖେ ଯାଉଥିବା ବେଳେ କାର୍‌ଟି କପିଳାସ ପଟରୁ ଟାଙ୍ଗୀ ରାସ୍ତା ଆଡ଼କୁ ଯାଉଥିଲା। ଧକ୍କା ଏତେ ଜୋରଦାର ଥିଲା ଯେ କାର୍‌ର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଚୂରମାର ହୋଇଯାଇଥିଲା। ସ୍ଥାନୀୟ ଲୋକେ ଓ ପୋଲିସ ମିଳିତ ଭାବେ ଆହତମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ନିକଟସ୍ଥ ହସ୍ପିଟାଲକୁ ପଠାଇଥିଲେ। ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ଉନ୍ନତ ଚିକିତ୍ସା ପାଇଁ କଟକ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି। ଖବର ପାଇ ଗଁଦିଆ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାପଡ଼ିଛି।

# କାର୍ଯ୍ୟାନୁଷ୍ଠାନ ଦାବିରେ କେନ୍ଦ୍ରାପଡ଼ା ସରପଞ୍ଚ ଚାମେଲି ଓଝାଙ୍କ ଭୁବନେଶ୍ୱରରେ ଅନିର୍ଦ୍ଦିଷ୍ଟକାଳୀନ ଅନଶନ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶାର କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ଟିକିରି ଗ୍ରାମ ପଞ୍ଚାୟତର ସରପଞ୍ଚ ଚାମେଲି ଓଝା ସୋମବାର ଭୁବନେଶ୍ୱରସ୍ଥିତ ଲୋୟର ପିଏମଜିରେ ଅନିର୍ଦ୍ଦିଷ୍ଟ କାଳୀନ ଅନଶନ ଆରମ୍ଭ କରିଛନ୍ତି। ମହାକାଳପଡ଼ା ବ୍ଲକ ବିକାଶ ଅଧିକାରୀ ଏବଂ ସ୍ଥାନୀୟ ଥାନା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ସେ ଏହି ଆନ୍ଦୋଳନ ଆରମ୍ଭ କରିଛନ୍ତି।

ଚାମେଲି ଓଝାଙ୍କ ଅଭିଯୋଗ ଅନୁଯାୟୀ, ଗତ ଜୁନ ୧୧ ତାରିଖରେ ସରକାରୀ କାର୍ଯ୍ୟ ସମ୍ପର୍କରେ ସେ ମହାକାଳପଡ଼ା ବିଡିଓ କାର୍ଯ୍ୟାଳୟକୁ ଯାଇଥିବା ବେଳେ ତାଙ୍କ ସହ ଦୁର୍ବ୍ୟବହାର କରାଯାଇଥିଲା। ପରେ କାର୍ଯ୍ୟାଳୟରେ ବଚସା ହେବାରୁ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇଥିଲା। ଏହା ପରେ ତାଙ୍କୁ ପୁଲିସ ହେପାଜତକୁ ନିଆଯାଇ ପରବର୍ତ୍ତୀ ସମୟରେ ଗିରଫ କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ନିର୍ବାଚିତ ସରପଞ୍ଚ ଚାମେଲି ଓଝା ଅଭିଯୋଗ କରିଛନ୍ତି ଯେ, ତାଙ୍କ ସହ ଅନ୍ୟାୟ କରାଯାଇଛି ଏବଂ ସରକାରୀ କ୍ଷମତାର ଦୁରୁପଯୋଗ କରାଯାଇଛି। ସେ ବିଡିଓ ଓ ଆଇଆଇସିଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସହ ଘଟଣାର ନିରପେକ୍ଷ ତଦନ୍ତ ଦାବି କରିଛନ୍ତି।

ଅନଶନ ଆରମ୍ଭ ପୂର୍ବରୁ ଚାମେଲି ଓଝା କହିଥିଲେ ଯେ, ତାଙ୍କର ଏକମାତ୍ର ଉଦ୍ଦେଶ୍ୟ ହେଉଛି ନିଜ ପଞ୍ଚାୟତର ବିକାଶ। ତାଙ୍କର କୌଣସି ବ୍ୟକ୍ତିଗତ ଦାବି ନାହିଁ। ସେ ଅଭିଯୋଗ କରିଛନ୍ତି ଯେ, ଘଟଣା ସମୟରେ ତାଙ୍କୁ ମାନସିକ ନିର୍ଯାତନା ଏବଂ ଶାରିରିକ ଭାବେ ହଇରାଣ କରାଯାଇଥିଲା, କିନ୍ତୁ ଏର୍ଯ୍ୟନ୍ତ ଦାୟୀ ଅଧିକାରୀଙ୍କ ବିରୋଧରେ କୌଣସି ପଦକ୍ଷେପ ନିଆଯାଇନାହିଁ।

ସେ କହିଛନ୍ତି ଯେ, ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ତାଙ୍କ ଆନ୍ଦୋଳନ ଜାରି ରହିବ। ଉପଲବ୍ଧ ପ୍ରମାଣ ଥିବା ସତ୍ତ୍ୱେ ଘଟଣାର ଉଚିତ ତଦନ୍ତ କାହିଁକି ହୋଇନାହିଁ, ସେନେଇ ଜିଲ୍ଲା ପ୍ରଶାସନ ଓ ଓଡ଼ିଶା ସରକାରଙ୍କୁ ସ୍ପଷ୍ଟୀକରଣ ଦେବାକୁ ସେ ଦାବି କରିଛନ୍ତି।

ଚାମେଲି ଓଝା ଆହୁରି ଅଭିଯୋଗ କରିଛନ୍ତି ଯେ, ଦାଖଲ ହୋଇଥିବା ଏଫଆଇଆରରେ ବିଡିଓ ଓ ଆଇଆଇସିଙ୍କ ନାମ ଉଲ୍ଲେଖ ନାହିଁ। ସେ ଉଭୟ ଅଧିକାରୀଙ୍କୁ ନିଲମ୍ବନ କରି ଘଟଣାର ନିରପେକ୍ଷ ତଦନ୍ତ କରାଇବାକୁ ଦାବି କରିଛନ୍ତି।

# ୯୦୦ କେଜି ଗଞ୍ଜେଇ ସହ କାର୍, ପିସ୍ତଲ, ୧୦ ଲକ୍ଷ ଟଙ୍କା ଜବତ : ୭ ଗିରଫ



**ମନମୁଣ୍ଡା, ନ୍ୟୁଜ୍‌ବ୍ୟୁରୋ**

ଗଞ୍ଜେଇ ଚୋରା ଚାଲାଣ ବେଳେ ମନୋହରପୁର ଗ୍ରାମ ଅଞ୍ଚଳରେ ମନମୁଣ୍ଡା ପୁଲିସ ଚଢଉ କରି ୯୦୦ କେଜି ଗଞ୍ଜେଇ ଜବତ କରିଛି। ଏଥିସହ ୨ଟି କାର୍, ପିସ୍ତଲ ଓ ୧୦ ଲକ୍ଷ ଟଙ୍କା ପୁଲିସ ଜବତ କରିଛି। ଏହି ଘଟଣାରେ ପୁଲିସ ୭ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ କନ୍ଧମାଳ ଥାନା ରୁଣ୍ଡିମହୁଲ ଗ୍ରାମର ଭବାନୀଶଙ୍କର ବାରିକ (୨୮), ମିଥୁନ ଖଟୁଆ (୨୮), ଟୁରିଦେଉଳର ପ୍ରହ୍ଲାଦ ମେହେର (୩୫), ସେଲାମାଳର ବିଜୟ ପ୍ରସାଦ ଗାଇଗୌରିଆ (୨୫), ଘଣ୍ଟାପଡ଼ାର ଅଶୋକ ରଣା (୨୮), ମନମୁଣ୍ଡା ଥାନା ଲୁଣପଙ୍ଗାର ପ୍ରମୋଦ ମିଶ୍ର (୩୦), ନରସିଂହପୁରର ଶରତ ପ୍ରଧାନ (୨୬)। ଚୋରା ଗଞ୍ଜେଇ ଚାଲାଣ ହେଉଥିବା ସୂଚନା ପାଇ ଆଇଆଇସି ଚିରଞ୍ଜିବୀ ବେହେରାଙ୍କ ନେତୃତ୍ୱରେ ମନୋହରପୁର ଗ୍ରାମ ଅଞ୍ଚଳରେ ମନମୁଣ୍ଡା ପୋଲିସ ଅଚାନକ ଚଢ଼ାଉ କରିଥିଲା। ପୋଲିସକୁ ଦେଖି ସେଠାରେ ଥିବା କିଛି ବ୍ୟକ୍ତି ଗଞ୍ଜେଇ ଭର୍ତ୍ତି ବସ୍ତା ଛାଡ଼ି ପଳାଇବାକୁ ଚେଷ୍ଟା କରିଥିଲେ। ପୋଲିସ ମୋଟ ୭ ଜଣଙ୍କୁ ଗିରଫ କରିଥିବା ବେଳେ ୪-୫ ଜଣ ପଳାଇଯାଇଥିଲେ। ଏକଜିକ୍ୟୁଟିଭ ମ୍ୟାଜିଷ୍ଟ୍ରେଟ୍ ସ୍ୱାଧୀନ ସାକ୍ଷୀଙ୍କ ଉପସ୍ଥିତିରେ ପୁଲିସ ତଲାସି କରି ୯୦୦ କିଲୋଗ୍ରାମ ଗଞ୍ଜେଇ, ୭ଟି ମୋବାଇଲ ଫୋନ, ଏକ ୯ ମି.ମି. ଦେଶୀ ବନ୍ଧୁକ ଏବଂ ୧୦ ଲକ୍ଷ ଟଙ୍କା ନଗଦ, ୭ଟି ପାସ୍ ବୁକ୍, ଗୋଟିଏ ଚେକ୍ ଏବଂ ୨ଟି କାର୍ ପୁଲିସ ଜବତ କରିଥିଲା।

ଭବାନୀ ଶଙ୍କର ବାରିକ ଏହି ଚୋରା କାରବାରର ମୁଖ୍ୟ ଅଭିଯୁକ୍ତ ବୋଲି ପ୍ରାଥମିକ ଭାବେ ଜଣାପଡ଼ିଛି। ତା' ସହ ଜଡିତ ବ୍ୟାଙ୍କ ପାସବୁକ୍ ଓ ଚେକ୍ ବୁକ୍ ଆର୍ଥିକ କାରବାରର ପ୍ରମାଣ ଭାବେ ଜବତ କରାଯାଇଛି ବୋଲି ବୌଦ୍ଧ ଆରକ୍ଷୀ ଅଧିକ୍ଷକ କୁଲଦୀପ ମୀନା ମନମୁଣ୍ଡା ଥାନାରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଥିଲେ। ଏସଡିପିଓ ଲରେନ୍ ରାଉତ ରାୟ, ମନମୁଣ୍ଡା ଆଇଆଇସି ଚିରଞ୍ଜିବୀ ବେହେରା, କନ୍ଧମାଳ ଆଇଆଇସି ଶ୍ରୀ ମହାନ୍ତି ଉପସ୍ଥିତ ଥିଲେ।

## କେଏମ୍‌ସିର ସ୍ୱାସ୍ଥ୍ୟ ବିଭାଗ ଟିମ୍ ପକ୍ଷରୁ ବିଭିନ୍ନ ହୋଟେଲରେ ଚଢ଼ଉ

**କଟକ,ନ୍ୟୁଜ୍‌ବ୍ୟୁରୋ**

କଟକରେ ବିଭିନ୍ନ ହୋଟେଲର କେଏମ୍‌ସିର ଚଢ଼ଉ। କେଏମ୍‌ସିର ସ୍ୱାସ୍ଥ୍ୟ ବିଭାଗ ଟିମ୍ ବିଭିନ୍ନ ହୋଟେଲରେ ଚଢ଼ଉ କରିଛନ୍ତି। ଗ୍ରାହକଙ୍କୁ ବାସୀ ଖାଦ୍ୟ ବିକ୍ରି ଅଭିଯୋଗରେ ଚଢ଼ଉ ହୋଇଛି। ଚଢ଼ଉବେଳେ ବିପୁଳ ପରିମାଣର ବାସୀ ଖାଦ୍ୟ ନଷ୍ଟ କରାଯାଇଛି। ଏଥିସହ ନିୟମ ଉଲ୍ଲଂଘନ କରୁଥିବା ଏବଂ ସ୍ୱଚ୍ଛତା ରକ୍ଷା କରୁନଥିବା ହୋଟେଲ ମାଲିକଙ୍କୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କଡ଼ା ଚେତାବନୀ ଦିଆଯାଇଛି। କେଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀଙ୍କ ସୂଚନା ଅନୁଯାୟୀ, ଲୋକଙ୍କ ଜୀବନ ସହ ଖେଳୁଥିବା ହୋଟେଲଗୁଡ଼ିକ ବିରୋଧରେ ଏହି ଅଭିଯାନ ଆଗକୁ ମଧ୍ୟ ଜାରି ରହିବ। ଯଦି ଆଗାମୀ ଦିନରେ କୌଣସି ହୋଟେଲରେ ପୁଣି ଏଭଳି ଅନିୟମିତତା ଦେଖିବାକୁ ମିଳେ, ତେବେ ସେମାନଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୟୁପି ସରକାରଙ୍କଠାରୁ ...

ଦ୍ୱାରା ଦାଖଲ କରାଯାଇଥିବା ଏକ ପିଟିସନ୍ ରହିଛି। ସୁପ୍ରିମକୋର୍ଟ ପୂର୍ବରୁ ତତ୍କାଳ ଶୁଣାଣିକୁ ମନା କରିଦେଇଥିଲେ। ଏହା ପରେ, ଆବେଦନକାରୀମାନେ ଗୁରୁତର ଅଭିଯୋଗକୁ ଉଲ୍ଲେଖ କରି ମାମଲାର ତୁରନ୍ତ ତାଲିକାଭୁକ୍ତ କରିବାକୁ ଜିଦ୍ ଧରିଥିଲେ। ଏହା ପରେ, ଜଷ୍ଟିସ୍ ସୁନ୍ଦରେଶଙ୍କ ଅଧକ୍ଷତାରେ ଗଠିତ ଏକ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଥିଲେ ଯେ, ଗ୍ରୀଷ୍ମ ଛୁଟି ପରେ କୋର୍ଟ ପୁଣି ଖୋଲିବା ସମୟରେ ମାମଲାକୁ ତାଲିକାଭୁକ୍ତ କରାଯିବ।

ଆଇନଜୀବୀ ନରେନ୍ଦ୍ର ଗୋସ୍ୱାମୀ ରାମ ଜନ୍ମଭୂମି ମନ୍ଦିର ଦାନ ସହିତ ଜଡିତ ରେକର୍ଡ ଏବଂ ପ୍ରମାଣ ସଂରକ୍ଷଣ ଏବଂ ମନ୍ଦିରରେ ପ୍ରସାଦ ପରିଚାଳନାରେ ଅଧିକ ସ୍ୱଚ୍ଛତା ପାଇଁ ଏକ ଆବେଦନ ଦାଖଲ କରିଛନ୍ତି। ଆବେଦନରେ କୁହାଯାଇଛି ଯେ ଏକ ସାର୍ବଜନୀନ ମନ୍ଦିରକୁ ପ୍ରଦାନ କରାଯାଉଥିବା ଦାନ ହେଉଛି ଟ୍ରଷ୍ଟ ସମ୍ପତ୍ତି। ଟ୍ରଷ୍ଟ ଦେବତାଙ୍କ ପାଖରେ ଏକ ଆଇନଗତ ସଂସ୍ଥା ଭାବରେ ଉତ୍ତରଦାୟୀ। ଏହିପରି ଦାନ ପରିଚାଳନା କରୁଥିବା ବ୍ୟକ୍ତିମାନେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଏବଂ ସୁରକ୍ଷାର କର୍ତ୍ତବ୍ୟ ଦ୍ୱାରା ଆବଦ୍ଧ ଟ୍ରଷ୍ଟି। ଆବେଦନରେ ଦାନ ସହିତ ଜଡିତ ସମସ୍ତ ରେକର୍ଡ, ସିସିଟିଭି ଫୁଟେଜ୍ ଏବଂ ଡିଜିଟାଲ୍ ଲଗ୍ ତୁରନ୍ତ ସଂରକ୍ଷଣ ପାଇଁ ମଧ୍ୟ ଦାବି କରାଯାଇଛି। ସେ ତଦନ୍ତର ଏକ ସିଲ୍ ରିପୋର୍ଟ ଏବଂ ଏପର୍ଯ୍ୟନ୍ତ ପ୍ରାପ୍ତ ଦାନ ଏବଂ ମୂଲ୍ୟବାନ ଜିନିଷଗୁଡ଼ିକର ଏକ ସ୍ୱାଧୀନ ଫୋରେନସିକ୍ ଅଡିଟ୍ ମଧ୍ୟ ଦାବି କରିଛନ୍ତି। ଜାତୀୟ ସ୍ତରର ଗୁରୁତ୍ୱପୂର୍ଣ୍ଣ ମନ୍ଦିରରେ ସାର୍ବଜନୀନ ଦାନର ସ୍ୱଚ୍ଛ ପରିଚାଳନା ସୁନିଶ୍ଚିତ କରିବା ପାଇଁ ସାମ୍ବିଧାନିକ ବ୍ୟବସ୍ଥା ଏବଂ ସୁରକ୍ଷା ଉପାୟ ସ୍ଥାପନ କରିବାକୁ କୋର୍ଟଙ୍କୁ ଅନୁରୋଧ କରାଯାଇଛି।

### ଇରାନ ଉପରେ ...

ଦେଶଗୁଡ଼ିକରେ ଥିବା ଆମେରିକୀୟ ସାମରିକ ଘାଟି ଉପରେ ଆକ୍ରମଣ କରୁଛି। ଆମେରିକା ଇରାନ ଉପରେ ପୁଣି ଏୟାରଷ୍ଟ୍ରାଇକ୍ କରିଛି। ଆମେରିକୀୟ ସେନା ଅନେକ ଅଞ୍ଚଳରେ ବୋମା ପକାଇଛି। ଇରାନର ବନ୍ଦର ଆବାସ ଅଞ୍ଚଳରେ ବିସ୍ଫୋରଣ ଶୁଣାଯାଇଛି।

ଇରାନର ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଇସମାଇଲ ବାଘାଇ ଏକ ବିବୃତ୍ତି ଜାରି କରିଛନ୍ତି ଯେ ଇରାନ ଆମେରିକା ସହିତ ହୋଇଥିବା ମଧ୍ୟବର୍ତ୍ତୀକାଳୀନ ବୁଝାମଣାପତ୍ର ଅନୁଯାୟୀ ତାର ସମସ୍ତ ପ୍ରତିଶ୍ରୁତି ପାଳନ କରିଛି। କେହି ଇରାନକୁ ତା'ର ପ୍ରତିଶ୍ରୁତି ଉଲ୍ଲଂଘନ କରିବାର ଅଭିଯୋଗ କରିପାରିବେ ନାହିଁ। ଆମେରିକା ବାହାନା କରି ଇରାନକୁ ଚୁକ୍ତିର ବ୍ୟବସ୍ଥା ଉଲ୍ଲଂଘନ କରିବାର ଅଭିଯୋଗ କରିଛି।

ଆମେରିକା-ଇରାନ ଉତ୍ତେଜନା ମଧ୍ୟରେ, ହର୍ମୁଜ୍ ପ୍ରଣାଳୀ ଦେଇ ଯାଉଥିବା ଜାହାଜ ସଂଖ୍ୟା ପାଞ୍ଚ ସପ୍ତାହର ସର୍ବନିମ୍ନ ସ୍ତରରେ ପହଞ୍ଚିଛି।

### ଆନ୍ଧ୍ରରେ କୋଭିଡ୍ ...

ଚିକିତ୍ସା ପ୍ରୋଟୋକଲ୍ ଅନୁଯାୟୀ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ।

ଡା. ରବୀନ୍ଦ୍ର ନାଥ ମିଶ୍ର ସାଧାରଣ ଲୋକଙ୍କୁ ମଧ୍ୟ ସତର୍କ ରହିବା ଏବଂ କୋଭିଡ୍-ଉପଯୁକ୍ତ ଆଚରଣ ଅନୁସରଣ କରିବାକୁ ଅନୁରୋଧ କରିଛନ୍ତି। ସେ କହିଛନ୍ତି, "ଆନ୍ଧ୍ର ପ୍ରଦେଶ ସୀମା ସଂଲଗ୍ନ ସମସ୍ତ ଜିଲ୍ଲାର ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀମାନଙ୍କୁ ହାଇ ଆଲର୍ଟରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଲୋକମାନେ ଅନାବଶ୍ୟକ ଭିଡ଼ ଏବଂ ସାମାଜିକ କାର୍ଯ୍ୟକ୍ରମରୁ ଦୂରେଇ ରୁହନ୍ତୁ, ଆବଶ୍ୟକ ସ୍ଥଳେ ମାସ୍କ ପିନ୍ଧନ୍ତୁ ଏବଂ ନିୟମିତ ଭାବେ ହାତ ଧୁଅନ୍ତୁ। ଯଦି କାହାର ଜ୍ୱର, କାଶ, ଦୁର୍ବଳତା ଭଳି ଲକ୍ଷଣ ଦେଖାଯାଏ କିମ୍ବା ସେ କୌଣସି ସନ୍ଦିଗ୍ଧ କୋଭିଡ୍ ରୋଗୀଙ୍କ ସଂସ୍ପର୍ଶରେ ଆସିଥାନ୍ତି, ତେବେ ସେ ତୁରନ୍ତ ନିକଟସ୍ଥ ହସ୍ପିଟାଲକୁ ଯାଇ ପରୀକ୍ଷା କରାଇବା ସହ ନିର୍ଦ୍ଧାରିତ ଚିକିତ୍ସା ପ୍ରୋଟୋକଲ୍ ଏବଂ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ତ ନିର୍ଦ୍ଦେଶାବଳୀକୁ କଡ଼ାକଡ଼ି ଭାବେ ପାଳନ କରନ୍ତୁ।"

### ବିଜେଡିର ସଂସଦୀୟ...

ଆଲୋଚନା କରାଯାଇଛି।

ସାଂସଦମାନଙ୍କୁ ଦାୟିତ୍ୱ ବଣ୍ଟନ କେଉଁ ସାଂସଦ କେଉଁ ପ୍ରସଙ୍ଗରେ ସଂସଦରେ ଦାବି ଉପସ୍ଥାପନ କରିବେ। କିଭଳି ଓଡିଶାର ସ୍ୱରକୁ ଜାତୀୟ ସ୍ତରରେ ପହଞ୍ଚାଇବେ ସେ ନେଇ ଯୋଜନା ପ୍ରସ୍ତୁତ କରାଯାଇଛି। ଦଳୀୟ ସଂଗଠନ ଏବଂ ଆଗାମୀ ନିର୍ବାଚନ ପାଇଁ ପ୍ରସ୍ତୁତି ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ଦଳକୁ ତୃଣମୂଳ ସ୍ତରରେ କିଭଳି ଆହୁରି ମଜଭୁତ କରାଯିବ ସେ ନେଇ ମଧ୍ୟ ଆଲୋଚନା ହୋଇଛି। ବୈଠକରେ ବିଜେଡି ସୁପ୍ରିମୋ ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାଂସଦମାନଙ୍କୁ ଓଡିଶାର ହକ ଏବଂ ସ୍ୱାଭିମାନ ପାଇଁ ସଂସଦରେ କୌଣସି ଆପୋଷ ବୁଝାମଣା କରାଯିବ ନାହିଁ। ବିଶେଷ କରି ଏମ୍‌ପିଏ ଟଙ୍କା ବୃଦ୍ଧି, ପ୍ରାକୃତିକ ବିପର୍ଯ୍ୟୟ ପାଇଁ ସ୍ୱତନ୍ତ୍ର ପ୍ୟାକେଜ, ଭାଷା ସମ୍ମାନ ଏବଂ କେନ୍ଦ୍ରୀୟ ଅନୁଷ୍ଠାନ ପ୍ରତିଷ୍ଠା ଭଳି ପ୍ରସଙ୍ଗକୁ ଦଳ ସଂସଦରେ ପ୍ରାଥମିକତା ଦେବ ବୋଲି ଆଶା କରାଯାଉଛି।

### ସ୍କୁଲ ବହିରେ ...

ସମ୍ବେଦନଶୀଳ ମାମଲାର ମୁଖ୍ୟ ତଦନ୍ତକାରୀ ଅଧିକାରୀ ଭାବେ ନିଯୁକ୍ତ କରାଯାଇଛି।


ତଦନ୍ତକୁ ବ୍ୟାପକ ଓ ନିରପେକ୍ଷ ଭାବେ ପରିଚାଳନା କରିବା ପାଇଁ କ୍ରାଇମବ୍ରାଞ୍ଚ ପକ୍ଷରୁ ଏକାଧିକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ଗଠନ କରାଯାଇଛି। ପାଠ୍ୟପୁସ୍ତକ ପ୍ରସ୍ତୁତି, ବିଷୟବସ୍ତୁ ଚୟନ, ଅନୁମୋଦନ, ମୁଦ୍ରଣ, ପ୍ରକାଶନ ଏବଂ ବଣ୍ଟନ ପର୍ଯ୍ୟନ୍ତ ସମଗ୍ର ପ୍ରକ୍ରିୟାର ପ୍ରତ୍ୟେକ ପର୍ଯ୍ୟାୟକୁ ତନ୍ନ ତନ୍ନ କରି ଯାଞ୍ଚ କରାଯିବ। ଆବଶ୍ୟକ ସ୍ଥଳେ ସମ୍ପୃକ୍ତ ଦସ୍ତାବିଜ, ରେକର୍ଡ ଓ ଅନ୍ୟାନ୍ୟ ସାକ୍ଷ୍ୟ ସଂଗ୍ରହ କରାଯିବା ସହ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପଚରାଉଚରା କରାଯିବ।

କ୍ରାଇମବ୍ରାଞ୍ଚ ପକ୍ଷରୁ ଏହି ମାମଲାର ନିରପେକ୍ଷ ତଦନ୍ତ କରାଯାଇ ପ୍ରମାଣ ଆଧାରରେ ପରବର୍ତ୍ତୀ ଆଇନଗତ ପଦକ୍ଷେପ ଗ୍ରହଣ କରାଯିବ।

### ବଙ୍ଗୋପସାଗରକୁ ...

ମଡେଲଗୁଡ଼ିକର ପୂର୍ବାନୁମାନ ଅନୁଯାୟୀ, ଏହି ଆଇଟିସିଜେଡ୍ ବଳୟ ମଧ୍ୟରେ ଅନେକ ଉଷ୍ଣକଟିବନ୍ଧୀୟ ଲଘୁଚାପ ପ୍ରଣାଳୀ ସକ୍ରିୟ ଅଛନ୍ତି, ଯାହା ଧୀରେ ଧୀରେ ପଶ୍ଚିମ ଦିଗରେ ବଙ୍ଗୋପସାଗର ଆଡ଼କୁ ମାଡ଼ି ଆସୁଛନ୍ତି। ଆସନ୍ତା ୨୦ ରୁ ୩୦ ତାରିଖ ମଧ୍ୟରେ ଏହି ପ୍ରଣାଳୀ ଭାରତୀୟ ଉପମହାଦେଶକୁ ପ୍ରଭାବିତ କରିବ। ବିଶେଷ କରି ଓଡ଼ିଶାର ପଡ଼ୋଶୀ ରାଜ୍ୟ ବିହାର, ଝାଡ଼ଖଣ୍ଡ, ପୂର୍ବ ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ ଏବଂ ରାଜସ୍ଥାନ ଭଳି ଅଞ୍ଚଳରେ ଦୁର୍ବଳ ମୌସୁମୀ ପୁଣି ସକ୍ରିୟ ହେବ ଏବଂ ଭଲ ବର୍ଷା ହେବ।

# ବ୍ୟାସନଗରରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି



**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର କେ.ଏନ୍.ଡି.ଏ ସମ୍ମିଳନୀ କକ୍ଷ ବ୍ୟାସନଗର ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ମୋଟ ୨୭ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୫ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ ୦୨ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୧୦ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧୦ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ, ଯାଜପୁର ଯଶପ୍ରତାପ ଶ୍ରୀମାଲ, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଅତିରିକ୍ତ ଜିଲ୍ଲାପାଳ କଳିଙ୍ଗନଗର ସପନ କୁମାର ନନ୍ଦ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଭାରପ୍ରାପ୍ତ ତହସିଲଦାର, ବ୍ୟାସନଗର ପ୍ରଶାନ୍ତ କୁମାର ପୁହାଣ ଓ ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION-II,**
**JAJPUR AT JARAKA**

25001/719/2627

**1st CORRIGENDUM TO TENDER CALL NOTICE NO.**
**TENDER ONLINE JJPR-II -04 OF 2026-27**

The following modifications are made in respect of the Tender Call Notice No. "Tender Online JJPR-II-04 of 2026-27" due to some unavoidable circumstances.

1. The Tender Call Notice No. Tender Online JJPR-II-04 of 2026-27 will be available for online bidding from 17.07.2026 at 11.00 A.M to 27.07.2026 upto 5.00 P.M instead of 03.07.2026 at 11.00 A.M to 13.07.2026 upto 5.00 P.M.
2. The last date & time of seeking tender clarification will be 15.07.2026 upto 5.00 P.M instead of 10.07.2026 upto 4.00 P.M. The date of opening of tender shall be 28.07.2026 at 11.00 A.M. instead of 14.07.2026 at 11.00 A.M.

All other terms & conditions remain unchanged.

The above corrigendum shall only be published in the Govt. website www.tendersodisha.gov.in

Yours Faithfully
Sd/- Superintending Engineer
Rural Works Division-II
Jajpur At Jaraka

OIPR-25001/25080/1/26-27/0009

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. MCSW-ShopClean-26-27-11

**କାର୍ଯ୍ୟର ନାମ :** ମଞ୍ଚେଶ୍ୱରର ରେଳଡବା ମରାମତି କାରଖାନାରେ ସମସ୍ତ ସପ୍ ଚଟାଣ ଏବଂ ସଂଲଗ୍ନ ଅଞ୍ଚଳ, ପିଟ୍, ପିଟ୍ ସଂଲଗ୍ନ ଅଞ୍ଚଳ, ରାସ୍ତା ସଫା କରିବା ଏବଂ ସଂଗୃହିତ ଆବର୍ଜନାକୁ ମନୋନୀତ ସ୍ଥାନକୁ ସ୍ଥାନାନ୍ତର କରିବା।

**ବିଜ୍ଞାପିତ ମୂଲ୍ୟ:** ₹2,97,18,320.00, ଅମାନତ ରାଶି: ₹2,98,600.00, ସମାପ୍ତି ଅବଧି: 24 ମାସ

ବିଡିଂ ଆରମ୍ଭ ହେବା ତାରିଖ : 15.07.2026

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** 29.07.2026, 1500 ଘଣ୍ଟା

ଏହି ଟେଣ୍ଡର ପାଇଁ ମାନୁଆଲ୍ ପ୍ରସ୍ତାବ ଗ୍ରହଣୀୟ ନୁହେଁ, ଏବଂ ଏପରି ଯେକୌଣସି ମାନୁଆଲ୍ ପ୍ରସ୍ତାବକୁ ଅଣଦେଖା କରାଯିବ।

ଇ-ଟେଣ୍ଡର ଡକ୍ୟୁମେଣ୍ଟ ସମେତ ସମ୍ପୂର୍ଣ୍ଣ ସୂଚନା ୱେବସାଇଟ୍: www.ireps.gov.in ରେ ଉପଲବ୍ଧ।

ଉପମୁଖ୍ୟ ମେକାନିକାଲ୍ ଇଞ୍ଜିନିୟର (POH)
ରେଳଡବା ମରାମତି କାରଖାନା/ ମଞ୍ଚେଶ୍ୱର

PR-290/R/26-27

ଭୁବନେଶ୍ୱର, ୧୪ ଜୁଲାଇ, ମଙ୍ଗଳବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

## ରଥଯାତ୍ରାରେ ଭକ୍ତଙ୍କ ସୁରକ୍ଷା ପାଇଁ

# ପୁରୀର ବିଭିନ୍ନ ହୋଟେଲରେ ରାତ୍ରିକାଳୀନ ଯାଞ୍ଚ ଜାରି

ପୁରୀ, ୧୩।୭
ନ୍ୟୁଜ୍‌ବ୍ୟୁରୋ

ପବିତ୍ର ରଥଯାତ୍ରା ୨୦୨୬ ଅବସରରେ ଲକ୍ଷାଧିକ ଶ୍ରଦ୍ଧାଳୁ, ପର୍ଯ୍ୟଟକ ଏବଂ ଦେଶ-ବିଦେଶରୁ ଆସୁଥିବା ଅତିଥିମାନଙ୍କର ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ପୁରୀ ପୋଲିସ ପକ୍ଷରୁ ସମଗ୍ର ଜିଲ୍ଲାର ବିଭିନ୍ନ ହୋଟେଲ, ଲଜ୍, ଗେଷ୍ଟହାଉସ ଏବଂ ରହଣି ବ୍ୟବସ୍ଥା ଥିବା ପ୍ରତିଷ୍ଠାନଗୁଡ଼ିକରେ ବ୍ୟାପକ ରାତ୍ରିକାଳୀନ ଯାଞ୍ଚ ଅଭିଯାନ ଜାରି ରହିଛି। ଏହି ଅଭିଯାନରେ ପୁରୀ ପୋଲିସର ଥାନା ଅଧିକାରୀମାନଙ୍କ ନେତୃତ୍ୱରେ ବିଭିନ୍ନ ଥାନାର ପୋଲିସ ଅଧିକାରୀ, ସ୍ୱତନ୍ତ୍ର ଟିମ୍ ଏବଂ ସୁରକ୍ଷା ବାହିନୀ ସଦସ୍ୟମାନେ ଅଂଶଗ୍ରହଣ କରିଛନ୍ତି। ରାତ୍ରି ସମୟରେ ହଠାତ୍ ଯାଞ୍ଚ ମାଧ୍ୟମରେ ହୋଟେଲଗୁଡ଼ିକରେ ରହୁଥିବା ଅତିଥିମାନଙ୍କର ସୁରକ୍ଷା, ରେଜିଷ୍ଟର ଏବଂ ଡିଜିଟାଲ ରେକର୍ଡର ସଠିକ୍ ସଂରକ୍ଷଣ, ପରିଚୟପତ୍ର ଯାଞ୍ଚ, ସନ୍ଦେହଜନକ ବ୍ୟକ୍ତିଙ୍କ ଉପରେ ନଜରଦାରି ଏବଂ ସାମଗ୍ରିକ ଆଇନ-ଶୃଙ୍ଖଳା ପରିସ୍ଥିତିର ସମୀକ୍ଷା କରାଯାଇଥିଲା। ଯାଞ୍ଚ ସମୟରେ ହୋଟେଲ କର୍ତ୍ତୃପକ୍ଷଙ୍କୁ ସମସ୍ତ ଅତିଥିଙ୍କର ଠିକ୍ ପରିଚୟପତ୍ର ସଂଗ୍ରହ କରିବା, ଚେକ୍-ଇନ୍ ଏବଂ ଚେକ୍-ଆଉଟ୍ ସମ୍ବନ୍ଧୀୟ ରେକର୍ଡକୁ ସଠିକ୍ ଭାବେ ସଂରକ୍ଷଣ କରିବା, ସନ୍ଦେହଜନକ ବ୍ୟକ୍ତି କିମ୍ବା ଅସ୍ୱାଭାବିକ କାର୍ଯ୍ୟକଳାପ ସମ୍ପର୍କରେ ତୁରନ୍ତ ନିକଟସ୍ଥ ଥାନାକୁ ଅବଗତ କରିବା, ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ସକ୍ରିୟ ରଖିବା ଏବଂ ସିସିଟିଭି କ୍ୟାମେରା ସବୁବେଳେ କାର୍ଯ୍ୟକ୍ଷମ ରଖିବା ପାଇଁ ପରାମର୍ଶ ଦିଆଯାଇଥିଲା। ଏହା ସହିତ ହୋଟେଲ ପରିଚାଳକମାନଙ୍କୁ ବିନା ପରିଚୟପତ୍ରରେ କୌଣସି ବ୍ୟକ୍ତିଙ୍କୁ ରହିବାକୁ ଅନୁମତି ନ ଦେବା, ବିଦେଶୀ ନାଗରିକଙ୍କ ସମ୍ବନ୍ଧୀୟ ପ୍ରଚଳିତ ନିୟମାବଳୀକୁ କଡାକଡି ପାଳନ କରିବା ଏବଂ ପୋଲିସ ସହିତ ସର୍ବଦା ସମନ୍ୱୟ ରକ୍ଷା କରିବାକୁ ଅନୁରୋଧ କରାଯାଇଛି। ପୁରୀ ପୋଲିସ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ରଥଯାତ୍ରା ଅବସରରେ ଆସୁଥିବା ପ୍ରତ୍ୟେକ ଭକ୍ତ, ପର୍ଯ୍ୟଟକ ଓ ଅତିଥିଙ୍କୁ ଏକ ସୁରକ୍ଷିତ, ଶୃଙ୍ଖଳିତ ଓ ନିର୍ଭୟ ପରିବେଶ ପ୍ରଦାନ କରିବା ପାଇଁ ପୁରୀ ପୋଲିସ ୨୪×୭ ସଜାଗ ଏବଂ ସକ୍ରିୟ ରହିଛି। ସହରର ପ୍ରମୁଖ ସ୍ଥାନ, ଧାର୍ମିକ ସ୍ଥଳ, ପାର୍କିଂ ସ୍ଥାନ, ହୋଟେଲ, ବସ୍‌ଷ୍ଟାଣ୍ଡ, ରେଳ ଷ୍ଟେସନ, ସମୁଦ୍ରକୂଳ ଏବଂ ଅନ୍ୟାନ୍ୟ ଜନଗହଳିପୂର୍ଣ୍ଣ ଅଞ୍ଚଳରେ ପୋଲିସ ପାଟ୍ରୋଲିଂ ଓ ନଜରଦାରିକୁ ଆହୁରି ସୁଦୃଢ଼ କରାଯାଇଛି। ପୁରୀ ପୋଲିସ ସମସ୍ତ ହୋଟେଲ ମାଲିକ, ପରିଚାଳକ ଏବଂ ପର୍ଯ୍ୟଟନ ସମ୍ବନ୍ଧୀୟ ପ୍ରତିଷ୍ଠାନମାନଙ୍କୁ ଆଇନଗତ ନିୟମ ପାଳନ କରିବା ସହ ପୋଲିସକୁ ପୂର୍ଣ୍ଣ ସହଯୋଗ କରିବାକୁ ଅନୁରୋଧ କରାଯାଇଛି। ସେହିପରି ସମସ୍ତ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କୁ ମଧ୍ୟ ନିଜର ପରିଚୟପତ୍ର ସାଙ୍ଗରେ ରଖିବା, ସତର୍କ ରହିବା ଏବଂ କୌଣସି ସନ୍ଦେହଜନକ ଘଟଣା କିମ୍ବା ବ୍ୟକ୍ତିଙ୍କ ସମ୍ପର୍କରେ ତୁରନ୍ତ ପୋଲିସକୁ ସୂଚନା ଦେବା ପାଇଁ ଅନୁରୋଧ କରାଯାଇଛି। ପବିତ୍ର ରଥଯାତ୍ରାକୁ ଶାନ୍ତିପୂର୍ଣ୍ଣ, ସୁରକ୍ଷିତ ଓ ସଫଳ କରିବା ପାଇଁ ପୁରୀ ପୋଲିସ ସମସ୍ତ ସହଯୋଗୀ ସଂସ୍ଥା, ହୋଟେଲ କର୍ତ୍ତୃପକ୍ଷ, ସ୍ଥାନୀୟ ନାଗରିକ ଓ ଶ୍ରଦ୍ଧାଳୁମାନଙ୍କର ସହଯୋଗ କାମନା କରିଛି।

## ବ୍ୟାଙ୍କକ୍‌ରେ ଭୟଙ୍କର ଅଗ୍ନିକାଣ୍ଡ

# ୮ ମହିଳାଙ୍କ ସମେତ ଜଳିଗଲେ ୨୭

ବ୍ୟାଙ୍କକ୍, ୧୩।୭



ଥାଇଲାଣ୍ଡର ରାଜଧାନୀ ବ୍ୟାଙ୍କକ୍‌ର ଏକ ବାର୍‌ରେ ଭୟଙ୍କର ଅଗ୍ନିକାଣ୍ଡ ଘଟି ଅତି କମ୍‌ରେ ୨୭ ଜଣଙ୍କର ମୃତ୍ୟୁ ଘଟିଛି। ୧୮ ମହିଳାଙ୍କ ସମେତ ୨୭ଜଣ ଜିଅନ୍ତା ଜଳିଯାଇଛନ୍ତି। ୬୦ ଆହତଙ୍କ ମଧ୍ୟରୁ ୨୨ ଜଣ ଗୁରୁତର ହୋଇଛନ୍ତି। ରବିବାର ବିଳମ୍ବିତ ରାତିରେ ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲେ। ସୋସିଆଲ ମିଡିଆ 'ଏକ୍ସ'ରେ ପୋଷ୍ଟ ହୋଇଥିବା ଫୁଟେଜରେ ଲୋକମାନେ ବାହାରକୁ ଦୌଡ଼ିବା ସମୟରେ ବାର୍‌ରୁ ନିଆଁ ବାହାରକୁ ବାହାରିବା, କିଛି ଲୋକ ଚିତ୍କାର କରିବା ଏବଂ କିଛି ଲୋକ ତଳେ ପଡ଼ିଯିବାର ଦେଖିବାକୁ ମିଳିଛି। ପ୍ରଧାନମନ୍ତ୍ରୀ ଆନୁଟିନ୍ ଚାର୍ଣ୍ଣଭିରାକୁଲ ଶୋକ ପ୍ରକାଶ କରିବା ସହ ଏହାର ଉଚ୍ଚସ୍ତରୀୟ ତଦନ୍ତ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ଗଣମାଧ୍ୟମକୁ କହିଛନ୍ତି ଯେ, ୨୭ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି ଏବଂ ଅନ୍ୟମାନଙ୍କୁ ହସ୍ପିଟାଲକୁ ନିଆଯାଇଛି। ଅଗ୍ନିକାଣ୍ଡର କାରଣ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ।

# ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ମହିମାନ୍ୱିତ କରିବାରେ ଗୌରୀଶଙ୍କର ରାୟଙ୍କ ଅବଦାନ ଅବିସ୍ମରଣୀୟ

ସାଲେପୁର, ୧୩।୭
ନ୍ୟୁଜ୍

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ମହିମାନ୍ୱିତ କରିବାରେ କର୍ମବୀର ଗୌରୀଶଙ୍କର ରାୟଙ୍କ ଜୀବନବ୍ୟାପୀ ଅବଦାନ ଅବିସ୍ମରଣୀୟ ବୋଲି ବହୁ ବିଶିଷ୍ଟ ବ୍ୟକ୍ତି ମତବ୍ୟକ୍ତ କରିଛନ୍ତି। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର କର୍ଣ୍ଣଧାର ଗୌରୀଶଙ୍କରଙ୍କ ତ୍ୟାଗ ଓ ସଂଘର୍ଷର ଇତିହାସ କୋଟି କୋଟି ଓଡ଼ିଆଙ୍କୁ ଗର୍ବିତ କରିପାରିଛି। ଏହି କ୍ରାନ୍ତିଦ୍ରଷ୍ଟା ପୁରୁଷଙ୍କ ୧୮୮ତମ ଜନ୍ମ ଜୟନ୍ତୀ ମାହାଙ୍ଗା ନିର୍ବାଚନ ମଣ୍ଡଳୀର ଅସୁରେଶ୍ୱର ନିକଟସ୍ଥ ଦୀକ୍ଷିତପଡ଼ା ସରକାରୀ ବିଦ୍ୟାଳୟରେ ମାହାଙ୍ଗା ସାରସ୍ୱତ ସେବାମଞ୍ଚର ସଭାପତି ଡକ୍ଟର ଭାବଗ୍ରାହୀ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ଶାରଦା ପ୍ରସାଦ ମିଶ୍ର, ସାହିତ୍ୟିକ ବିରୁପାକ୍ଷ ରାୟ, ସାହିତ୍ୟିକ ଅଖିଳେଶ ମହାନ୍ତି, ପ୍ରକାଶକ ଚନ୍ଦ୍ରମଣି ଭୂୟାଁ, ପ୍ରଧାନ ଶିକ୍ଷୟିତ୍ରୀ ସୁଧାଂଶୁ ମାଳିନୀ ଓଝା, ଶିକ୍ଷୟିତ୍ରୀ ଦମୟନ୍ତୀ ସ୍ୱାଇଁ, ଯୁଗଜ୍ୟୋତି ଖଟୁଆ, ସାମ୍ବାଦିକ ଉମାଶଙ୍କର ସାହୁ, ଅସିତ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଦନ ମୋହନ ସାହୁ, ଅକ୍ଷୟ କୁମାର ସାହୁ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କର୍ମବୀର ଗୌରୀଶଙ୍କର ରାୟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା।



ଜନ୍ମମାଟିରେ କର୍ମବୀର ଗୌରୀଶଙ୍କର ରାୟଙ୍କ ୧୮୮ତମ ଜୟନ୍ତୀ ପାଳିତ

# ବାଂଲାଦେଶରେ ପ୍ରଳୟଙ୍କରୀ ବନ୍ୟା : ୪୪ ମୃତ

ଢାକା, ୧୩।୭



ବାଂଲାଦେଶରେ ମୌସୁମୀଜନିତ ପ୍ରବଳ ବର୍ଷା ଓ ବନ୍ୟା ଯୋଗୁ ସ୍ଥିତି ସଙ୍ଗିନ ହୋଇପଡ଼ିଛି। ଗତ ଏକ ସପ୍ତାହ ମଧ୍ୟରେ ବନ୍ୟା ଓ ଭୂସ୍ଖଳନଜନିତ ବିଭିନ୍ନ ଦୁର୍ଘଟଣାରେ ଅତିକମ୍‌ରେ ୪୪ଜଣ ପ୍ରାଣ ହରାଇଥିବାବେଳେ ପ୍ରାୟ ୨.୬ଲକ୍ଷରୁ ଅଧିକ ପରିବାର ପ୍ରଭାବିତ ହୋଇଛନ୍ତି। ନଦୀଗୁଡ଼ିକ ବିପଦସଙ୍କେତ ଉପରେ ପ୍ରବାହିତ ହେଉଥିବାରୁ ଦେଶର ଉତ୍ତର-ପୂର୍ବ ଏବଂ ଦକ୍ଷିଣ-ପୂର୍ବ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ଗତ ଶନିବାର ମଧ୍ୟରାତ୍ରିରୁ ରବିବାର ସକାଳ ୬ଟା ମଧ୍ୟରେ ରେକର୍ଡ ୭୬ ମିମି ବର୍ଷା ହେବା ଫଳରେ ରାଜଧାନୀ ଢାକାର ବହୁ ଅଞ୍ଚଳ ଜଳମଗ୍ନ ହୋଇଯାଇଛି, ଯାହାଦ୍ୱାରା ସହରୀ ଜୀବନଯାତ୍ରା ସମ୍ପୂର୍ଣ୍ଣ ବ୍ୟାହତ ହୋଇଛି। ସ୍ଥିତିକୁ ଦୃଷ୍ଟିରେ ରଖି ସ୍ଥାନୀୟ ପ୍ରଶାସନ ସହ ସେନା, ନୌସେନା ଓ ବାୟୁସେନାକୁ ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟରେ ନିୟୋଜିତ କରାଯାଇଛି।

ବାଂଲାଦେଶ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ଗତ ଜୁଲାଇ ୫ରୁ ଏପର୍ଯ୍ୟନ୍ତ ସରକାରୀ ଭାବେ ୪୪ଜଣଙ୍କ ମୃତ୍ୟୁ ରେକର୍ଡ କରାଯାଇଛି, ଯେଉଁଥିରେ ଜୁଲାଇ ୮ରେ କକ୍ସ ବଜାର ଶରଣାର୍ଥୀ ଶିବିରରେ ଭୂସ୍ଖଳନ ଯୋଗୁ ୭ଜଣ ରୋହିଙ୍ଗ୍ୟା ଶିଶୁ ଓ ଜଣେ ଶିକ୍ଷକ ପ୍ରାଣ ହରାଇଛନ୍ତି। ବର୍ତ୍ତମାନ ସୁଦ୍ଧା ପ୍ରାୟ ୨,୬୭,୯୧୮ ପରିବାର ଜଳବନ୍ଦୀ ଅବସ୍ଥାରେ ଥିବାବେଳେ ୪୪,୫୬୭ରୁ ଅଧିକ ବନ୍ୟାବିପନ୍ନ ୧୧୦୦ରୁ ଊର୍ଦ୍ଧ୍ୱ ଆଶ୍ରୟସ୍ଥଳୀରେ ଆଶ୍ରୟ ନେଇଛନ୍ତି। ବନ୍ୟାଞ୍ଚଳରେ ଲୋକେ ଘରର ଛାତ ଉପରେ କିମ୍ବା ପ୍ଲାଷ୍ଟିକ ଜରି ଟାଣି ରାସ୍ତାକଡ଼ରେ ରହିବାକୁ ବାଧ୍ୟ ହେଉଛନ୍ତି। ଏପରିକି ଅନେକ ସ୍ୱାସ୍ଥ୍ୟକେନ୍ଦ୍ର ଜଳମଗ୍ନ ହୋଇଯାଇଥିବାରୁ ଚିକିତ୍ସା ସେବା ଯୋଗାଇବା କଷ୍ଟକର ହୋଇପଡ଼ିଛି। ଢାକା ସମେତ ପ୍ରମୁଖ ବନ୍ଦର ସହର ଚଟ୍ଟଗ୍ରାମ ମଧ୍ୟ ମୂଷଳଧାରା ବର୍ଷା ଯୋଗୁ ଗମ୍ଭୀର ଭାବେ ପ୍ରଭାବିତ ହୋଇଛି। ଢାକାର ମିରପୁର ଭଳି ଅନେକ ଜନବହୁଳ ଅଞ୍ଚଳରେ ପାଣି ଜମି ରହିବା କାରଣରୁ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ବାଂଲାଦେଶର ବନ୍ୟା ପୂର୍ବାନୁମାନ ଓ ସତର୍କତା କେନ୍ଦ୍ର (ଏଫ୍‌ଏଫ୍‌ଡବ୍ଲୁସି) ଅନୁଯାୟୀ ମେଘନା ଓ ଦକ୍ଷିଣ-ପୂର୍ବ ପାର୍ବତ୍ୟ ଅବବାହିକାରେ ଥିବା ୪୫ଟି ନଦୀ ମନିଟରିଂ ଷ୍ଟେସନ ମଧ୍ୟରୁ ୭ଟିରେ ଜଳସ୍ତର ବିପଦସଙ୍କେତ ଉପରେ ରହିଛି। ଆଗାମୀ ୨୪ରୁ ୪୮ ଘଣ୍ଟା ମଧ୍ୟରେ ବାଂଲାଦେଶର ସିଲହଟ୍, ରଙ୍ଗପୁର ଏବଂ ମୟମନସିଂହ ସମେତ ପଡ଼ୋଶୀ ଭାରତୀୟ ରାଜ୍ୟ ଆସାମ, ମେଘାଳୟ ଓ ପଶ୍ଚିମବଙ୍ଗରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ବ୍ରହ୍ମପୁତ୍ର ଅବବାହିକାର ଅନ୍ୟ ଜିଲ୍ଲାଗୁଡ଼ିକରେ ବନ୍ୟା ସ୍ଥିତି ଆହୁରି ସଙ୍ଗିନ ହେବାର ଆଶଙ୍କା କରାଯାଉଛି।

# ମହିଳାଙ୍କୁ ଆକ୍ରମଣ କରି ୩୬ ଲକ୍ଷ ଟଙ୍କା ଲୁଟି ନେଲେ ଦୁର୍ବୃତ୍ତ

କଟକ, ୧୩।୭: ନ୍ୟୁଜ୍‌ବ୍ୟୁରୋ

କଟକ ସହରରେ ପୁଣି ଥରେ ଅପରାଧୀଙ୍କ ଦୌରାତ୍ମ୍ୟ ଦେଖିବାକୁ ମିଳିଛି। ସମ୍ରାଟ ହଲ୍ ନିକଟ ତାଳଦଣ୍ଡା ରାସ୍ତାରେ ଜଣେ ମହିଳାଙ୍କୁ ଆକ୍ରମଣ କରି ଦୁର୍ବୃତ୍ତମାନେ ୩୬ ଲକ୍ଷ ଟଙ୍କା ଥିବା ବ୍ୟାଗ୍ ଛଡ଼ାଇ ନେଇଥିବା ଅଭିଯୋଗ ହୋଇଛି। ଘଟଣାରେ ମହିଳାଙ୍କ ସହ ତାଙ୍କ କର୍ମଚାରୀ ମଧ୍ୟ ଆହତ ହୋଇଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ଜଣେ ମହିଳା ବ୍ୟବସାୟୀଙ୍କୁ ମରଣାନ୍ତକ ଆକ୍ରମଣ କରି ୩୬ ଲକ୍ଷ ଟଙ୍କା ନଗଦ ଲୁଟିନେଲେ ୬ ଲୁଟେରା। ରବିବାର ରାତି ପ୍ରାୟ ୧୦ରୁ ୧୦.୩୦ ମଧ୍ୟରେ ପିଙ୍କି ସାହା ନାମକ ଜଣେ ମହିଳା ଓ ତାଙ୍କ ସହ ଥିବା ଜଣେ ଗହଣା ଦୋକାନୀ କର୍ମଚାରୀ ଓଏମପି ଛକ ସ୍ଥିତ କଲିକତା ବସ୍ ଷ୍ଟପ୍‌କୁ ସ୍କୁଟିରେ ଯିବା ସମୟରେ ଜାତୀୟ ରାଜପଥ ୧୬ ତାଳଦଣ୍ଡା କେନାଲ ବ୍ରିଜ୍ ଉପରେ ୬ ଜଣ ଲୁଟେରା ହଠାତ୍ ଗାଡ଼ି ଅଟକାଇବା ସହ ଅତର୍କିତ ଆକ୍ରମଣ କରିଥିଲେ। ପିଙ୍କି ପ୍ରତିବାଦ କରିବାରୁ ତାଙ୍କୁ ମାରଣାସ୍ତ୍ର ଦେଖାଇବା ସହ ଲୁହାଛଡ଼ରେ ଆକ୍ରମଣ କରି ଟଙ୍କା ବୋଝେଇ ବ୍ୟାଗ୍ ଧରି ବାଇକ୍ ଯୋଗେ ଫେରାର ହୋଇ ଯାଇଥିଲେ ଦୁର୍ବୃତ୍ତ। ଆହତ ଅବସ୍ଥାରେ ରାସ୍ତାରେ ପଡ଼ିଥିବା ପିଙ୍କିଙ୍କୁ ପୁଲିସ ଉଦ୍ଧାର କରି ଏସସିବି ମେଡିକାଲକୁ ଚିକିତ୍ସା ପାଇଁ ପଠାଇଥିଲା। ପିଙ୍କି ସାହା ଜଣେ ସୁନା ବ୍ୟବସାୟୀ ହୋଇଥିବା ବେଳେ କଲିକତାରୁ ସୁନା ଅଳଙ୍କାର କିଣିବା ପାଇଁ ବସ୍ ଯୋଗେ ଓଏମ୍‌ପିରୁ ୧୦.୩୦ରେ ବାହାରିବାର ଥିଲା। ଏହାର କିଛି ମିନିଟ୍ ପୂର୍ବରୁ ରାଜରାସ୍ତାରେ ଲୁଟ୍ କରି ଚମ୍ପଟ୍ ମାରିଥିଲେ ଲୁଟେରା। ଏନେଇ ପିଙ୍କିଙ୍କ ସମ୍ପର୍କୀୟମାନେ ମଧୁପାଟଣା ଥାନାରେ ପହଞ୍ଚି ଘଟଣା ସମ୍ପର୍କରେ ଅଭିଯୋଗ କରିଛନ୍ତି। ପୁଲିସ ଟିମ୍ ମେଡିକାଲରେ ପହଞ୍ଚି ପିଙ୍କିଙ୍କ ବୟାନ ରେକର୍ଡ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି।

# ପ୍ରଶାନ୍ତ ପଟ୍ଟନାୟକ ଓଡ଼ିଶା ସାମ୍ବାଦିକ ଜଗତର ଉଜ୍ଜ୍ୱଳ ନକ୍ଷତ୍ର

ଭୁବନେଶ୍ୱର, ୧୩।୭
ନ୍ୟୁଜ୍‌ବ୍ୟୁରୋ

ପ୍ରଶାନ୍ତ ପଟ୍ଟନାୟକ ଓଡ଼ିଶା ସାମ୍ବାଦିକ ଜଗତର ଏକ ଉଜ୍ଜ୍ୱଳ ନକ୍ଷତ୍ର। ଷାଠିଏ ଦଶକ ଆରମ୍ଭରୁ ପ୍ରଥମେ ମଡ଼େଲିଂ, ଫଟୋଗ୍ରାଫିରୁ କ୍ୟାରିଅର ଆରମ୍ଭ କରିଥିବା ଶ୍ରୀ ପଟ୍ଟନାୟକ ସାରା ରାଜ୍ୟରେ ସାମ୍ବାଦିକତାରେ ବେଶ୍ ସୁନାମ ଅର୍ଜନ କରିଛନ୍ତି। 'ସମ୍ବାଦ କଳିକା' ସମେତ ଓଡ଼ିଶାର ବିଭିନ୍ନ ସମ୍ବାଦପତ୍ରରେ ରାଜ୍ୟସ୍ୱାର୍ଥ ଜଡ଼ିତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସ୍ତମ୍ଭ ରଚନା କରି ସେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ବିଶିଷ୍ଟ ସ୍ତମ୍ଭକାର ତଥା ବରିଷ୍ଠ ସାମ୍ବାଦିକ ହିସାବରେ ଶ୍ରୀ ପଟ୍ଟନାୟକ ସମ୍ପ୍ରତି ଓଡ଼ିଶାର ସାମ୍ବାଦିକ ମହଲରେ ବିଶେଷ ସମ୍ମାନର ଅଧିକାରୀ ହୋଇପାରିଛନ୍ତି।

ସୋମବାର ଶ୍ରୀ ପଟ୍ଟନାୟକ ୮୫ ବର୍ଷ ବୟସରେ ପଦାର୍ପଣ କରିଛନ୍ତି। ଏହି ଉପଲକ୍ଷେ ପୂର୍ବାହ୍ନରେ ଭୁବନେଶ୍ୱରସ୍ଥିତ ପୁରୁଣା ବସ୍‌ଷ୍ଟାଣ୍ଡ ଚା' ଖଟିରେ ଶ୍ରୀ ପଟ୍ଟନାୟକ ତାଙ୍କର ଜନ୍ମଦିନ ଉତ୍ସବକୁ ଅତ୍ୟନ୍ତ ନିଆରା ଓ ନିରାଡ଼ମ୍ବର ଭାବେ ପାଳନ କରିଥିଲେ। ଶ୍ରୀ ପଟ୍ଟନାୟକଙ୍କୁ ଜନ୍ମଦିନର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବାକୁ ଅନେକ ସାମ୍ବାଦିକ ସେଠାରେ ପହଞ୍ଚିଥିଲେ।

ଜନ୍ମଦିନ ଅବସରରେ ଶ୍ରୀ ପଟ୍ଟନାୟକ ତାଙ୍କର ସୁଦୀର୍ଘ ସାମ୍ବାଦିକତା ଜୀବନ କାଳର କିଛି ସ୍ମରଣୀୟ ମୁହୂର୍ତ୍ତ ଏବଂ ଗୁରୁତ୍ୱପୂର୍ଣ୍ଣ ଘଟଣାବଳି ସମ୍ପର୍କରେ ଅନୁଭୂତି ଅନୁଭବର ବାର୍ତ୍ତା ଯୁବ ସାମ୍ବାଦିକମାନଙ୍କ ସହ ସେୟାର କରିଥିଲେ। ଏହି ଅବସରରେ ବରିଷ୍ଠ ସାମ୍ବାଦିକ ରବି ଦାସ, ବିବେକାନନ୍ଦ ଜେନା, ବାଦଲ ମହାନ୍ତି, ସୁଧୀର ପଟ୍ଟନାୟକ, ଶରତ ପାଇକରାୟ, ଦିଲ୍ଲୀପ କୁମାର ସାବତ, କୃଷ୍ଣଚନ୍ଦ୍ର ବାରିକ, ଜଣାଶୁଣା କାର୍ଟୁନିଷ୍ଟ କମଳାକାନ୍ତ ମହାପାତ୍ର ପ୍ରମୁଖ ଶ୍ରୀ ପଟ୍ଟନାୟକଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଥିଲେ।

ଶ୍ରୀ ପଟ୍ଟନାୟକଙ୍କ ଜନ୍ମଦିନ ଉପଲକ୍ଷେ ସାମ୍ବାଦିକମାନେ ତାଙ୍କୁ ପୁଷ୍ପଗୁଚ୍ଛ ଓ ଉପହାର ପ୍ରଦାନ କରି ଜନ୍ମଦିନର ଶୁଭେଚ୍ଛା ଜଣାଇଥିଲେ। ଶ୍ରୀ ପଟ୍ଟନାୟକ କେକ୍ କାଟିଥିଲେ ଏବଂ ଉପସ୍ଥିତ ସାମ୍ବାଦିକମାନେ ତାଙ୍କୁ 'ହାପି ବାର୍ଥ ଡେ' ଜଣାଇଥିଲେ।

'ସମ୍ବାଦ କଳିକା' ସମ୍ପାଦକ ଜୟାଶୀଷ ରାୟ ଶ୍ରୀ ପଟ୍ଟନାୟକଙ୍କୁ ଜନ୍ମଦିନର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ତାଙ୍କର ସୁସ୍ଥ ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ। ସେହିପରି ବହୁ ବରିଷ୍ଠ ସାମ୍ବାଦିକ, ରାଜନେତା, ବୁଦ୍ଧିଜୀବୀ ଓ ଶିକ୍ଷାବିତ୍ ଶ୍ରୀ ପଟ୍ଟନାୟକଙ୍କୁ ଟେଲିଫୋନ୍ ଯୋଗେ ଜନ୍ମଦିନର ଶୁଭେଚ୍ଛା ଅଭିନନ୍ଦନ ଜଣାଇଥିଲେ।



# ବାଲେଶ୍ୱର ଜିଲ୍ଲା ଦୌରାଜଜ୍ କୋର୍ଟକୁ ବୋମା ଧମକ୍

ବାଲେଶ୍ୱର, ୧୩।୭
ନ୍ୟୁଜ୍‌ବ୍ୟୁରୋ

ବାଲେଶ୍ୱର ଜିଲ୍ଲା ଦୌରାଜଜ୍ କୋର୍ଟକୁ ଆସିଛି ବୋମା ଧମକ। କୋର୍ଟକୁ ବୋମାରେ ଉଡ଼ାଇ ଦେବାକୁ ବିଚାରପତିଙ୍କ ନିକଟକୁ ଆସିଛି ଇମେଲ୍। ଧମକ ଆସିବା ପରେ କୋର୍ଟ ପରିସରରେ ଲୋକେ ଭୟଭୀତ ହୋଇ ପଡ଼ିଥିଲେ। ତୁରନ୍ତ କୋର୍ଟ ପରିସରରୁ ସମସ୍ତଙ୍କୁ ଖାଲି କରାଯାଇଥିଲା। କୋର୍ଟ ପରିସରରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। କୋର୍ଟ ପରିସରରେ ପୁଲିସ ମୁତୟନ ହୋଇଛି। ବୋମା ନିଷ୍କ୍ରିୟକାରୀ ଟିମ୍ କୋର୍ଟ ପରିସରରେ ଛାନ୍‌ଭିନ୍ କରୁଛନ୍ତି।


## ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୧୩/୦୭/୨୦୨୬
୧,୦୮,୬୩୩/- ଟଙ୍କା
ସୁନା:- ଶୂନ୍ୟ
ରୂପା:- ଶୂନ୍ୟ

# ସୂର୍ଯ୍ୟାସ୍ତ ପରେ ମଶାଲ ଜାଳି ରଥ ଟଣା ଯାଇପାରିବ : ଗଜପତି

ପୁରୀ, ୧୩।୭
ନ୍ୟୁଜ୍‌ବ୍ୟୁରୋ

ଶ୍ରୀଜଗନ୍ନାଥ ସଂସ୍କୃତି ଓ ପରମ୍ପରା ବିଶ୍ୱବ୍ୟାପୀ ହେଉ। ରଥଯାତ୍ରା ଆଉ ପୁରୀ, ଓଡ଼ିଶା କିମ୍ବା ଦେଶରେ ସୀମିତ ହୋଇ ରହିନାହିଁ; ଏହା ବିଶ୍ୱବ୍ୟାପୀ ହୋଇସାରିଛି ବୋଲି କହିଛନ୍ତି ମହାପ୍ରଭୁଙ୍କ ଆଦ୍ୟସେବକ ଗଜପତି ମହାରାଜା ଦିବ୍ୟସିଂହଦେବ। 'ରାଜପ୍ରସାଦ ବିଜେ' ନୀତି ଅବସରରେ ଶ୍ରୀନଅରରେ ଗଜପତି ମହାରାଜା ଗଣମାଧ୍ୟମକୁ କହିଛନ୍ତି ଯେ ମହାପ୍ରଭୁ ଶ୍ରୀଜଗନ୍ନାଥ ସମଗ୍ର ବିଶ୍ୱର ଦେବତା। ରଥଯାତ୍ରା ଦର୍ଶନ କରି ଅଗଣିତ ଶ୍ରଦ୍ଧାଳୁ ଆନନ୍ଦିତ ହୁଅନ୍ତି। ଶ୍ରୀଗୁଣ୍ଡିଚା ଯାତ୍ରା ଓ ବାହୁଡ଼ା ଯାତ୍ରା ଶୃଙ୍ଖଳିତ ହେଉ। ସମ୍ପୂର୍ଣ୍ଣ ଭକ୍ତି ଓ ଶୁଦ୍ଧପୂତ ଭାବେ ଶ୍ରଦ୍ଧାଳୁମାନେ ରଥଯାତ୍ରା ଦର୍ଶନ କରନ୍ତୁ ଏବଂ ନିଜ ଜୀବନକୁ ଧନ୍ୟ କରନ୍ତୁ। ଚଳିତବର୍ଷ ରାଜପ୍ରାସାଦ ବିଜେ କାର୍ଯ୍ୟକ୍ରମରେ ସେବକଙ୍କ ସହ ମନ୍ଦିର ପ୍ରଶାସନ ଓ ପୁଲିସ ଅଧିକାରୀ ସାମିଲ ହେବା ଆନନ୍ଦର ବିଷୟ। ମହାପ୍ରଭୁଙ୍କ ପହଣ୍ଡି ଯେପରି ସୁବିଧାରେ ହେବ ଏବଂ ଭକ୍ତମାନେ ଦର୍ଶନ କରିପାରିବେ, ସେଥିପାଇଁ ଦଇତାପତିଙ୍କୁ ପରାମର୍ଶ ଦିଆଯାଇଛି।




# ଭିଜିଲାନ୍ସ ଜାଲରେ ଓଡ଼ିଶା ନିର୍ମାଣ ନିଗମ ଲିମିଟେଡର ନିର୍ବାହୀ ଯନ୍ତ୍ରୀ ସଞ୍ଜୟ କିସପେଟା

କଟକ, ୧୩।୭
ନ୍ୟୁଜ୍‌ବ୍ୟୁରୋ

ଭିଜିଲାନ୍ସ ଜାଲରେ ଓଡ଼ିଶା ନିର୍ମାଣ ନିଗମ ଲିମିଟେଡର ନିର୍ବାହୀ ଯନ୍ତ୍ରୀ ତଥା କୋରାପୁଟ ଆଇଟିଡିଏର ପୂର୍ବତନ ସହକାରୀ ଯନ୍ତ୍ରୀ ସଞ୍ଜୟ କିସପେଟା। ଆୟବହିର୍ଭୂତ ସମ୍ପତ୍ତିଠୁଳ ଅଭିଯୋଗରେ ବଡ଼ ଧରଣର ଚଢ଼ଉ କରିଛି ଓଡ଼ିଶା ଭିଜିଲାନ୍ସ। ରାଜ୍ୟର ୭ଟି ସ୍ଥାନରେ ଏକକାଳୀନ ତଲାସି ଜାରି ରହିଥିବା ବେଳେ ବହୁ ମୂଲ୍ୟବାନ ସମ୍ପତ୍ତି ଓ ଦସ୍ତାବିଜ୍ ଠାବ କରାଯାଇଛି। ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତଙ୍କ ସର୍ଚ୍ଚ ୱାରେଣ୍ଟ ଆଧାରରେ ୬ ଜଣ ଡିଏସପି, ୮ ଜଣ ଇନ୍ସପେକ୍ଟର, ୭ ଜଣ ଏଏସଆଇ ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କୁ ନେଇ ଗଠିତ ଟିମ୍ ସଞ୍ଜୟ କୁମାର କିସପେଟାଙ୍କ ୭ଟି ସ୍ଥାନରେ ଏକକାଳୀନ ଚଢ଼ଉ କରିଥିଲା। ଏହି ତଲାସି କୋରାପୁଟର ଭଡ଼ା ଘର, କୁମ୍ଭା-୧ ମୌଜାରେ ଥିବା ୪ ମହଲା ହୋଟେଲ, କୁମ୍ଭା-୨ରେ ନିର୍ମାଣାଧୀନ ବାସଭବନ, ସୁନ୍ଦରଗଡ଼ର ପୈତୃକ ଘର ଓ ନିର୍ମାଣାଧୀନ ୩ ମହଲା କୋଠା ସହ ଭୁବନେଶ୍ୱର ଓ ବଲାଙ୍ଗିରର ସରକାରୀ ବାସଭବନ ଏବଂ କାର୍ଯ୍ୟାଳୟରେ କରାଯାଇଥିଲା। ତାଙ୍କର କୋରାପୁଟରେ ୫ଟି ପ୍ଲଟ୍, ଭୁବନେଶ୍ୱରରେ ଗୋଟିଏ ପ୍ଲଟ୍ ଏବଂ ରାଉରକେଲାର ଲହୁଣୀପଡ଼ାରେ ୨ଟି ଦାମୀ ପ୍ଲଟ୍ ଠାବ କରାଯାଇଛି। ଏହାଛଡ଼ା କୋରାପୁଟରେ ଥିବା ୪ ମହଲା ବିଶିଷ୍ଟ ବିଳାସପୂର୍ଣ୍ଣ ହୋଟେଲ, ଯାହାର ଆନୁମାନିକ ମୂଲ୍ୟ ୨ କୋଟି ଟଙ୍କାରୁ ଅଧିକ ବୋଲି ଭିଜିଲାନ୍ସ ସୂଚନା ଦେଇଛି। ତଲାସି ବେଳେ ଦୁଇଟି ଦାମୀ କାର୍, ଗୋଟିଏ ବୁଲେଟ୍, ଗୋଟିଏ ସ୍କୁଟି, ବହୁ ପରିମାଣର ସୁନା ଓ ରୂପା ଅଳଙ୍କାର, ବିଭିନ୍ନ ଜୀବନ ବୀମା ସମ୍ବନ୍ଧୀୟ କାଗଜପତ୍ର ଏବଂ ଅନେକ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ଠାବ ହୋଇଛି। ତଲାସି ଏବେ ବି ଜାରି ରହିଛି। ସମସ୍ତ ସମ୍ପତ୍ତିର ମୂଲ୍ୟାଙ୍କନ ଓ ଯାଞ୍ଚ ଶେଷ ହେବା ପରେ ଜବତ ସାମଗ୍ରୀ ଓ ଆୟବହିର୍ଭୂତ ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ ସହ ବିସ୍ତୃତ ରିପୋର୍ଟ ପ୍ରକାଶ କରାଯିବ। ସୂଚନା ଅନୁଯାୟୀ, ସଞ୍ଜୟ କୁମାର କିସପେଟା ୨୦୧୧ ମସିହାରେ ଜଳ ସମ୍ପଦ ବିଭାଗ ଅଧୀନରେ ସହକାରୀ ଯନ୍ତ୍ରୀ ଭାବରେ ସରକାରୀ ଚାକିରିରେ ଯୋଗ ଦେଇଥିଲେ ଏବଂ ୯୩୦୦ ଟଙ୍କା ଦରମାରେ କୋରାପୁଟ ଜିଲ୍ଲାର ନାରାୟଣପାଟଣା ବ୍ଲକରେ ନିଯୁକ୍ତି ପାଇଥିଲେ। ୨୦୧୬ ମସିହାରେ ତାଙ୍କୁ ନିୟମିତ କରାଯାଇଥିଲା ଏବଂ ୨୦୧୮ ପର୍ଯ୍ୟନ୍ତ ନାରାୟଣପାଟଣା ବ୍ଲକରେ ସମାନ ପଦବୀରେ କାର୍ଯ୍ୟ ଜାରି ରଖିଥିଲେ। ୨୦୧୮ରୁ ୨୦୨୧ ପର୍ଯ୍ୟନ୍ତ ତାଙ୍କୁ କୋରାପୁଟ ଜିଲ୍ଲାର ପଟାଙ୍ଗି ବ୍ଲକରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଭାବରେ ବଦଳି କରାଯାଇଥିଲା। ୨୦୨୧ରୁ ଫେବୃଆରୀ ୨୦୨୫ ପର୍ଯ୍ୟନ୍ତ ତାଙ୍କୁ କୋରାପୁଟର ଆଇଟିଡିଏରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଭାବରେ ନିଯୁକ୍ତି ଦିଆଯାଇଥିଲା। ୬ ମାର୍ଚ୍ଚ ୨୦୨୬ରେ ତାଙ୍କୁ ନିର୍ବାହୀ ଯନ୍ତ୍ରୀ ପଦବୀକୁ ପଦୋନ୍ନତି ଦିଆଯାଇ ଭୁବନେଶ୍ୱରର ଓଡ଼ିଶା ନିର୍ମାଣ ନିଗମ ଲିମିଟେଡ୍‌ରେ ନିଯୁକ୍ତି ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ତାଙ୍କୁ ବଲାଙ୍ଗୀରର ଓଡ଼ିଶା ନିର୍ମାଣ ନିଗମ ଲିମିଟେଡ୍‌ରେ ଡେପୁଟେସନ କରାଯାଇଥିଲା।





ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସୂ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com






ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com